CMYK

- Vol.- 45, Issue No. 20
- Sunday, 20 April 2025
- ରବିବାର, ୨୦ ଏପ୍ରିଲ ୨୦୨୫
- **Bhubaneswar**
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ସମାରୋହରେ ମୁଖ୍ୟମନ୍ତ୍ରୀ

# 'ଓଡ଼ିଶା ପୁଷ୍ଟି ମିଶନ' ପ୍ରତିଷ୍ଠା କରାଯିବ



ଭୁବନେଶ୍ୱର, ୧୯ ।୪(ନିପ୍ର) ସମୃଦ୍ଧ ଓଡିଶା ଗଠନ ପାଇଁ ଓଡିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା । ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି । ତେବେ ଏହାର ସଫଳତା ପାଇଁ ସାମୂହିକ ସଚେତନତା ଖୁବ୍ ଜରୁରୀ । ଶନିବାର ସ୍ଥାନୀୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ଉଦ୍‌ଘାଟନ କରିବା ସହିତ ଏକ ଲାଇବ୍ରେରୀ ହଲ ଏବଂ ଅଙ୍ଗନବାଡି ଟ୍ରେନିଙ୍ଗ୍ ସେଣ୍ଟର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି । ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଙ୍ଗକୁ ଓଡିଶାର ମହୀୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିବା ସହିତ ପ୍ରତିଷ୍ଠାନର କନଫରେନସ୍ ହଲ୍ କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବା ପାଇଁ ମଧ୍ୟ ଘୋଷଣା କରିଛନ୍ତି । ସୂଚନାଥାଉ କି, ଏହି ପ୍ରତିଷ୍ଠାନର ଅଡିଟୋରିଅମ୍ ହଲ୍‌କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍‌କୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନବାଡି ଟ୍ରେନିଙ୍ଗ ସେଂଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ

- **ପୁଷ୍ଟି ନିରାପତ୍ତା ପାଇଁ ସାମୂହିକ ସଚେତନତା ଜରୁରୀ**
- **ନୂତନ ପ୍ରଶିକ୍ଷାର୍ଥୀ ନିବାସ, ତାଲିମ ଗୃହ ଉଦ୍‌ଘାଟିତ**
- **ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ୮ଟି ବିଲ୍‌ଡିଂ ୮ଜଣ ମହୀୟସୀ ମହିଳାଙ୍କ ନାମରେ ନାମିତ**

ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନବାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍‌କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ହୋଇପାରିବ ଓ ଭବିଷ୍ୟତରେ ଏକ ଆଦର୍ଶ ନାଗରିକ ହୋଇପାରିବ । ସୁସ୍ଥ ଶିଶୁ, ସୁସ୍ଥ ଭବିଷ୍ୟତର ପ୍ରତୀକ । ପୋଷଣ ପକ୍ଷ ପାଳନ ସମୟରେ ଶିଶୁ ଜୀବନର ପ୍ରଥମ ଏକ ହଜାର ଦିନ ମଧ୍ୟରେ ପୋଷଣର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି । ଶୈଶବରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟ ଉନ୍ନତ ହେବା ସହିତ ତା'ର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ । ପୋଷଣ ଉପରେ ଆମର ନୂଆ ସରକାର ଅଧିକ ଫୋକସ୍ ରଖି କାମ କରିବା ଆରମ୍ଭ କରିଛନ୍ତି । ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡ଼ିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ । ପୋଷଣ ଅଭିଯାନରେ ମହିଳା ଓ ଶିଶୁ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତ ବର୍ଷ ବଜେଟ୍‌ରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ହଜାର ଟଙ୍କାରୁ ୧୨ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ସବୁ ପଦକ୍ଷେପ ଓଡିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ । ଯେହେତୁ ଏକ ସମୃଦ୍ଧ ଓଡିଶା ଗଠନ ଆମର ଲକ୍ଷ୍ୟ ତେଣୁ, ଆମ ଓଡିଶାକୁ ସୁ-ପୋଷିତ କରିବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣ ମାନେ ପିଲାମାନଙ୍କ ପୋଷଣ ଦାୟିତ୍ୱ ସହିତ ସେମାନଙ୍କୁ ପ୍ରାରମ୍ଭିକ ମୌଳିକ ଶିକ୍ଷା ବି ଦେଉଛନ୍ତି । ଆପଣ ମାନେ ହେଉଛନ୍ତି ପିଲାଙ୍କ ପାଇଁ ଦ୍ୱିତୀୟ ମା' । ପ୍ରତି ବର୍ଷ ମାର୍ଚ୍ଚ-ଏପ୍ରିଲ ମାସରେ ୧୫ ଦିନ ଧରି ପୋଷଣ ପକ୍ଷ ପାଳନ କରାଯାଏ । ଚଳିତ ବର୍ଷ ଅଙ୍ଗନବାଡିଠୁ ଆରମ୍ଭ କରି ଜାତୀୟସ୍ତର ପର୍ଯ୍ୟନ୍ତ ଏପ୍ରିଲ ୮ରୁ ୨୨ ତାରିଖ ପର୍ଯ୍ୟନ୍ତ ପୋଷଣ ପକ୍ଷ ପାଳନ କରାଯାଉଛି ।

## ଓଆଇଏସ୍ଏଫ୍‌ର ହେବ ଆଉ ଏକ ବାଟାଲିଅନ

- **ଗଠନକୁ ମଞ୍ଜୁରି ଦେଲେ ମୁଖ୍ୟମନ୍ତ୍ରୀ**
- **୧୦୪୦ ନୂତନ ପଦବୀ ସୃଷ୍ଟି**



ଭୁବନେଶ୍ୱର, ୧୯ ।୪(ନିପ୍ର): ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ' (ଓଆଇଏସଏଫ)ର ଆଉ ଏକ ବାଟାଲିଅନ ଗଠନ କରାଯିବ । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି । ଏହି ନୂତନ ବାଟାଲିଅନ ପାଇଁ ସମୁଦାୟ ୧୦୪୦ ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟରେ ଓଆଇଏସଏଫ୍ ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଅଛି । ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ । ନୂଆ ବାଟାଲିଅନ ସୃଷ୍ଟି ହେବା ପରେ ଏଥିରେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରିବ । ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ହେବ । ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି । ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆ ବାଟାଲିଅନ ଗଠନକୁ ମଞ୍ଜୁରି ଦେଇଛନ୍ତି ।

## ପୁଣି ବିଜେଡି ମଙ୍ଗ ନବୀନଙ୍କ ହାତରେ

ଭୁବନେଶ୍ୱର, ୧୯ ।୪: ନବମ ଥର ପାଇଁ ବିଜେଡି ସଭାପତି ହୋଇଛନ୍ତି ନବୀନ ପଟ୍ଟନାୟକ । ନିର୍ଦ୍ୱନ୍ଦ୍ୱରେ ସେ ସଭାପତି ପଦକୁ ମନୋନୀତ ହୋଇଛନ୍ତି । ବିଜେଡି ସଭାପତି ଭାବେ ନବୀନ ପଟ୍ଟନାୟକଙ୍କ ନାମ ଶନିବାର ବିଧିବଦ୍ଧ ଭାବେ ଘୋଷଣା ହୋଇଛି । କାରଣ ଦଳରୁ ନବୀନଙ୍କ ବ୍ୟତୀତ ଆଉ କେହି ଏହି ପଦ ଲାଗି ନାମାଙ୍କନପତ୍ର ଦାଖଲ କରି ନ ଥିଲେ । ପୂର୍ବରୁ ମଧ୍ୟ ୧୯ରେ ନବୀନ ସଭାପତି ଭାବେ ୯ମ ଥର ଲାଗି ଦାୟିତ୍ୱ ନେବେ ବୋଲି ଦଳ ଭିତରେ ଚର୍ଚ୍ଚା ହେଉଥିଲା । ଅନ୍ୟପକ୍ଷେ ଦଳର ରାଜ୍ୟ ପରିଷଦ ବୈଠକ ଶଙ୍ଖ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ ଦଳର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ ।

## ୨୪ରେ ଷଷ୍ଠ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୧୯ ।୪: ଏପ୍ରିଲ ୨୪ରେ ମିଳିବ ସୁଭଦ୍ରା ଟଙ୍କା । ଏ ସଂକ୍ରାନ୍ତରେ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି । ପଞ୍ଚାୟତିରାଜ ଦିବସରେ ପୁରୀ ଠାରେ ଟଙ୍କା ପ୍ରଦାନ କରାଯିବ । ଷଷ୍ଠ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ବଣ୍ଟନ କରିବେ ସରକାର । ପ୍ରାୟ ୧ ଲକ୍ଷ ୭୦ ହଜାର ମହିଳା ଏକାଥରେ ଦୁଇଟି କିସ୍ତି ଟଙ୍କା ପାଇବେ । ମାର୍ଚ୍ଚ ୩୧ ଯାଏଁ ଆବେଦନ କରିଥିବା ମହିଳା ଏହି ଟଙ୍କା ପାଇବେ ।

## ପ୍ରକାଶ ପାଇଲା ଜେଇ ମେନ୍ ଫଳାଫଳ, ୨୪ ଟପ୍ପର

ନୂଆଦିଲ୍ଲୀ, ୧୯।୪: ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଶୁକ୍ରବାର ବିଳମ୍ବିତ ରାତିରେ ଦେଶର ସର୍ବବୃହତ ଇଞ୍ଜିନିୟରିଂ ଯୁଗ୍ମ ପ୍ରବେଶିକା ମୁଖ୍ୟ ପରୀକ୍ଷା (ଜେଇ ମେନ୍) ୨୦୨୫ର ଫଳାଫଳ ପ୍ରକାଶ କରିଛି ।ଦୁଇ ଝିଅ ସମେତ ୨୪ ଛାତ୍ରୀଛାତ୍ର ଜେଇ ମେନ୍‌ରେ ଶତ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ଏହି ପରୀକ୍ଷା ଜାନୁଆରୀ ଏବଂ ଏପ୍ରିଲରେ ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା । ଏଥର ୧୫,୩୯,୮୪୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ, ଯେଉଁଥିରୁ ୧୪,୭୫,୧୦୩ ଜଣ ପରୀକ୍ଷା ଦେଇଥିଲେ ।ଜେଇଇ ଆଡଭାନ୍ସଡ ୨୦୨୫ ପାଇଁ କଟ୍-ଅଫ୍ ପ୍ରକାଶ ପାଇଛି, ଯେଉଁଥିରେ ୨,୫୦,୨୩୬ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଫଳାଫଳ ମୁତାବକ ୨୪ ଟପ୍ପର ହୋଇଛନ୍ତି । ସେମାନେ ହେଲେ ରାଜସ୍ଥାନର ଓମପ୍ରକାଶ ବେହେରା, ସକାମ ଜିନ୍ଦଲ, ଅର୍ଣ୍ଣବ ସିଂ, ରଜିତ ଗୁପ୍ତା, ମହମ୍ମଦ ଅନାସ, ଲକ୍ଷା ଶର୍ମା ଆନ୍ଧ୍ରପ୍ରଦେଶ: ସାଇ ମନୋଗ୍ନା ଗୁଥିକୋଣ୍ଡା ଦିଲ୍ଲୀ: ଦକ୍ଷ, ହର୍ଷ ଝାଗୁଜରାଟ: ଶିବନ ବିକାଶ ତୋଷନିୱାଲ, ଅଦିତ ପ୍ରକାଶ ବାଗ୍‌ଡେ, କର୍ଣ୍ଣାଟକ: କୁଶଗ୍ରା ଗୁପ୍ତା ମହାରାଷ୍ଟ୍ର: ଆୟୁଷ ରବି ଚୌଧୁରୀ, ସାନିଧ୍ୟ ସରାଫ, ବିଷାଦ ଜୈନ ତେଲେଙ୍ଗାନା: ୱାଙ୍ଗଲା ଅଜୟ ରେଡ୍ଡୀ, ବାଣୀବ୍ରତ ମାଝୀ, ହର୍ଷ ଏ ଗୁପ୍ତା । ଉତ୍ତରପ୍ରଦେଶ: ଶ୍ରେୟା ଲୋହିଆ, କୁଶଗ୍ରା ବଙ୍ଗାହା, ସୌରଭ ପଶ୍ଚିମବଙ୍ଗ: ଦେବଦତ୍ତ ମାନଝୀ, ଆର୍ଚ୍ଚିସମାନ ନନ୍ଦୀ ।

## ୪ ବର୍ଷର ଶିଶୁ କନ୍ୟାକୁ ଧରି କିନ୍ନର ଚମ୍ପଟ

କରଞ୍ଜିଆ, ୧୯ ।୪: ଉଡ଼ାଯାତ୍ରା ଦେଖିବାକୁ ଆସିଥିବା ମହିଳାଙ୍କ ୪ ବର୍ଷର ଝିଅକୁ ଅପହରଣ କରିନେଇଛି ଜଣେ କିନ୍ନର । ଘଟଣା ଘଟିଛି ମୟୂରଭଞ୍ଜ ଠାକୁରମୁଣ୍ଡାରେ । ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ମହୁଲପଦା ଗ୍ରାମର ସିପି ପାତ୍ର କେନ୍ଦ୍ରାପଡ଼ା ଆଳିରେ ଦିନ ମଜୁରିଆ ଭାବେ କାମ କରନ୍ତି । ୧୭ ତାରିଖରେ ଆଳିରୁ ଠାକୁରମୁଣ୍ଡାକୁ ଉଡ଼ାଯାତ୍ରା ଦେଖିବାକୁ ଆସି ସନ୍ଧ୍ୟାରେ ଠାକୁରମୁଣ୍ଡା ହନୁମାନ ଛକରେ ଓହ୍ଲାଇଥିଲେ । ହେଲେ ଶୌଚାଳୟ ପାଇଁ ଯିବାର ଆବଶ୍ୟକତା ପଡ଼ିବାରୁ ସେ ନିଜ କନ୍ୟା ସନ୍ତାନକୁ ସେଠାରେ ଥିବା ଜଣେ କିନ୍ନରଙ୍କ ପାଖରେ ଛାଡ଼ି ଯାଇଥିଲେ । ଶୌଚ ସାରି ଫେରିବା ପରେ ଛୁଆ କିମ୍ବା କିନ୍ନରକୁ ନପାଇ ଏଣେ ତେଣେ ଖୋଜିଥିଲେ । ଅନେକ ସମୟ ଖୋଜିବା ପରେବି ଛୁଆକୁ ପାଇନଥିଲେ ସିପି । ଶେଷରେ ନିରାଶ ହୋଇ ୧୮ ତାରିଖ ଦିନ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜକୁ ମଧ୍ୟ ତଦନ୍ତ ପରିସରକୁ ନେଇଛି । ତେବେ ଜଣାପଡ଼ିଛି କିନ୍ନର ଜଣକ ଲକ୍ଷ୍ମୀ ନାମକ ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଚାଲିଯାଇଛନ୍ତି ।

## କେନ୍ଦ୍ରୀୟ ବିଦ୍ୟାଳୟ ୨ ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟିତ




ଟିଟିଲାଗଡ଼ / ପାଟଣାଗଡ଼ / ଭୁବନେଶ୍ୱର, ୧୯ ।୪: ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ପାଖାପାଖି ୧୨୦ କୋଟିରୁ ଅଧିକ ଟଙ୍କାର ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି ବୋଲି ଶନିବାର କେନ୍ଦ୍ରୀୟ ବିଦ୍ୟାଳୟ, ଟିଟିଲାଗଡ଼ ଏବଂ ପାଟଣାଗଡ଼ର ଅସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନ ଏବଂ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ଡିସେମ୍ବରରେ ସମଗ୍ର ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏବଂ ୨୮ଟି ନୂଆ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁର ଦେଇଥିଲେ, ଯେଉଁଥିରେ ଓଡ଼ିଶାରେ ନୂଆ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଥିଲା । ଏହି ପରିପ୍ରେକ୍ଷୀରେ ଡବଲ ଇଞ୍ଜିନ ସରକାରର ପ୍ରଚେଷ୍ଟା କାରଣରୁ ବଲାଙ୍ଗିର ଜିଲ୍ଲାର ରେଲୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ପାଇଁ ଶନିବାର ଭୂମିପୂଜନ ସହ ଅସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ ହୋଇଛି । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଲେଖାଁଏ ଅର୍ଥାତ୍ ମୋଟ୍ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । ରେଳ ବିଭାଗର ସହଯୋଗରେ ଟିଟିଲାଗଡ଼ ରେଲୱେ କଲୋନୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ପ୍ରମୁଖ ଅନୁଷ୍ଠାନ ଖୋଲାଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ । ସେହିପରି ପାଟଣାଗଡ଼ ଉଲବା ଠାରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତେବେ ଏହି ଦୁଇଟି ବିଦ୍ୟାଳୟ ନିର୍ମାଣ ହେବା ପର୍ଯ୍ୟନ୍ତ ଟିଟିଲାଗଡ଼ କେଭିର ଅସ୍ଥାୟୀ କ୍ୟାମ୍ପସ ବ୍ଲକପଡ଼ା ଠାରେ ଏବଂ ପାଟଣାପଡ଼ା କେଭିର ଅସ୍ଥାୟୀ କ୍ୟାମ୍ପସ ଇଟିଇଆଇ ପରିସରରେ ପରିଚାଳିତ ହେବ । ବଲାଙ୍ଗିର ଜିଲ୍ଲାକୁ ଟିଟିଲାଗଡ଼ ଓ ପାଟଣାଗଡ଼ରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ଉପହାର ଭାବରେ ଦେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।

## ଦ୍ୱୈତ ମହାନଗରୀରେ ହେବ ନୂଆ ଆଇଟି ପାର୍କ

ଭୁବନେଶ୍ୱର, ୧୯ ।୪: କଟକ ଓ ଭୁବନେଶ୍ୱର ଟ୍ୱିନ ସିଟିରେ ନୂଆ ଆଇଟି ପାର୍କ ତିଆରି ହେବ । ୧୦୦୦ ହେକ୍ଟର ଜମିରେ ତିଆରି ହେବ ନୂଆ ଆଇଟି ପାର୍କ । ଆଇଟି ଶିଳ୍ପ ପାଇଁ ତିଆରି ହେବ ପ୍ଲଗ ଆଣ୍ଡ୍ ପ୍ଲେ ସୁବିଧା ଥିବା ବିଲ୍ଟ ଅପ୍ ଏରିଆ । ଭୁବନେଶ୍ୱରରେ ୧୦ ନିୟୁତ ବର୍ଗ ମିଟରର ବିଲ୍ଟ ଅପ୍ ଏରିଆ ନିର୍ମାଣ କରାଯିବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୫ ବର୍ଷରେ ସଡ଼କ ନିର୍ମାଣରେ ୨ ଲକ୍ଷ ୩୦ ହଜାର କୋଟି ଖର୍ଚ୍ଚ ହେବ । ରାଜ୍ୟର ୫ ବଡ଼ ସହର ସମେତ ୧୧ ସହରରେ ରିଙ୍ଗରୋଡ୍ ତିଆରି ହେବ । ବ୍ରହ୍ମପୁରରୁ ଜୟପୁର ମଧ୍ୟରେ ଗ୍ରୀନ ଫିଲ୍ଡ କରିଡର ନିର୍ମାଣ କରାଯିବ । ୫ ବର୍ଷରେ ରାଜ୍ୟରେ ୧୫ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି ।

## ଦିଲ୍ଲୀରେ ଭୁଶୁଡ଼ି ପଡ଼ିଲା କୋଠା, ୧୧ ମୃତ

ନୂଆଦିଲ୍ଲୀ, ୧୯ ।୪: ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳର ଶକ୍ତି ବିହାରରେ ଶନିବାର ଭୋର୍ ଏକ ଚାରି ମହଲା କୋଠା ଭୁଶୁଡ଼ି ପଡ଼ିଛି । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୨ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରାଯାଇଛି । କୋଠା ଭୁଶୁଡ଼ିବା ସମ୍ପର୍କରେ ଏକ ଭିଡିଓ ସାମ୍ନାକୁ ଆସିଛି । ଏହି ଘଟଣା ପରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ରହିଛି । ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମସିଡି ମେୟର ମହେଶ ଖିଚି ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁସ୍ତାଫାବାଦ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସ୍ଥାନୀୟ ବିଧାୟକ ମୋହନ ସିଂହ ବିଷ୍ଟ ଦିଲ୍ଲୀ ସରକାରଙ୍କଠାରୁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେ କହିଛନ୍ତି ଯେ ବିଧାନସଭାରେ ବେଆଇନ କୋଠା ପ୍ରସଙ୍ଗ ଅନେକ ଥର ଉଠାଯାଇଛି । ସେ କହିଥିଲେ, ମୁଁ ନିର୍ବାଚନ ଜିତିବା ଦିନଠାରୁ, ମୋର ଏକମାତ୍ର ପ୍ରସଙ୍ଗ ହେଉଛି ବେଆଇନ କୋଠା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା । ଯଦି ଶହ ଶହ ଲୋକ ୨୫ କିମ୍ବା ୫୦ ଗଜର କୋଠାରେ ରହୁଛନ୍ତି, ତେବେ ଏକ ଦୁର୍ଘଟଣା ନିଶ୍ଚିତ ଭାବରେ ଘଟିବ । ମୁଁ ଏ ବିଷୟରେ ଦିଲ୍ଲୀର ଏଲଜି, କମିଶନର ଏବଂ ପୋଲିସ କମିଶନରଙ୍କ ସହ କଥା ହୋଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ।

## ସର୍ବସ୍ୱାନ୍ତ କରୁଛି ଅନ୍‌ଲାଇନ ଗେମ୍

ଭୁବନେଶ୍ୱର, ୧୯ ।୪: କାଙ୍ଗାଳ କରିଦେଉଛି ଅନଲାଇନ୍ ଗେମ୍ । ଏକ ଗେମ୍‌ରେ ଚାଲିଗଲା ୫ ଲକ୍ଷରୁ ଅଧିକ ଟଙ୍କା । ଜୀବନ ହାରିବାକୁ ଉଦ୍ୟମ ହେଲା । ହସପିଟାଲରେ ବେଡରେ ଏବେ ଯନ୍ତ୍ରଣାରେ ଛଟପଟ, ସୌରଜିତ ରାୟ । ହାତ କଟିଛି, ବେକରେ ବି ଗୁରୁତର ଆଘାତ । ଚେତା ନାହିଁ । ଡାକ୍ତର ବି କହିସାରିଛନ୍ତି, ଅବସ୍ଥା ଗୁରୁତର୍ । ହେଲେ ସୌରଜିତଙ୍କ ଏହି ଅବସ୍ଥା ସେ ନିଜେ କରିଛନ୍ତି । ଛୁରୀରେ ବାରମ୍ବାର କାଟି ପକାଇଛନ୍ତି ହାତକୁ । ପରେ ବେକ ବି କାଟିଛନ୍ତି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜଳେଶ୍ୱର ମେଡିକାଲରେ ଭର୍ତ୍ତି କରିଥିଲେ । ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଜଳେଶ୍ୱର ତେଘରି ଅଂଚଳର ସୌରଜିତ୍, ପେସାରେ ଘରୋଇ



ଟିଉସନ୍ ଶିକ୍ଷକ । ପିଲାଙ୍କୁ ଭଲ-ମନ୍ଦର ଶିକ୍ଷା ଦେବେ କଣ ନିଜେ ଅବାଟରେ ଚାଲିଯାଇଛନ୍ତି । କୋଟିପତି ହେବା ନିଶା ସର୍ବସ୍ୱାନ୍ତ କରିଦେଇଛି । ଅନଲାଇନ୍ ଗେମ୍ ଜୁପି ଲୁଡୋ ଖେଳି ୫ ଲକ୍ଷରୁ ଅଧିକ ଟଙ୍କା ହରାଇଛନ୍ତି ସୌରଜିତ୍ । ତଳିତଳାନ୍ତ ହେବା ପରେ ନିଜେ ତ ଚରମ ନିଷ୍ପତ୍ତି ନେଲେ, ପରିବାର ଆଖିରୁ ବି ଏବେ ଲୁହ ଝରୁଛି । ମୋବାଇଲ ଖୋଲିଦେଲେ ଶହ ଶହ ବେଆଇନ୍ ଆପ୍, ହଜାର ହଜାର ଗେମ୍ । ଅଳ୍ପ ଟଙ୍କାରେ କୋଟିପତି କରାଇଦେବାର ଲୋଭ ଦେଖାଇ ବେଧଡକ ଚାଲିଛି ଖେଳ । ବଲାଙ୍ଗୀର ସଇଁତଳାର ଅନଲାଇନ୍ ଜୁଆର ମାଷ୍ଟରମାଇଣ୍ଡ ଲକ୍ଷେଶ୍ୱର ମଲ୍ଲିକକୁ ଧରିବା ପରେ ପୋଲିସ୍ ଏବେ ଖୋଜୁଛି ଅନଲାଇନ୍ ସଟ୍ଟାବଜାରର କିଙ୍ଗପିନ୍ ହିତେଶ ଜୈନକୁ । ସେହିପରି ନକଲି କ୍ରିପଟୋ କରେନ୍ସି ଗେମ୍ କରି ଲୋକଙ୍କୁ କୋଟି କୋଟିର ଚୂନ ଲଗାଇଥିବା ପ୍ରଶାନ୍ତ ମେହେର ଓ ସହଯୋଗୀକୁ ଧରିଛି ପୋଲିସ । ଅନ୍ୟ ସଟ୍ଟା ବେପାରୀଙ୍କୁ ଧରିବାକୁ ଜିଲ୍ଲାରେ ଜୋରଦାର ହୋଇଛି ତଦନ୍ତ । ଯୁବପିଢ଼ି ଏବେ ଅନଲାଇନ୍ ଗେମ୍ ମାୟାରେ ବାୟା । ବେଟିଂ ଓ ଗେମିଂ ଆପ୍‌ରେ ଚାଲିଛି ବେଆଇନ୍ ଖେଳ । ବିଶେଷଜ୍ଞଙ୍କ ପରାମର୍ଶ, ଏଭଳି ଆପ୍ ଓ ଗେମରୁ ଦୂରେଇ ରୁହନ୍ତୁ ଯୁବପିଢ଼ି, ନଚେତ୍ ସର୍ବସ୍ୱାନ୍ତ ହୋଇଯିବା ନିଶ୍ଚିତ ।

## ରାଜଧାନୀରେ ଚାଞ୍ଚଲ୍ୟ
## ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୯ ।୪: ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ । ଦୁଇ ପୃଥକ ପୃଥକ ସ୍ଥାନରୁ ୨ ଯୁବକଙ୍କୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ତେବେ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନଥିବାବେଳେ, ପୋଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ଶିଖରଚଣ୍ଡୀ ପାହାଡ଼ ଉପରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି । ମୃତ ଦେହଟି ଚାରିଦିନ ହେବ ଝୁଲି ରହିଥିବା ଜଣାପଡ଼ିଛି । ତେବେ ଘଟଣାସ୍ଥଳରେ ଇନଫୋସିଟି ଥାନା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି ।ସେହିଭଳି ଚିନ୍ତାମଣିଶ୍ୱର ଅଞ୍ଚଳରେ ମଧ୍ୟ ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି । ମୃତ ଯୁବକଙ୍କ ନାଁ ବିକାଶ ନାୟକ ବୋଲି ଜଣାପଡ଼ିଛି । ସେ ଭୁବନେଶ୍ୱରର ଏକ ପାଥୋଲ୍ୟାବରେ କାମ କରୁଥିଲେ ଏବଂ ଚିନ୍ତାମଣିଶ୍ୱର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ । ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନଥିବାବେଳେ, ଯୁବକ ଜଣକ ଅନଲାଇନ ଗେମ କାରଣରୁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । ସେପଟେ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ ।

CMYK

# ସବୁଠୁ ବଡ଼ ପୁଣ୍ୟ





ପୁଣ୍ୟ ଅର୍ଜନ କରିବା ଲାଗି ଲୋକମାନେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଥାନ୍ତି । ମନ୍ଦିରରେ ସୁନାର ମୁକୁଟ ଅର୍ପଣ କରିଥାନ୍ତି ! କିମ୍ବା ମନ୍ଦିରକୁ ମୋଟା ଅଙ୍କର ଦାନ ଦେଇଥାନ୍ତି । କେବେ କେବେ ଗରିବ ଲୋକଙ୍କୁ ଭୋଜନ ଦେଇଥାନ୍ତି । ଏହାବ୍ୟତୀତ ହୋମ କରାଇବା, କନ୍ୟାଦାନ କରିବା ଏବଂ ବେସାହାରା ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି । ଦ୍ୱାପର ଯୁଗର କଥା ମହର୍ଷି ବେଦବ୍ୟାସ ପୁରାଣ ରଚନା କରୁଥାନ୍ତି । ଏହି ସମୟରେ ପୁରାଣର ଅଧ୍ୟୟନ କରି ଏହାର ପ୍ରଚାରପ୍ରସାର ଲାଗି ସେ ଦେବର୍ଷି ନାରଦଙ୍କୁ କହିଲେ । ନାରଦ କହିଲେ ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପୁରାଣ ପଢ଼ିବା ମୋର କ୍ଷମତା ଠାରୁ ବାହାରେ । ତେଣୁ ସଂକ୍ଷେପରେ ପୁରାଣର ସାର ମୋତେ କୁହନ୍ତୁ । ଏହାଶୁଣି ବ୍ୟାସଦେବ କହିଲେ, "ଅଷ୍ଟାଦଶ ପୁରାଣେଶୁ ବ୍ୟାସସ୍ୟବଚନଦ୍ୱୟମ୍ । ପରୋପକାରାୟ ପୁଣ୍ୟାୟ ପାପାୟପରପୀଡ଼ନମ୍ ।।" ଅର୍ଥାତ୍ ସମସ୍ତ ପୁରାଣର ସାର ଏହା ଯେ ଅନ୍ୟକୁ କଷ୍ଟ ପହଞ୍ଚାଇବା ସବୁଠୁ ବଡ଼ ପାପ । ଆବଶ୍ୟକତା ପଡ଼ିଲେ ଅନ୍ୟକୁ ସାହାଯ୍ୟ କରିବା ହେଉଛି ସବୁଠୁ ବଡ଼ ପୁଣ୍ୟ। ପରୋପକାରୀ ମନୁଷ୍ୟକୁ ତିନି ଲୋକରେ ସମ୍ମାନ ମିଳିଥାଏ । ପରୋପକାର କରିବା ଉଦ୍ଦେଶ୍ୟରେ ନଦୀ ପ୍ରବାହିତ ହୋଇଥାଏ। ବୃକ୍ଷ ଫଳ, ଫୁଲ ଓ ଛାଇ ପ୍ରଦାନ କରିଥାଏ । ଚନ୍ଦ୍ରମା ଶୀତଳତା, ସମୁଦ୍ର ବର୍ଷା, ଗାଈ ଦୁଗ୍ଧ, ବାୟୁ ପ୍ରାଣ ଶକ୍ତି ପ୍ରଦାନ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଅଛି ଯେ ପରୋପକାର ନିମନ୍ତେ ରାଜା ରନ୍ତିଦେବଙ୍କୁ ୪୦ ଦିନ ପର୍ଯ୍ୟନ୍ତ ଭୋକିଲା ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଭୋଜନ ମିଳିଥିଲା। ହେଲେ ଏହି ଭୋଜନ ସେ ତାଙ୍କ ନିକଟରେ ଅତିଥି ହୋଇଥିବା ଜଣେ ଭୋକିଲା ଲୋକକୁ ଦେଇଥିଲେ। ଠିକ୍ ସେହିପରି ଋଷି ଦଧୀଚି ଦେବତାମାନଙ୍କ ରକ୍ଷା ନିମନ୍ତେ ନିଜ ଅସ୍ଥି ପ୍ରଦାନ କରିଥିଲେ । ଯାହାଦ୍ୱାରା ଇନ୍ଦ୍ର ବଜ୍ର ନିର୍ମାଣ କରିଥିଲେ । ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ। କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ । ରାଜା ଶିବି ତାଙ୍କ ଶରଣକୁ ଆସିଥିବା ପାରା ପାଇଁ ନିଜ ଶରୀର ମାଂସ ପ୍ରଦାନ କରିଦେଇଥିଲେ । ଯୀଶୁଖ୍ରୀଷ୍ଟ ଫାଶୀରେ ଚଢ଼ିଯାଇଥିଲେ ଏବଂ ସୁକରାତ୍ ଲୋକ କଲ୍ୟାଣ ନିମନ୍ତେ ବିଷ ପିଇଦେଇଥିଲେ ।

# ପାରମ୍ପରିକ ଲୋକନୃତ୍ୟ ଦଣ୍ଡ ପର୍ବ

ଓଡିଶାର ବିଭିନ୍ନ ଅଞ୍ଚଳରେ ହେଉଥିବା ଦଣ୍ଡ ନୃତ୍ୟ ମଧ୍ୟରେ ଆଠମଲ୍ଲିକର ଦଣ୍ଡ ନୃତ୍ୟର ବିଶେଷ ଆକର୍ଷଣ ରହିଛି । ଏହି ନୃତ୍ୟ ସହିତ ଯୋଡ଼ି ହୋଇଥିବା ଶୈଳୀ ଓ ସଂଗୀତର ନିଜସ୍ୱ ସ୍ୱାତନ୍ତ୍ୟ ରହିଛି । ଏହା ଏକ ଶାରୀରିକ ନୃତ୍ୟ କୌଶଳ ହେଲେ ହେଁ ଏଥିରେ ଧର୍ମ ଧାରଣା ଓ ସାମାଜିକ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ ଅନ୍ତରଙ୍ଗ ଭାବେ ଜଡିତ । ଶିବ ପୁରାଣର ଶୈବ ଚନ୍ଦ୍ରିକାର କଥାବସ୍ତୁକୁ ଆଧାର କରି ଦଣ୍ଡ ନୃତ୍ୟ ସୃଷ୍ଟି ହୋଇଛି ବୋଲି କୁହାଯାଏ । ଗଡଜାତ ଅମଳରୁ ଆଠମଲ୍ଲିକରେ ପ୍ରଚଳିତ ପାରମ୍ପରିକ ଲୋକନୃତ୍ୟ ଦଣ୍ଡ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆୟୋଜିତ ହୋଇଯାଇଛି । ବିଷୁବ ସଂକ୍ରାନ୍ତିର ଅବ୍ୟବହିତ ପୂର୍ବରୁ ୧୩, ୧୭ କିମ୍ବା ୨୧ ଦିନ ପୂର୍ବରୁ ଦଣ୍ଡ ପର୍ବ ଆରମ୍ଭ ହୋଇଥାଏ । ଶୈବ ଉପାସକମାନେ ଦେବ ଦେବ ମହାଦେବ, ମା ପାର୍ବତୀ ଏବଂ ମା କାଳୀଙ୍କୁ ମନ୍ଦିରରୁ ଆବାହନ କରି ବିଭିନ୍ନ ଗାଁ ଅଭିମୁଖେ ଯାତ୍ରା କରିଥାନ୍ତି । ମାନସିକଧାରୀମାନଙ୍କ ଦାଣ୍ଡ ଦୁଆରେ ପହଞ୍ଚି ବନ୍ଦାଣ ଘେନିଥାନ୍ତି ଏବଂ ଅପରାହ୍ନରେ ଧୂଳି ଦଣ୍ଡ, ସନ୍ଧ୍ୟାରେ ପାଣି ସେବା ଏବଂ ରାତ୍ରିରେ ଷୋହଳ ସୁଆଙ୍ଗ ମାଧ୍ୟମରେ ନୃତ୍ୟ ଗୀତ ପରିବେଷଣ ହୋଇଥାଏ । ପାଣି ଦଣ୍ଡ ବିଶେଷ ଭାବରେ କୃଷିଭିତ୍ତିକ । ଏଥିରେ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତ ଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ପ୍ରତୀକାତ୍ମକ ଭାବରେ ବିଭିନ୍ନ କୌଶଳ କ୍ରମରେ ନୃତ୍ୟ ପରିବେଷଣ ହୋଇଥାଏ । ସେହିପରି ରାତ୍ରି କାଳରେ ଷୋହଳ ସୁଆଙ୍ଗ ପୌରାଣିକ କଥାବସ୍ତୁ ଉପରେ ଆଧାରିତ । ସେଥି ମଧ୍ୟରେ ଝୁଣା ଖେଳ, ପରଭା, ଶିବ ପାର୍ବତୀ, ଚଢ଼େୟା-ଚଢ଼େୟାଣୀ, ଶବର- ଶବରୁଣୀ, ପତରସଉରା – ସୌରାଣୀ ଏବଂ ବିଣାକାର ଚରିତ୍ରରେ ନୃତ୍ୟ କୌଶଳ ବେଶ୍ ଆକର୍ଷଣୀୟ । ଏହା ବ୍ୟତୀତ ସାମାଜିକ ଚଳଣି ଏବଂ ପରମ୍ପରାକୁ ଆଧାର କରି ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ ଆମୋଦିତ କରିଥାଏ ।

# ମର୍ଯ୍ୟାଦା ପୁରୁଷୋତ୍ତମ



ଭଗବାନ ଶ୍ରୀରାମଙ୍କର ଅନେକ ଗୁଣ ଥିଲା ଯାହା ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମମ୍ ଅର୍ଥାତ୍ ପୁରୁଷମାନଙ୍କ ମଧ୍ୟରେ ସର୍ବୋତ୍ତମ କରିଦେଇଥିଲା। ଏହି ଗୁଣକୁ ଶାସ୍ତ୍ରୀୟ ଭାଷାରେ 'କଳା' ବୋଲି କୁହାଯାଇଛି। ବିଶ୍ୱାସ କରାଯାଏ ଯେ ଶ୍ରୀରାମଙ୍କ ୧୨ କଳା ବା ଗୁଣ ଥିଲା। ତେବେ ଆସନ୍ତୁ ଶ୍ରୀରାମଙ୍କ ଠାରୁ ଏହି ଗୁଣସବୁ ଶିଖିନେବା। ଆଜି ମଧ୍ୟ ଯେତେବେଳେ ଏକ ଉତ୍ତମ ସନ୍ତାନ, ଭାଇ, ବନ୍ଧୁ କିମ୍ବା ଅନ୍ୟ କୌଣସି ସମ୍ପର୍କର କଥା ଆସେ, ପ୍ରଭୁ ରାମଙ୍କ ଜୀବନ ଲୋକମାନଙ୍କୁ ଅନେକ ଶିକ୍ଷା ଦେଇଥାଏ। ଭଗବାନ ଶ୍ରୀରାମଙ୍କର ଅନେକ ଗୁଣ ଥିଲା ଯାହା ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଅର୍ଥାତ୍ ପୁରୁଷ ମାନଙ୍କ ମଧ୍ୟରେ ସର୍ବୋତ୍ତମ କରିଦେଇଥିଲା। ଏହି ଗୁଣକୁ ଶାସ୍ତ୍ରୀୟ ଭାଷାରେ 'କଳା' ବୋଲି କୁହାଯାଇଛି। ଭାରତୀୟ ଶାସ୍ତ୍ରାନୁସାରେ ଶ୍ରୀରାମ ୧୨ କଳାରେ ଜନ୍ମ ହୋଇଥିଲେ। ଶାସ୍ତ୍ରରେ କଳାର ଅର୍ଥ କିଛି ଅବତାରିତ ଶକ୍ତିର ଏକକକୁ ସୂଚିତ କରେ। କଳାଗୁଡ଼ିକ ସୂର୍ଯ୍ୟ ଏବଂ ଚନ୍ଦ୍ରର ପରିବର୍ତ୍ତିତ ରୂପକୁ ମଧ୍ୟ ବୁଝାଏ। କୁହାଯାଏ 'ସୂର୍ଯ୍ୟ-ଚନ୍ଦ୍ର ହେଉଛନ୍ତି ସାକାର, ଅର୍ଥାତ୍ ଏପରି ଦେବତା ଯାହାଙ୍କୁ ସମସ୍ତେ ଦେଖିପାରନ୍ତି। ବିଜ୍ଞାନ ମଧ୍ୟ ଏହାକୁ ଗ୍ରହଣ କରିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୂର୍ଯ୍ୟଙ୍କର ୧୨ କଳା ଥିବାବେଳେ ଚନ୍ଦ୍ରଙ୍କର ୧୬ କଳା ରହିଛି। ଶ୍ରୀରାମଙ୍କୁ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ବୋଲି ବିବେଚନା କରାଯାଏ, ଯିଏ ୧୨ଟି କଳା ସହିତ ଜଡିତ ଥିଲେ। ଏହାର କାରଣ ହେଲା ଶ୍ରୀରାମ ଜଣେ ସୂର୍ଯ୍ୟବଂଶୀ ଥିଲେ ଏବଂ ସୂର୍ଯ୍ୟଙ୍କର ୧୨ କଳା ଅଛି। ତେଣୁ ବିଶ୍ୱାସ କରାଯାଏ ଯେ ଶ୍ରୀରାମଙ୍କ ପାଖରେ ସୂର୍ଯ୍ୟଦେବଙ୍କ ସମସ୍ତ କଳା ଥିଲା। ତେବେ ଆସନ୍ତୁ ଶ୍ରୀରାମଙ୍କ ଠାରୁ ଏହି ୧୨ କଳା ବା ଗୁଣ ଶିଖିନେବା।

**ବିଦ୍ୟା କଳା** – ଯାହାର ବିଦ୍ୟା ଅଛି ସେ ଜ୍ଞାନବାନ। ଜ୍ଞାନ ପାଇବା ଏବଂ ହାସଲ କରିବା ମଧ୍ୟ ଏକ କଳା। ଜ୍ଞାନର ଅନେକ କଳା ମଧ୍ୟ ଅଛି। ଯେପରି ବେଦ ଜ୍ଞାନ, ଯୁଦ୍ଧ କଳା, ରାଜନୀତି କଳା ଇତ୍ୟାଦି

**ବିମଳ କଳା** – ଶ୍ରୀରାମଙ୍କ ମନରେ ପ୍ରତାରଣା, ଭେଦଭାବ ନଥିଲା, ସେ ଥିଲେ ନିରପେକ୍ଷ। ତାଙ୍କର କୌଣସି ଦୋଷ ନଥିଲା, ତାଙ୍କର ଚିନ୍ତାଧାରା ଶୁଦ୍ଧ।

**ବ୍ୟକ୍ତିତ୍ୱ** – ଜଣେ ବ୍ୟକ୍ତି ଯାହାଙ୍କର କେବଳ ଦର୍ଶନରେ ହିଁ ଆନନ୍ଦ ମିଳେ, ଯାହାଙ୍କ ବ୍ୟକ୍ତିତ୍ୱରେ ଏକ ଭିନ୍ନ ଚମକ ଥାଏ।



**କାନ୍ତି କଳା** – ଯାହାଙ୍କ ଚେହେରା ଦେଖିବା ମାତ୍ରେ ଜଣେ ହଜିଯାଏ, ତାଙ୍କ ସୌନ୍ଦର୍ଯ୍ୟ ଦ୍ୱାରା ପ୍ରଭାବିତ ହୁଏ। ସେଥିପାଇଁ ତ ଶ୍ରୀରାମଙ୍କୁ ଦେଖି ଋଷିମାନେ ମଧ୍ୟ ତାଙ୍କୁ ପତି ଭାବେ ଗ୍ରହଣ କରିବାକୁ ନେହୁର ହୋଇଥିଲେ।

**ଉତ୍କର୍ଷିଣୀ ଶକ୍ତି** – ଯିଏ ଅନ୍ୟମାନଙ୍କୁ ପ୍ରେରଣା ଦିଏ, ସେମାନଙ୍କୁ ନିଜ କର୍ତ୍ତବ୍ୟ ଆଡକୁ ଜାଗ୍ରତ କରେ, ଯିଏ ଅନ୍ୟମାନଙ୍କୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରେ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରେ।

**ନୀର-କ୍ଷୀର ବିବେକ** – ଯିଏ ନିଜ ଜ୍ଞାନ ବଳରେ କେବଳ ନିଷ୍ପତ୍ତି ନିଏ। ଯିଏ ବିବେକଶୀଳ ଏବଂ ଲୋକଙ୍କ ପାଇଁ ସଠିକ୍ ମାର୍ଗ ପରାମର୍ଶ ଦେବାକୁ ସକ୍ଷମ।

**କର୍ମଣ୍ୟତା** – ଯିଏ କେବଳ ପରାମର୍ଶ ଦିଏ ନାହିଁ ବରଂ ସେହି ପରାମର୍ଶକୁ ନିଜେ ମଧ୍ୟ ଅନୁସରଣ କରେ।

**ଯୋଗଶକ୍ତି** – ଯୋଗ ଓ ଆଧାତ୍ମିକ ଶକ୍ତିରେ ନିପୁଣ। ଯିଏ ଆତ୍ମାକୁ ପରମାତ୍ମାଙ୍କ ସହିତ ଯୋଡିଥାଏ। ଯୋଗ ମଧ୍ୟ ଏକ କଳା।

**ସତ୍ୟର ଧାରଣା** – ସତ କହିବା ସମସ୍ତଙ୍କ ଶକ୍ତିରେ ନାହିଁ। ଯଦି ଜଣେ ଆଘାତପାଏ ବା ଖରାପ ଅନୁଭବ କରେ ତେବେ ମିଥ୍ୟା କୁହେ। କିନ୍ତୁ ଯେଉଁମାନେ ସତ୍ୟର ରାସ୍ତା ବାଛନ୍ତି ସେମାନେ କଠିନ ପରିସ୍ଥିତିରେ ମଧ୍ୟ ସତ୍ୟକୁ ଛାଡନ୍ତି ନାହିଁ।

**ବିନୟ କଳା** – ଜଣେ ସର୍ବଜ୍ଞ, ସର୍ବଶକ୍ତିମାନ ହୋଇ ମଧ୍ୟ ଯଦି ଅହଂକାର ତାଙ୍କ ସ୍ପର୍ଶ କରେ ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ସବୁବେଳେ ଶାଳିନତାପୂର୍ଣ୍ଣ।

**ଆଧିପତ୍ୟ** – ଜଣେ କାହା ଉପରେ ବଳ ପ୍ରୟୋଗ କରି ନିଜର କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ଉଚିତ ନୁହେଁ, ଲୋକମାନେ ତାଙ୍କର ଅଧିକାରକୁ ଗ୍ରହଣ କରିବା ଉଚିତ ଏବଂ ତାଙ୍କୁ ସେମାନଙ୍କର ଗୁରୁ ବୋଲି ଭାବିବା ଉଚିତ। ଯାହାଙ୍କ ଆଧିପତ୍ୟରେ ଲୋକମାନେ ନିଜକୁ ସୁରକ୍ଷିତ ମନେକରନ୍ତି।

**ଦୟାଳୁ କଳା** – ଯିଏ ଅନ୍ୟମାନଙ୍କ କଲ୍ୟାଣ ପାଇଁ କାମ କରେ, ଦାନ କରେ, ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ନିଜର ଦକ୍ଷତାକୁ ବ୍ୟବହାର କରେ।

## ଭାରତୀୟ ଶାସ୍ତ୍ରାନୁସାରେ ଶ୍ରୀରାମ ୧୨ କଳାରେ ଜନ୍ମ ହୋଇଥିଲେ

**'ଭଗବାନ ଶ୍ରୀରାମଙ୍କର ଅନେକ ଗୁଣ ଥିଲା ଯାହା ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଅର୍ଥାତ୍ ପୁରୁଷ ମାନଙ୍କ ମଧ୍ୟରେ ସର୍ବୋତ୍ତମ କରିଦେଇଥିଲା। ଏହି ଗୁଣକୁ ଶାସ୍ତ୍ରୀୟ ଭାଷାରେ 'କଳା' ବୋଲି କୁହାଯାଇଛି। ଭାରତୀୟ ଶାସ୍ତ୍ରାନୁସାରେ ଶ୍ରୀରାମ ୧୨ କଳାରେ ଜନ୍ମ ହୋଇଥିଲେ।'**

# ମୂଲ୍ୟବାନ ସାଧୁଜନ





ଜଣେ ସନ୍ଥ ଏକ ହଜାର ଅସାଧୁଙ୍କୁ ମଧ୍ୟ ସନ୍ଥ କରିଦେଇପାରେ । କିନ୍ତୁ ଏକ ହଜାର ସଂସାରୀ ମିଶିଲେ ଜଣଙ୍କୁ ମଧ୍ୟ ସନ୍ଥ କରିପାରିବେ ନାହିଁ । ସନ୍ଥ ହେବା ସହଜ କଥା ନୁହେଁ କିମ୍ବା ଏହା ଥଟ୍ଟମଜାର ପ୍ରସଙ୍ଗ ନୁହେଁ । ଜଣେ ସନ୍ଥ ଅନେକ ମୋହଗ୍ରସ୍ତ ମନୁଷ୍ୟଙ୍କର ଉଦ୍ଧାର କରିପାରେ । ପାପୀ ମନୁଷ୍ୟଙ୍କ ହୃଦୟ ପରିବର୍ତ୍ତନ କରି ସେମାନଙ୍କୁ ପୁଣ୍ୟବନ୍ତ କରିପାରେ । ଅଭାଗାଙ୍କ ଭାଗ୍ୟ ସୁଧାରିପାରେ । ନାସ୍ତିକଙ୍କୁ ଆସ୍ତିକ କରିପାରେ । ଅଭକ୍ତଙ୍କୁ ଭକ୍ତରେ ପରିଣତ କରିଦେଇପାରେ । ଦୁଃଖୀଲୋକଙ୍କୁ ଶାନ୍ତି ଦେଇପାରେ ଏବଂ ଶାନ୍ତ ଲୋକଙ୍କୁ ପରମାନନ୍ଦର ଅନୁଭୂତି କରାଇପାରେ । ଥରେ ରାଜା ସୁଷେଣ କୌଣସି ଏକ ସ୍ଥାନକୁ ନୌକାରେ ଯାଉଥିଲେ । ରାଜାଙ୍କ ସହ ଥିଲେ ତାଙ୍କର ଏକମାତ୍ର ପୁତ୍ର, ରାଣୀ ଏବଂ ଗୁରୁ ମହାରାଜ । ଯାତ୍ରା କରିବା ସମୟରେ ହଠାତ୍ ଝଡ଼ ଆସିଲା । ସେମାନେ ବସିଥିବା ନୌକା ବୁଡ଼ିବା ସ୍ଥିତିକୁ ଆସିଯାଇଥିଲା । ସମସ୍ତଙ୍କ ପ୍ରାଣ ସଂକଟରେ ପଡ଼ିଗଲା । ରାଜା ସୁଷେଣ ଖୁବ୍ ଜୋର୍‌ରେ ଚିଲ୍ଲାଇବାକୁ ଲାଗିଲେ- "ବଞ୍ଚାଅ... ଗୁରୁମହାରାଜଙ୍କୁ ବଞ୍ଚାଅ... ଆଉ କିଛି ନହେଲା ନାହିଁ, କେବଳ ଗୁରୁମହାରାଜଙ୍କୁ ବଞ୍ଚାଅ... ।" ରାଜା ବାରମ୍ବାର ଏହି ଚିତ୍କାର ଦୋହରାଇବାକୁ ଲାଗିଲେ । ଥରେ ବି ହେଲେ ନିଜକୁ, ରାଜକୁମାରଙ୍କୁ କିମ୍ବା ରାଣୀଙ୍କୁ ବଞ୍ଚାଇବା ଲାଗି କହିଲେ ନାହିଁ । ସୌଭାଗ୍ୟକୁ ନୌକା କୂଳରେ ଲାଗିଗଲା । ନୌକା ଚଳାଉଥିବା ନାବିକ ପଚାରିଲା, ମହାରାଜ ! ଆପଣ ନିଜକୁ, ରାଣୀଙ୍କୁ ଏବଂ ରାଜକୁମାରଙ୍କୁ ବଞ୍ଚାଇବା ଲାଗି ଥରେ ହେଲେ ବି କାହିଁକି କହିଲେନି ? କେବଳ ଗୁରୁଜୀଙ୍କୁ ବଞ୍ଚାଅ... ବୋଲି ବାରମ୍ବାର କାହିଁକି କହୁଥିଲେ ? ରାଜା କହିଲେ, ମୋ ଭଳି ଅନେକ ରାଜା ମିଳିଯିବେ । ମୋ ପରେ ସେମାନେ ରାଜଗାଦିରେ ବସିଯିବେ । ରାଣୀ ଏବଂ ଉତ୍ତରାଧିକାରୀ ମଧ୍ୟ ମିଳିଯିବେ । କିନ୍ତୁ ହଜାର ହଜାର ପ୍ରଜାଙ୍କ ହୃଦୟରେ ରହୁଥିବା ବ୍ରହ୍ମଜ୍ଞାନୀ ସନ୍ଥ ରାଜଗୁରୁଙ୍କର କିଛି ହୋଇଯାଇ ଥିଲେ ନାନା ସମସ୍ୟା ଉପୁଜିଥାଆନ୍ତା । ସେଥିପାଇଁ ମୁଁ ଗୁରୁବରଙ୍କୁ ବଞ୍ଚାଇବା ଲାଗି କହୁଥିଲି । ରାଜା ସନ୍ଥଙ୍କ ମହିମା ଜାଣିଥିଲେ । ସନ୍ଥଙ୍କ ବାଣୀରେ ଲୋକଙ୍କୁ ଶାନ୍ତି ଲାଭ ହୋଇଥାଏ । ସନ୍ଥଙ୍କ ଦର୍ଶନ ଦ୍ୱାରା ସମାଜରେ ପୁଣ୍ୟର ଭାର ବୃଦ୍ଧି ପାଇଥାଏ । ସେମାନେ ସାଧାରଣ ମନୁଷ୍ୟ ଭଳି ଦିଶୁଥିଲେ ବି ମହାପୁରୁଷଙ୍କ ଭଳି ମହାନ କାର୍ଯ୍ୟ କରିଥାନ୍ତି । ବ୍ରହ୍ମଜ୍ଞାତା ସନ୍ଥଙ୍କ ଆଦର କରିବା ଦ୍ୱାରା ମାନବ ସମାଜର କଲ୍ୟାଣ ହୋଇଥାଏ । ଜ୍ଞାନର ଆଦର ଦ୍ୱାରା ବାସ୍ତବିକ ବିକାଶ ସମ୍ଭବ ହୋଇଥାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏ ସଂସାରରେ ବ୍ରହ୍ମଜ୍ଞାନୀ ସନ୍ଥ ଜନ୍ମନେବା ବିରଳ । ସମୟ ବ୍ୟବଧାନରେ ଈଶ୍ୱରଙ୍କ ସତ୍ତା ଧାରଣ କରି ଏଭଳି ସନ୍ଥ ଜନ୍ମ ନେଇଥାନ୍ତି । ସମାଜରେ ସନ୍ଥଙ୍କ ଭଳି ଦିଶୁଥିବା କିମ୍ବା ସନ୍ଥ ହେବାର ଅଭିନୟ କରୁଥିବା ଅନେକ ଲୋକ ତ' ମିଳିଯିବେ । କିନ୍ତୁ ସମସ୍ତେ ଯେ ସନ୍ଥଙ୍କ ଭଳି ଆଚରଣ କରୁଥିବେ ତାହା ଭାବିବା ଭୁଲ୍ । ସନ୍ଥଙ୍କ ଦର୍ଶନ-ସତ୍‌ସଙ୍ଗ ଦ୍ୱାରା ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଆଦି ଚାରି ଫଳ ପ୍ରାପ୍ତ ହୋଇଥାଏ । ଏଣୁ ବାସ୍ତବରେ ଯିଏ ସନ୍ଥ ତାଙ୍କୁ ନିଜର ଗୁରୁ ରୂପରେ ଗ୍ରହଣ କରିବା ଉଚିତ।



**ନୌକା ଚଳାଉଥିବା ନାବିକ ପଚାରିଲା, ମହାରାଜ ! ଆପଣ ନିଜକୁ, ରାଣୀଙ୍କୁ ଏବଂ ରାଜକୁମାରଙ୍କୁ ବଞ୍ଚାଇବା ଲାଗି ଥରେ ହେଲେ ବି କାହିଁକି କହିଲେନି ? କେବଳ ଗୁରୁଜୀଙ୍କୁ ବଞ୍ଚାଅ... ବୋଲି ବାରମ୍ବାର କାହିଁକି କହୁଥିଲେ ? ରାଜା କହିଲେ, ମୋ ଭଳି ଅନେକ ରାଜା ମିଳିଯିବେ । ମୋ ପରେ ସେମାନେ ରାଜଗାଦିରେ ବସିଯିବେ ।**

**ସନ୍ଥଙ୍କ ଦର୍ଶନ-ସତ୍‌ସଙ୍ଗ ଦ୍ୱାରା ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଆଦି ଚାରି ଫଳ ପ୍ରାପ୍ତ ହୋଇଥାଏ । ଏଣୁ ବାସ୍ତବରେ ଯିଏ ସନ୍ଥ ତାଙ୍କୁ ନିଜର ଗୁରୁ ରୂପରେ ଗ୍ରହଣ କରିବା ଉଚିତ।**

# ଗୃହ କାର୍ଯ୍ୟ



ଲୋକମାନେ ବସବାସ କରିବା ପାଇଁ ନିହାତି ଭାବେ ଜରୁରୀ ହୋଇଥାଏ ଗୋଟିଏ ବାସଗୃହ । ଏହି ବାସଗୃହ ହିଁ ପ୍ରତ୍ୟେକ ମଣିଷର ଆଶ୍ରା । ଯେତେବେଳେ ଲୋକେ ଘର ତିଆରି କରିବା ପାଇଁ ଆରମ୍ଭ କରିଥାନ୍ତି, ସେତେବେଳେ ବାର, ତିଥି ଏବଂ ନକ୍ଷେତ୍ରକୁ ଭିତ୍ତିକରି ଆଗକୁ ବଢ଼ିଥାନ୍ତି । କଥାରେ ଅଛି ପ୍ରତ୍ୟେକ ମଣିଷ ସହିତ ବାସସ୍ଥାନର ଏକ ସମ୍ପର୍କ ରହିଥାଏ । ଏହି ସମ୍ପର୍କ ଶୁଭଫଳ ଦେବ କି ଅଶୁଭ ଫଳ ଦେବ ତାହା ନିର୍ଭର କରେ ଉଭୟ ବାସସ୍ଥାନ ଓ ମଣିଷର ସମ୍ପତ୍ତିକୁ ନେଇ । ଯେମିତି ଗୋଟିଏ ବାହାଘରରେ ବର ଓ କନ୍ୟାର ମେଳକ ବିଚାର କରାଯାଏ, ଠିକ୍ ସେହିପରି ପ୍ରତ୍ୟେକ ଭୂମି ସହିତ ଗୃହବାସୀଙ୍କ ମେଳକୁ ବିଚାର କରାଯାଇଥାଏ । ଯଦି ରହୁଥିବା ସ୍ଥାନଟି ବ୍ୟକ୍ତିଙ୍କ ସହିତ ମେଳକ ଥାଏ ତେବେ ସୁଖଶାନ୍ତି ପ୍ରାପ୍ତ ହୋଇଥାଏ । ସେଥିପାଇଁ ଆପଣ ନିଶ୍ଚିତ ଭାବରେ ଘର ତିଆରି କରିବା ସମୟରେ ବାସ୍ତୁଶାସ୍ତ୍ରର ବିଧିକୁ ଠିକ୍ ଭାବରେ ପ୍ରୟୋଗ କରାଯିବା ଉଚିତ। ଯଦି ବାସ୍ତୁଦୋଷ ଥାଏ, ତେବେ ତୁରନ୍ତ ପ୍ରତିକାର କରିବା ଆବଶ୍ୟକ ହୋଇଥାଏ । ନିର୍ମାଣ ପୂର୍ବରୁ ପ୍ରଥମେ ଗୃହ ନିର୍ମାଣର ଠିକ୍ ଭାବରେ ନକସା ତିଆରି କରିବା ଉଚିତ। ଯେଉଁଥିରେ ଗୃହର କେଉଁ ଦିଗରେ କ'ଣ ରହିବ ଯଥା ଶୋଇବା ଘରେ, ରୋଷେଇ ଘରେ, ଇତ୍ୟାଦି ତାହା ବିଚାର କରାଯାଏ । ଯେମିତି ବିବାହରେ ଶୁଭ ଦିନ ଏବଂ ଶୁଭ ସମୟ ବିଚାର କରାଯାଏ ଏବଂ ଯାନ କ୍ରୟ ପାଇଁ ଶୁଭ ଦିନ, ବ୍ୟବସାୟ ଆରମ୍ଭର ଶୁଭ ଦିନ ସ୍ଥିର କରାଯାଏ, ସେହିପରି ଭୂମି ଉପରେ ଗୃହ ଆରମ୍ଭ ପାଇଁ ଶୁଭଦିନ, ଶୁଭ ତିଥି ଏବଂ ଶୁଭ ମୁହୂର୍ତ୍ତର ବିଶେଷ ଗଣନା କରାଯାଏ ।

## ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

କଟକ,(ନିପ୍ର): ବାରବାଟୀ କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ ବୈଠକରେ ଅଧକ୍ଷତା କରି ବାରବାଟୀ କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସତୀଚଉରା ଠାରୁ ବାରବାଟୀ ଷ୍ଟାଡ଼ିୟମ ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତା ପ୍ରଶସ୍ତିକରଣ, ତ୍ରିଶୂଳିଆ ଛକରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିଥିଲେ । ଏଥି ସହିତ ପାନ୍ଥ ନିବାସ, ସ୍ୱରାଜ୍ୟ ଆଶ୍ରମ, ଅନ୍ନପୂର୍ଣ୍ଣା ଥିଏଟର, ଜନତା ରଂଗମଂଚ, କଳାବିକାଶ କେନ୍ଦ୍ରର ପୁର୍ନଉଦ୍ଧାର ଉପରେ ବିଧାୟିକା ଗୁରୁତ୍ୱ ଦେଇଥିଲେ । ଏହି ସବୁ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରି ସଠିକ ସମୟରେ ଶେଷ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ସୁଜାତା ପଟ୍ଟନାୟକ, ନଳିନୀକାନ୍ତ ସାହୁ, ତହସିଲଦାର ଓ ବିଡ଼ିଓ ଉପସ୍ଥିତ ଥିଲେ ।

## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

କଟକ,(ନିପ୍ର): ଆସନ୍ତା ସୋମବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଘଟିକା ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯୋଗ ଶୁଣାଣି ଶିବିରରେ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ । ଅଭିଯୋଗକାରୀମାନେ ନିଜ ଅଭିଯୋଗଗୁଡ଼ିକ ଓଡ଼ିଶା ସରକାରଙ୍କ ଜନ ଶୁଣାଣି ପୋର୍ଟାଲ ଏଚଟିଟିପିଏସ:// ଜନଶୁଣାଣି.ଓଡ଼ିଶା.ଗଭ.ଇନରେ ପଞ୍ଜୀକରଣ କରି ସ୍ଲଟ ବୁକିଂ କରି ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ପଞ୍ଜୀକରଣ ଓ ସ୍ଲଟ ବୁକିଂ କରିବା ପାଇଁ ଶୁକ୍ରବାର ସକାଳ ୧୧ଘଟିକାରୁ ଶନିବାର ରାତ୍ର ୧୧.୫୯ମିନିଟ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି । ଏହି ସମୟ ମଧ୍ୟରେ ଜନ ଶୁଣାଣି ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ ଓ ସ୍ଲଟ ବୁକିଂ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ପୁରୀରେ ସାଧୁସନ୍ଥ, ଭକ୍ତ ଓ ଜନସାଧାରଣଙ୍କ ପାଇଁ ଆମ୍ବୁଲାନ୍ସ ସେବା

ପୁରୀ,(ନିପ୍ର): ସନାତନ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଓ ପ୍ରଚାର ପାଇଁ କାର୍ଯ୍ୟରତ 'ଉତ୍କଳ ବିଦ୍ୱତ୍ ପରିଷଦ' ପୁରୀରେ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛି । ଶ୍ରୀମନ୍ଦିର ନିକଟସ୍ଥ ଉତ୍ତରପାର୍ଶ୍ୱ ମଠ ନିକଟରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଉତ୍କଳ ବିଦ୍ୱତ୍ ପରିଷଦର ଅଧକ୍ଷ ମନୋଜ ରଥ, ଶ୍ରୀମହନ୍ତ ଉତ୍ତରପାର୍ଶ୍ୱ ମଠ, କଟକୀ ମଠ, ରାମରନ୍ ରଘୁନାଥ ଆଶ୍ରମ, ଡ଼ ବଳରାମ ଦାସ, ସମାଜସେବୀ ଜିତେନ୍ଦ୍ର ମହାପାତ୍ର, ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ବିରଞ୍ଚି ମିଶ୍ର, ସ୍ୱାଧୀନ ପଣ୍ଡା ରଞ୍ଜେଷ ସାହୁ, ଗଣେଶ ମହାସୁଆର , ଦେବେନ୍ଦ୍ର ମହାରଣା, ଦିବ୍ୟରଞ୍ଜନ ଦାସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପୂଜନ କରିଥିଲେ । ଅଧକ୍ଷ ଶ୍ରୀ ରଥ କହିଥିଲେ 'ଏହି ଆମ୍ବୁଲାନ୍ସ ସମ୍ପୂର୍ଣ୍ଣ ଅଣବ୍ୟବସାୟିକ ବ୍ୟବସ୍ଥା ହେବ । ସେବା ମନଭାବରେ ସାଧୁ, ସନ୍ଥ, ଭକ୍ତ ଓ ଜନସାଧାରଣଙ୍କ ପାଇଁ ଏହି ସୁବିଧା ଉଦ୍ଦିଷ୍ଟ ଅଟେ । ଆଗାମୀ ଦିନରେ ସମସ୍ତଙ୍କର ସହଯୋଗ ରହିଲେ ଆମ୍ବୁଲାନ୍ସର ସଂଖ୍ୟା ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି । ଉତ୍କଳ ବିଦ୍ୱତ୍ ପରିଷଦର ଏହି ଉଦ୍ୟମକୁ ଉପସ୍ଥିତ ସାଧୁ ସନ୍ଥ ଓ ବିଶିଷ୍ଟ ବ୍ୟକ୍ତିମାନେ ପ୍ରଶଂସା କରିଥିଲେ । ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ସମ୍ପାଦକ ବିଜୟ କୃଷ୍ଣ ବ୍ରହ୍ମା, କୋସାଧକ୍ଷ କମଳାକାନ୍ତ ଆଚାର୍ଯ୍ୟ, ସଦସ୍ୟ ସିସେନ ପ୍ରତିହାରୀ, ଚନ୍ଦନ ବ୍ରହ୍ମା ଆଦି ପରିଚାଳନା କରିଥିଲେ । ଆମ୍ବୁଲାନ୍ସ ସେବା ପାଇବାକୁ ୭୭୪୯୦୭୫୭୧୫ ରେ ଯୋଗାଯୋଗ କରିବାକୁ ଅନୁରୋଧ ।

## ନେଲୁଙ୍ଗ ୨୪ ପ୍ରହରୀ ନାମଯଜ୍ଞରେ ସମ୍ବର୍ଦ୍ଧନା ପର୍ବ

କେନ୍ଦୁଝର,(ନିପ୍ର): ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମପଞ୍ଚାୟତର ନାଏକ ସାହିର ରାଧା ମାଧବ କୀର୍ତ୍ତନ ମଣ୍ଡଳୀରେ ତା୧୪/୪/୨୫ରିଖ ଠାରୁ ତା୧୭/୪/୨୫ ରିଖ ଯାଏ ୨୪ ପ୍ରହରୀ ନାମ ଯଜ୍ଞ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଯଜ୍ଞର ୩ୟ ଦିନରେ ବରିଷ୍ଠ ନାୟକ ସତ୍ୟାନନ୍ଦ ନାଏକ(୭୯),ବାୟକ ଦୋଳଗୋବିନ୍ଦ ନାଏକ(୮୨) ଏବଂ ଗାୟକ କାନ୍ଦୁରୁ ନାଏକ(୭୬)ଙ୍କୁ ମଞ୍ଚରେ ନୂତନ ବସ୍ତ୍ର ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ୩ ଜଣ ପିଲା ବେଳୁ ପରିଣତ ବୟସ ଯାଏ ଗାୟକ ବାୟକ ଭାବେ ଅନେକ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଯଜ୍ଞ ଅନୁଷ୍ଠାନ କରି ଅନେକ ଖ୍ୟାତି ଅର୍ଜନ କରିଛନ୍ତି । ଉକ୍ତ ସଙ୍କୀର୍ତ୍ତନ ଯଜ୍ଞରେ ରାଇଡିହା,ଚକୁଳିଆ(ଧାଡିଙ୍ଗ ସାହି), ଅର୍ଶଳା(କ), ମିରିଗିଖୋଜା ଓ ନେଲୁଙ୍ଗ ସଙ୍କୀର୍ତ୍ତନ ମଣ୍ଡଳୀ ଦଳ ଯୋଗ ଦେଇଥିଲେ । ସଙ୍କଳ୍ପରେ ବରିଷ୍ଠ ବାୟକ ପ୍ରସନ୍ନ କୁମାର ଦାସ ବସିଥିବା ବେଳେ ମଧୁସୂଦନ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ସ୍ୱର୍ଗଶ୍ରୀ ବାପି ଚୌଧୁରୀ, ସୁଶାନ୍ତ ନାଏକ, ରାମେଶ୍ୱର ସେଠୀ, ଭାରତ ନାଏକ, ନିରଞ୍ଜନ ନାଏକ, ନବଘନ ନାଏକ, ଛତିଶ ନାଏକ, ଚନ୍ଦ୍ର ନାଏକ, ବେଣୁଧର ନାଏକ, ଦୁର୍ଯ୍ୟୋଧନ ନାଏକ ଏବଂ ସାହିର ମହିଳା ଗୋଷ୍ଠୀଙ୍କ ସହଯୋଗରେ ଏହି ସଂକୀର୍ତ୍ତନ ଯଜ୍ଞ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ପ୍ରତିଦିନ ହଜାର ହଜାର ଭକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଭକ୍ତି ରସ ପାନ କରି ରାଧାକୃଷ୍ଣ ନାମ ଶ୍ରବଣ କରି ନିଜକୁ ଧନ୍ୟ ମନେ କରିଥିଲେ ।

### ନଦୀରେ ବୁଡି ୨ ଛାତ୍ର ମୃତ୍ୟୁ ଘଟଣା:

# କେଶରୀକୁଣ୍ଡ ନିଷିଦ୍ଧାଞ୍ଚଳ ଘୋଷିତ



ଚମ୍ପୁଆ,୧୯।୪ : ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ ଗ୍ରାମର କେଶରୀକୁଣ୍ଡ ଠାରେ ଗତ ୧୮ ତାରିଖରେ ସାଙ୍ଗମାନଙ୍କ ସହ ୨ଜଣ ଛାତ୍ର ଗାଧୋଇବାକୁ ଯାଇ ପାଣିରେ ବୁଡି ମରିବା ଘଟଣା ପରେ ତଥା ବିଭିନ୍ନ ସମୟରେ ସେଠାରେ ଘଟୁଥିବା ଦୁର୍ଘଟଣାକୁ ଏଡାଇବା ନିମନ୍ତେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନକୁ ଶନିବାର ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛନ୍ତି ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡା । ଚମ୍ପୁଆ ଥାନା ଅଧିକାରୀ ଦେବକୀ ନାୟକ, ତହସିଲଦାର ସଜତ ମାର୍କେ, ସହକାରୀ ଜିଲାପାଳ ସମରେନ୍ଦ୍ର ଦାସ ଓ ଚମ୍ପୁଆ ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଦୁର୍ଘଟଣା ଘଟିଥିବା ସ୍ଥାନ ପରିଦର୍ଶନ କରିବା ସହିତ ବୁଡିଯାଇଥିବା ଉଭୟ ଛାତ୍ରଙ୍କୁ ପାଣିରୁ ଉଦ୍ଧାର କରିଥିବା ସ୍ଥାନୀୟ ଅଧିବାସୀ ଦଶରୁ ନାଏକଙ୍କୁ ଉଦ୍ଧାର କାର୍ଯ୍ୟପାଇଁ ପ୍ରଶଂସା କରିବା ଏବଂ ଘଟଣା ବିଷୟରେ ପଚାରି ବୁଝିଥିଲେ । ଉକ୍ତ ସ୍ଥାନରେ ସର୍ବସାଧାରଣ ଜାତାୟାତ ବନ୍ଦ ନିମନ୍ତେ ଟ୍ରେଂଚ ଖୋଳିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସର୍ବସାଧାରଣ ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ସହାୟତାରେ ସଚେତନତା ଓ ସୂଚନା ପ୍ରଦାନ ପାଇଁ କରଂଜିଆ ରାଜସ୍ୱ ନିରୀକ୍ଷକ ଚିନ୍ମୟ ମହାନ୍ତଙ୍କୁ ନିର୍ଦ୍ଦେଶ ଦେବା ସହିତ ଉକ୍ତ ସ୍ଥାନକୁ ନିଷିଦ୍ଧାଚଂଳ ଘୋଷଣା କରାଗଲା ବୋଲି ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଚମ୍ପୁଆ ଅଂଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉପଜିଲାପାଳ ଶ୍ରୀ ପରିଡା ସୂଚନା ଦେଇଛନ୍ତି ।

## ଏନଏସଆଇସି ଆଜୀବିକା କେନ୍ଦ୍ରରେ ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ତାଲିମ




ରାଉରକେଲା: ସେଲ ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସ ଅନ୍ତର୍ଗତ ରୋଜଗାର କ୍ଷମତାରେ ଉନ୍ନତି ପଦକ୍ଷେପ ଅନୁଯାୟୀ, ଶିଳ୍ପ ସହର ବସ୍ତି ତଥା ପାର୍ଶ୍ୱାଞ୍ଚଳର ଦ୍ୱିତୀୟ ବ୍ୟାଚରେ ୩୦ ଜଣ ସ୍ଥାନୀୟ ଯୁବକ ନୂତନ ତାଲିମ କାର୍ଯ୍ୟକ୍ରମ 'ଆସିଷ୍ଟାଣ୍ଟ ମେସନ୍ ଫର ରିଫାକ୍ଟୋରୀ' ଅଧୀନରେ ତାଲିମ ଗ୍ରହଣ କରିଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମ ସେକ୍ଟର- ୧୫ ସ୍ଥିତ ଆଜୀବିକା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଏହି ଆଜୀବିକା କେନ୍ଦ୍ର ଏନଏସଆଇସି, ଏନଏସଟିଏଫଡ଼ିସି ଏବଂ ସେଲ ଆରଏସପି ମଧ୍ୟରେ ସ୍ୱାକ୍ଷରିତ ତ୍ରିପାକ୍ଷିକ ବୁଝାମଣା ପତ୍ର ଅଧୀନରେ ସ୍ଥାପିତ ହୋଇଛି । ସ୍ଥାନୀୟ ଯୁବକଙ୍କ ରୋଜଗାର ଦକ୍ଷତା ବୃଦ୍ଧି ନିମନ୍ତେ ବ୍ୟାଚ ପିଛା ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରଶିକ୍ଷଣ ଡିଜାଇନ୍ ହୋଇଛି ଯାହା ରିଫ୍ରାକ୍ଟୋରୀ ଶିଳ୍ପରେ ଜୀବିକା ଗଠନ ପାଇଁ ସେମାନଙ୍କୁ ଆବଶ୍ୟକ ଜ୍ଞାନକୌଶଳ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି ।

ଏହି ତାଲିମ କାର୍ଯ୍ୟକ୍ରମ ରିଫ୍ରାକ୍ଟୋରୀ ରାଜମିସ୍ତ୍ରୀ ବୃତ୍ତିର ବିଭିନ୍ନ ଦିଗରେ ବ୍ୟାପକ ଜ୍ଞାନ ଆହରଣ ତଥା ଏହି ବୃତ୍ତିର ବିଭିନ୍ନ ପ୍ରାସଙ୍ଗିକ ଦିଗ ଯଥା ରିଫ୍ରାକ୍ଟୋରୀ ଉପକରଣର ସଠିକ୍ ବ୍ୟବହାର, ରିଫ୍ରାକ୍ଟୋରୀ ସାମଗ୍ରୀ ପରିଚାଳନା, ସୁରକ୍ଷା, ଏବଂ ଏକ ଇସ୍ପାତ କାରଖାନାର ମୌଳିକ କାର୍ଯ୍ୟ ସମ୍ବନ୍ଧରେ ଅବଗତ ହେବା ସାମିଲ ରହିଛି । ଉଭୟ ତାତ୍ତ୍ୱିକ ଏବଂ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମ ଉଚ୍ଚ କୁଶଳୀ ଶ୍ରମିକ ସମୂହ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଏହି ଅଞ୍ଚଳର ଅର୍ଥନୈତିକ ବିକାଶ ଏବଂ ଶିଳ୍ପ ଅଭିବୃଦ୍ଧିରେ ଯୋଗଦାନ ଦେବା ସଙ୍ଗେ ସଙ୍ଗେ ରିଫ୍ରାକ୍ଟୋରୀ ଶିଳ୍ପରେ ବିଶେଷ ଅବଦାନ ଦେଇପାରିବେ ।

ଦକ୍ଷତା ପ୍ରଦାନ ସହିତ ଏହି ପଦକ୍ଷେପ ଅଞ୍ଚଳର ସାମାଜିକ-ଆର୍ଥିକ ଉନ୍ନତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ, ଯାହା ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରମଶକ୍ତିକୁ ସଶକ୍ତ କରିବ ଓ ଅଞ୍ଚଳର ସମାବେଶୀ ବିକାଶକୁ ଉତ୍ସାହିତ କରିବ ।

୩୦ ଦିନ ଧରି ଚାଲିଥିବା ଏହି ରୋଜଗାର ଉନ୍ନତି କାର୍ଯ୍ୟକ୍ରମ ଏପ୍ରିଲ ୧୫ ତାରିଖରେ ସମାପ୍ତ ହୋଇଥିଲା । ସମାପନ ସମାରୋହରେ ସେଣ୍ଟ୍ରାଲାଇଜ୍ଡ୍ ମେଣ୍ଟେନାନ୍ସ ବିଭାଗର ସିଜିଏମ ଇନ୍-ଚାର୍ଜ ଏସ ଏସ ରାୟଚୌଧୁରୀ ଅଧକ୍ଷତା କରିଥିଲେ । ତାଲିମ ଗ୍ରହଣ କରିଥିବା ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ସେ ଏହି ଶିକ୍ଷା ପ୍ରୋଗ୍ରାମ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ଏହା ମୂଲ୍ୟବାନ ନିଯୁକ୍ତି ଅବସର ସୃଷ୍ଟି କରିବା ସହିତ ସ୍ଥାନୀୟ ଶିଳ୍ପ କ୍ଷମତାରେ ବୃଦ୍ଧି କରିବ ।

ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ୍-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ରିଫ୍ରାକ୍ଟୋରିଜ ବିଭାଗର ଇନ୍-ଚାର୍ଜ ଏସ ଏସ ପଣ୍ଡା, ସିଏସଆର ବିଭାଗର ମ୍ୟାନେଜର୍ ସୁଶ୍ରୀ ରିଚା ସୁଧିରମ୍ ଓ ଏଲବିଆଇ ଏନଏସଆଇସିର ଚିଫ୍ ମ୍ୟାନେଜର୍ ଶ୍ରୀ ଡ଼ି ନାୟକ ଉପସ୍ଥିତ ଥିଲେ ।

## 'ଲିଙ୍ଗରାଜଙ୍କ ଚାପକୁ କପିଳନାଥ ଆସନ୍ତୁ ରୁକୁଣା ରଥରୁ ବ୍ରହ୍ମାଙ୍କୁ ନିଜ ଆସ୍ଥାନକୁ ନିଆଯାଉ'



ଭୁବନେଶ୍ୱର : ଏପ୍ରିଲ ୩୦ ତାରିଖ, ବୁଧବାର, ଅକ୍ଷୟ ତୃତୀୟା । ମହାପ୍ରଭୁ ଲିଙ୍ଗରାଜ ବିନ୍ଦୁସାଗରରେ ୨୨ ଦିନ ଧରି ଚାପ ଖେଳିବେ । ଏହି ଚାପକୁ କପିଳେଶ୍ୱରର କପିଳନାଥ ଆସନ୍ତି । ଦୁଃଖର ବିଷୟ, ୨୦୧୬ ମସିହା ଠାରୁ କପିଳନାଥ ଲିଙ୍ଗରାଜ ମହାପ୍ରଭୁଙ୍କ ଚାପକୁ ଆଉ ଆସୁନାହାନ୍ତି । ହାଣ୍ଡି ଭଙ୍ଗା ଯାତ୍ରା ଠାରୁ କପିଳନାଥ ଓ ଲିଙ୍ଗରାଜଙ୍କ ମଧ୍ୟରେ ବିବାଦ ଲାଗି ରହିଅଛି । ଏ ବାବଦୀୟ ସମାଧାନ ପାଇଁ ମାନ୍ୟବର ହାଇକୋର୍ଟ ଆଗରୁ ଯେପରି ସମସ୍ତ ନୀତି ପ୍ରଚଳନ ହୋଇଆସୁଥିଲା ସେପରି କରିବା ପାଇଁ ନିର୍ଦ୍ଦେଷ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନାହିଁ । ଦିନକୁ ଦିନ ସମୟ କର୍ତ୍ତୃପକ୍ଷ ଗଡେଇ ଚାଲିଛନ୍ତି । ବର୍ତ୍ତମାନ ଡବଲ ଇଞ୍ଜିନ ସରକାର । ମହାପ୍ରଭୁ ଲିଙ୍ଗରାଜଙ୍କ ଆଇନ ପ୍ରଣୟନ କରି ମହାପ୍ରଭୁଙ୍କ ୧୪ ନୀତିରୁ ବନ୍ଦ ହୋଇଯାଇଥିବା ୧୦ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ଦାବି କରିଛନ୍ତି ।ତା'ସହିତ ଜଣେ ସ୍ଥାୟୀ ଆଇଏଏସ ଅଫିସରଙ୍କୁ ଲିଙ୍ଗରାଜଙ୍କ ମନ୍ଦିର ନିର୍ବାହୀ ଅଧିକାରୀ ରୂପେ ନିଯୁକ୍ତି କରାଯାଉ ବୋଲି ସ୍ୱର ଉତ୍ତୋଳନ କରିଛନ୍ତି । ରୁକୁଣା ରଥକୁ ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ଲିଙ୍ଗରାଜ ମନ୍ଦିରରେ ଥିବା ଆସ୍ଥାନରୁ ଏପ୍ରିଲ ୪ ତାରିଖରେ ନିଆଯାଇଥିଲା ।୧୨ ତାରିଖ ଦିନ ମହାପ୍ରଭୁ ଲିଙ୍ଗରାଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ । ଦୁଃଖର ବିଷୟ, ବ୍ରହ୍ମା ଭଗବାନ ଏପର୍ଯ୍ୟନ୍ତ ଖରା, ବର୍ଷା , ବାଲି,ଧୂଳି ଓ କାକରରେ ରଥରେ ବସି ରହିଛନ୍ତି । ଏଣୁ ଯଥାଶୀଘ୍ର ତାଙ୍କୁ ତାଙ୍କ ନିଜ ଆସ୍ଥାନକୁ ଫେରାଇ ନିଆଯାଉ ।

ଏଗୁଡିକ ପ୍ରତି ଆଇନ ମନ୍ତ୍ରୀ ଦୃଷ୍ଟି ଦେବାକୁ ଶ୍ରୀ ମିଶ୍ରଙ୍କ ସହିତ ଅଶୋକ କୁମାର ମହାରଣା, ହୃଷିକେଶ ବେହେରା, ପତିତପାବନ ପଣ୍ଡା, ସୌଦାମିନୀ ସାମଲ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଦେବୋତ୍ତର ବିଭାଗର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ପାପଡାହାଣ୍ଡିରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସକ୍ରିୟ ସଦସ୍ୟ କର୍ମୀ ସମ୍ମିଳନୀ



ଡାବୁଗାଁ,(ନିପ୍ର): ଡାବୁଗାଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାପଡାହାଣ୍ଡି ସଦର ମହକୁମା ସ୍ଥିତ ନୀଳକଣ୍ଠେଶ୍ୱର ଶିବମନ୍ଦିର ନିକଟରେ ବିଜେପିର ଡାବୁଗାଁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସକ୍ରିୟ ସଦସ୍ୟମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଲା । କର୍ମୀ ସମ୍ମିଳନୀରେ ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାଶ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ରାଜ୍ୟ ସଂପାଦକ ରମେଶ ଚନ୍ଦ୍ର ସାହୁ, ସୋମନାଥ ପୂଜାରୀ ଓ ରାଜେନ୍ଦ୍ର କିଶୋର ମଞ୍ଚାସୀନ ଥିଲେ । ଡାବୁଗାଁ ନିର୍ବାଚନ ମଣ୍ଡଳୀର ଅନେକ ବିଜେପି କର୍ମୀ ଉପସ୍ଥିତ ଥିଲେ । ଆଗାମୀ ପଞ୍ଚାୟତସ୍ତରୀୟ ନିର୍ବାଚନକୁ ଦୃଷ୍ଟିରେ ରଖି ଆଜିର ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ହକି ପ୍ରତିଯୋଗିତାକୁ ସମର୍ଥନ

ଝାରସୁଗୁଡା: ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲା ହକି ଆସୋସିଏସନର ସହଯୋଗରେ ଆୟୋଜିତ ୧୭ ବର୍ଷରୁ କମ୍ ବର୍ଗରେ ଆନ୍ତଃରାଜ୍ୟ ବାଳିକା



୫-ଏ-ସାଇଡ୍ ହକି ପ୍ରତିଯୋଗିତାକୁ ସମର୍ଥନ କରିଛି । ଏହି ପ୍ରତିଯୋଗିତା ୧୮ ଏପ୍ରିଲରୁ ୨୦ ଏପ୍ରିଲ, ୨୦୨୫ ପର୍ଯ୍ୟନ୍ତ ଝାରସୁଗୁଡାର ଏଚ୍. କଟାପାଲିର ହକି ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି । ଝାରସୁଗୁଡାରେ ଏହି ପ୍ରତିଯୋଗିତାରେ ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର ନଅଟି ଦଳ ଅଂଶଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଦଳରେ ଆଠ ଜଣ ଖେଳାଳି, ଜଣେ ପ୍ରଶିକ୍ଷକ ଏବଂ ଜଣେ ଦଳ ପରିଚାଳକ ଅଛନ୍ତି । ମ୍ୟାଚଗୁଡ଼ିକ ଲିଗ୍ ଫର୍ମାଟ୍ ଅନୁସରଣ କରିବ, ୧୮ ଏପ୍ରିଲ ସକାଳ ୬:୦୦ ରୁ ୮:୦୦ ମଧ୍ୟରେ ପ୍ରାରମ୍ଭିକ ରାଉଣ୍ଡ ହେବ, ତା'ପରେ ସନ୍ଧ୍ୟା ୫:୦୦ ରେ ଆନୁଷ୍ଠାନିକ ଉଦ୍‌ଘାଟନ ହେବ । ସମାପନୀ ସମାରୋହ ୨୦ ଏପ୍ରିଲ୍, ୨୦୨୫ ସନ୍ଧ୍ୟା ୭:୦୦ ଟାରେ ଅନୁଷ୍ଠିତ ହେବ ।

ଏହି କାର୍ଯ୍ୟକ୍ରମକୁ ଝାରସୁଗୁଡାର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ହକି ଆସୋସିଏସନର ସଭାପତି ଆବୋଲି ସୁନିଲ ନରଭାଣେ ଏବଂ ଅତିରିକ୍ତ ଜିଲ୍ଲା କଲେକ୍ଟର ଏବଂ ଆସୋସିଏସନର ସମ୍ପାଦକ ବ୍ରଜ ବନ୍ଧୁ ଭୋଇଙ୍କ ଦ୍ୱାରା ପରିଚାଳନା କରାଯିବ ସହିତ ବେଦାନ୍ତ ଆଲୁମିନିୟମ ଏହାକୁ ସମର୍ଥନ କରୁଛି । କାର୍ଯ୍ୟକ୍ରମର ସୁଗମ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ନିୟମିତ ସମୀକ୍ଷା କରାଯାଉଛି । ଓଡ଼ିଶା ହକି ଆସୋସିଏସନ ଦ୍ୱାରା ନିଯୁକ୍ତ ଦଶ ଜଣ ଅଧିକାରୀ ଟୁର୍ଣ୍ଣାମେଣ୍ଟ ତଦାରଖ କରିବେ । ବେଦାନ୍ତ ଆଲୁମିନିୟମ ସମ୍ପ୍ରଦାୟ ବିକାଶ ଏବଂ କ୍ରୀଡା ପଦକ୍ଷେପ ପ୍ରତି ପ୍ରତିବଦ୍ଧ, ସହଯୋଗୀ ପ୍ରୟାସ ମାଧ୍ୟମରେ ତୃଣମୂଳସ୍ତରର କ୍ରୀଡା ଏବଂ ଯୁବ ସମ୍ପର୍କକୁ ସମର୍ଥନ କରିଆସୁଛି । କମ୍ପାନୀ ସମ୍ପ୍ରତି ଓଡ଼ିଶାର ଭୁବନେଶ୍ୱରରେ ଅବସ୍ଥିତ ଏକ ପ୍ରମୁଖ ହକି ଦଳ କଳିଙ୍ଗ ଲାନ୍ସର୍ସଙ୍କୁ ଅଧିଗ୍ରହଣ କରିଛି, ଯାହା ଓଡ଼ିଶାରେ କ୍ରୀଡାକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି, ଯେଉଁଠାରେ କମ୍ପାନୀ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ସାମାଜିକ-ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ବରିଷ୍ଠ ସାମ୍ବାଦିକ ଏସଏ କଲିମଙ୍କ ଦେହାନ୍ତ

ଭୁବନେଶ୍ୱର: ବରିଷ୍ଠ ସାମ୍ବାଦିକ ଶେଖ୍ ଅବଦୁଲ କଲିମ(୫୭)ଙ୍କର ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ବାସଭବନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ପକ୍ଷରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା । ଡାକ୍ତରମାନେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିକଟବର୍ତ୍ତୀ କଡ଼ବ ଗାଁରେ ଜନ୍ମିତ ଶେଖ୍ କଲିମ୍ ୯୦ ଦଶକରୁ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିଲେ । ଉତ୍କଳିକା, ଦିନଲିପି, ଦର୍ଶନ ଏବଂ ଏସ୍‌ଟିଭି ଭଳି ଖବରକାଗଜ ଓ ଟିଭି ଚ୍ୟାନେଲରେ ପୂର୍ବରୁ



କାର୍ଯ୍ୟ କରିଥିବା ଶେଖ କଲିମ ସଂପ୍ରତି 'ସମ୍ବାଦ କଳିକା'ର ବାର୍ତ୍ତା ସଂପାଦକ ଦାୟିତ୍ୱ ତୁଲାଉଥିଲେ । ପରଲୋକ ଖବର ପାଇ ଭୁବନେଶ୍ୱରସ୍ଥିତ ବାସଭବନରେ ଆତ୍ମୀୟସ୍ୱଜନ ଓ ସାମ୍ବାଦିକମାନେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ମା ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ସମାପନ,ଲକ୍ଷାଧିକ ଭକ୍ତଙ୍କ ସମାଗମ

ତାଳଚେର,(ନିପ୍ର): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କର ସୁପ୍ରସିଦ୍ଧ ଶୀତୁଳା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଜି ଅପରାହ୍ନରେ ମା ହିଙ୍ଗୁଳା ଓ କୁଟେଇଗୁଣୀଙ୍କ ଚଳନ୍ତି ପ୍ରତିମା ଆଲମଦ୍ୱୟକୁ ଦିଅଁଘରୁ ବଡମଣ୍ଡପ(ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା । ମୁଖ୍ୟ ଦେହୁରୀ କିଶୋର ଦେହୁରୀ ଓ ଟଙ୍କଧର ଦେହୁରୀ ଷୋଡଶ ଉପଚାର ବିଧି ଅନୁଯାୟୀ ପୂଜାର୍ଚ୍ଚନା କରି ମା ହିଙ୍ଗୁଳାଙ୍କ ଆରାଧନା କରିଥିଲେ । ପୀଠ ପରିସରରେ ଥିବା ପାଂଚ ପୀଢ ଯଥା ମା ହିଙ୍ଗୁଳା,ମା କରଡେଇ, କୁଟେଇଗୁଣୀ, ଖୁମ୍ବେଶ୍ୱରୀ ଓ କଳାପାଟଙ୍କର ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଥିଲା । ସନ୍ଧ୍ୟାରେ ମା ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଉଭାସ୍ଥଳୀକୁ ଏକ ଭବ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା । ପାରମ୍ପରିକ ରୀତିନୀତି ଅନୁଯାୟୀ ମା ଅଗ୍ନିରୂପାଙ୍କର ପଂଚପୋଚାର ପୂଜା କରିବା ସହ ଉଖୁଡା,ଗୁଡ,ଘିଅ,ମହୁ,ଛିଟ,ନୈବେଦ୍ୟ ଆଦି ଅର୍ପଣ କରାଯାଇଥିଲା । ଏହାପରେ ଶୀତୁଳା ପୂଜା ଅନୁଷ୍ଠିତ ହୋଇଥିଲା । ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ଏହାପରେ ଉଭାସ୍ଥଳୀରେ ଥିବା ଚାନ୍ଦୁଆ ଲାଗି ହୋଇଥିଲା । ଶେଷରେ ବଡମଣ୍ଡପକୁ ମା ହିଙ୍ଗୁଳାଙ୍କ ଆଲାମକୁ ବିଜେ କରା ଯାଇ ଅଧରପଣା ନୀତି ସଂପନ୍ନ କରାଯାଇଥିଲା । ଆଜି ପ୍ରଚଣ୍ଡ ଖରା ସତ୍ତ୍ୱେ ମା ହିଙ୍ଗୁଳାଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।



ଏହି ଅବସରରେ ମାଆଙ୍କ ପୀଠ ପରିସରରେ ଅନୁଷ୍ଠିତ ୨୧ତମ ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଏନ୍‌ଟିପିସି ଥର୍ମାଲର ଅତିରିକ୍ତ ମହାପ୍ରବନ୍ଧକ ଅଞ୍ଜନ କୁମାର ସାହୁ, ସମ୍ମାନୀତ ଅତିଥି ଭାବରେ ଏନ୍‌ଟିପିସି କଣିହାଁର ମହାପ୍ରବନ୍ଧକ ସତ୍ୟ ରାମ କୃଷ୍ଣ, ଅତିରିକ୍ତ ମହାପ୍ରବନ୍ଧକ ନବନୀତ୍ କୁମାର ଓ ତାଳଚେର ସାର କାରଖାନାର ସିଇଓ ସତ୍ୟବ୍ରତ ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ ମାଆ ହିଙ୍ଗୁଳାଙ୍କ ମହିମା ସଂପର୍କରେ ବର୍ଣ୍ଣନା କରିବା ସହ ଆମ ସଂସ୍କୃତି,ପରମ୍ପରା ଓ ଐତିହ୍ୟକୁ ଯୋଡିବାରେ ଲୋକ ମହୋତ୍ସବ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ସମେତ ଉପଖଣ୍ଡ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ସୁନନ୍ଦା ନାୟକ ପରିଚାଳନା କରିଥିବା ବେଳେ ପ୍ରତାପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କଳାକାରଙ୍କୁ ଅତିଥିମାନେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ମାନସ ମୋହନ ସେଠ, ସହକାରୀ ଜିଲ୍ଲାପାଳ ନାରାୟଣ ସେଠୀ, ପୁଷ୍ପିତା ମଧୁମତୀ ଦେହୁରୀଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ, ମୂରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ ପ୍ରଧାନ,ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ତିଥି : (ସପ୍ତମୀ) : (ମୂଳା ଧନୁ)
ଅମୃତବେଳା: ଦିବା ଘ୯ ।୨୯ ଗତେ ଘ ୧୨ ।୪୧ ମଧ୍ୟେ

## ଆଜିର ଅନୁଚିନ୍ତନ

କେହି କର୍ମ ମାର୍ଗ ଛାଡ଼ି ଜ୍ଞାନ ମାର୍ଗ ଧରି
ଅବା ଯାଆନ୍ତି ନିଷ୍କାମ ମାର୍ଗେ କର୍ମ କରି।।
- ଶ୍ରୀମଦ୍ ଭଗବଦ୍ ଗୀତା

# ସୌରଭ ବିତରିତ ହେଉ

ୟୁନେସ୍କୋର ମେମୋରି ଅଫ୍ ଦି ୱାର୍ଲଡ ରେଜିଷ୍ଟରରେ ଶ୍ରୀମଦ୍ ଭଗବତ ଗୀତା ଓ ଭରତମୁନିଙ୍କ ଲିଖିତ ନାଟ୍ୟଶାସ୍ତ୍ରକୁ ସାମିଲ କରାଯିବା ଫଳରେ ବିଳମ୍ବରେ ହେଉ ପଛେ ଭାରତୀୟ ଜ୍ଞାନ ଓ ସଂସ୍କୃତି ବୈଶ୍ୱିକ ମାନ୍ୟତା ହାସଲ କରିଛି। ମହାଭାରତର ଭୀଷ୍ମ ପର୍ବରେ ଶ୍ରୀକୃଷ୍ଣ - ଅର୍ଜୁନଙ୍କ ମଧ୍ୟରେ ୭ଶହ ଶ୍ଳୋକ ଆଧାରିତ କଥୋପକଥୋନ ଭାରତୀୟ ଦର୍ଶନର ଅମୂଲ୍ୟ ନିଧି, ଯେଉଁଥିରେ କି ବୈଦିକ, ବୌଦ୍ଧ, ଜୈନ, ଚାରବାକ ପ୍ରଭୃତି ଚିନ୍ତାଧାରାର ଅତୁଳନୀୟ ବିଶ୍ଳେଷଣ କରାଯାଉଛି। ସେମିତି ଭଣ୍ଡାରକର ଓରିଏଣ୍ଟାଲ ରିସର୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ସଂରକ୍ଷିତ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ରଚିତ ଭରତମୁନିଙ୍କ ପ୍ରସିଦ୍ଧ ନାଟ୍ୟଶାସ୍ତ୍ର ଅମୂଲ୍ୟ କୃତି ଭାବରେ ପରିଚିତ। ଏହି ଗ୍ରନ୍ଥ ପ୍ରାଧାନ୍ୟ ଦିଏ ଯେ ବିନା ରସରେ କିଛି ପ୍ରସ୍ଫୁଟିତ ହୁଏନାହିଁ। ଭାରତୀୟ ନାଟକ, ନୃତ୍ୟ, ସଂଗୀତ ତଥା ନାନ୍ଦନିକତା କ୍ଷେତ୍ରକୁ ଏହା ବହୁଳ ଭାବରେ ପ୍ରଭାବିତ କରିଥିବା ସର୍ବଜନବିଦିତ।

ଏକ ସ୍ୱାଧୀନ ଉପଦେଷ୍ଟା କମିଟି ଦ୍ୱାରା ଆକଳିତ ହୋଇଥିବା ୫୭୦ ସଂଗ୍ରହ, ବିଶେଷକରି ଭାରତର ୧୪ଟି ଦଲିଲ ବା କୃତିକୁ ଏହା ସ୍ଥାନିତ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୌରବ ଆଣିଦେଇଛି ୟୁନେସ୍କୋ। ସଂପ୍ରତି ବିଶ୍ୱ ଆତଙ୍କବାଦ, ଯୁଦ୍ଧ, ପାଣିପାଗ ପରିବର୍ତ୍ତନ, ବିଶ୍ୱତାପନ, ନାନା ଅସ୍ଥିରତା ମଧ୍ୟରେ ପୀଡ଼ିତ ଥିବାବେଳେ ସବୁ ମଣିଷଙ୍କ ପାଇଁ ଶାନ୍ତିରେ ଜୀବନଯାପନ ଏକମାତ୍ର ଲକ୍ଷ୍ୟ ତଥା କାମ୍ୟ। ସମସ୍ତ ସନ୍ଦେହ ଦୂର କରି ଈଶ୍ୱରଙ୍କ ଠାରେ ଆସ୍ଥା ସ୍ଥାପନ ସାଙ୍ଗକୁ ଶରଣାପନ୍ନ ହେବା ସହିତ ଜୀବନଚର୍ଯ୍ୟାରେ ଶୁଦ୍ଧତା, ଶୃଙ୍ଖଳା, କରୁଣା, ସାଧନା, ଏକତା ପ୍ରଭୃତିକୁ ଗୁରୁତ୍ୱ ଦେଲେ ଜୀବନ ଅର୍ଥପୂର୍ଣ୍ଣ ହେବା ନିଶ୍ଚିତ। ଶୂନ୍ୟ ହସ୍ତରେ ଆସିଥିବା ମଣିଷର ଅନ୍ତିମ ପରିଣତି ମଧ୍ୟ ଶୂନ୍ୟ। ତେବେ ଏ ଧରାପୃଷ୍ଠକୁ ଯେଉଁମାନେ ନିଜର ନିଃସ୍ୱାର୍ଥ ସେବା ନାନା ଭାବେ ଯୋଗାଇ ଥାଆନ୍ତି ସେମାନେ ମାନବ ଜାତିର ହିତାକାଂକ୍ଷୀ ଭାବେ ସ୍ମରଣୀୟ ହୋଇ ରୁହନ୍ତି। ଜୀବନକୁ ଅର୍ଥପୂର୍ଣ୍ଣ ଭାବରେ ଜୀଇଁବାର କୌଶଳ ଏହି ଶାସ୍ତ୍ରରେ ଏଭଳି ଯେ ବିଶ୍ୱରେ ୮୦ରୁ ଅଧିକ ଭାଷାରେ ଏହା ଅନୂଦିତ ହୋଇସାରିଛି। ଧାର୍ମିକ କ୍ଷେତ୍ର ବ୍ୟତିରେକ ଦାର୍ଶନିକ, ନେତା, ବୁଦ୍ଧିଜୀବୀ ପ୍ରଭୃତି ବର୍ଗଙ୍କୁ ଏହା କାଳେ କାଳେ ଆଲୋଡ଼ିତ କରିଆସୁଛି। ସେହିପରି ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ଶୃଙ୍ଗାର, ହାସ୍ୟ, କରୁଣା, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍‌ଭୂତ ଏପରି ନବଧା ରସକୁ ପ୍ରଦର୍ଶନ କଳାରେ କିପରି ଉପସ୍ଥାପିତ କରିହେବ ତାହାର ତାତ୍ତ୍ୱିକ ଆଲୋଚନା ବର୍ତ୍ତମାନର ଅପସଂସ୍କୃତି ଆଧାରିତ କିଛି ପ୍ରଦର୍ଶନ କଳା ବିରୋଧରେ ଏକ ପ୍ରତିବାଦ ବୋଲି ବିବେଚନା କରାଯାଇପାରେ। ଆଲୋଚ୍ୟ ଉଭୟେ ଗ୍ରନ୍ଥ ୟୁନେସ୍କୋ ମାନ୍ୟତା ପ୍ରାପ୍ତି ଏକ ଅନ୍ତର୍ଜାତୀୟ ସ୍ୱୀକୃତି।

ମାତ୍ର ବିଶ୍ୱର କୋଣ ଅନୁକୋଣରେ ଏହାର ବ୍ୟାପକ ପ୍ରସାରଣ ବିନା ଆଗକୁ ଅଧିକ କିପରି ବଢିହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରେ। ସୁତରାଂ କେନ୍ଦ୍ର ସରକାର ଏହି ଦୁଇ ଗ୍ରନ୍ଥ ଲୋକଙ୍କ ନିକଟରେ ବ୍ୟାପକ ଭାବରେ ପହଞ୍ଚାଇବାର ପ୍ରୟାସ ଆବଶ୍ୟକ ପଡୁଛି। ଯାହାଦ୍ୱାରା ଏହାର ସୌରଭ ଚାରିଆଡ଼େ ପ୍ରସାରିତ ହୋଇପାରିବ।

# ମଦ ବନାମ ଜୀବନ

## ଯାଜ୍ଞସେନୀ ବେହେରା

ସଂସାରରେ ଜନ୍ମ ମୃତ୍ୟୁ , ଦୁଃଖ ସୁଖ ଲାଗି ରହିଛି । କିନ୍ତୁ ଆଉ ଗୋଟେ ସମସ୍ୟା ସର୍ବଦା ଲୋକମାନଙ୍କ ଦୈନିନ୍ଦନ ଜୀବନରେ ଉପୁଜିଛି ତାହା ହେଉଛି ପ୍ରତ୍ୟେକ ପରିବାରରେ ନିଶାସେବନ ବ୍ୟକ୍ତି ବିଶେଷ।

କାହିଁ କେତେ ବର୍ଷରୁ ନିଶା ମୁକ୍ତ ଓଡ଼ିଶା ଅଭିଯାନ ଚାଲି ଆସିଛି , କିନ୍ତୁ ଏହା ପାଇଁ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। କିମ୍ବା ଲୋକମାନେ ସଚେତନତା ଅବଲମ୍ବନ କରିନାହାନ୍ତି। ଲୋକମାନେ ମଦ ନିଶାକୁ ଅଧିକ ସେବନ କରନ୍ତି, ରିପୋର୍ଟରୁ ଜଣାପଡ଼ିଛି ୧୯% ପ୍ରତିଶତ ପୁରୁଷ ୧ % ପ୍ରତିଶତ ମହିଳାମାନେ ସେବନ କରନ୍ତି। ସହରରେ ରହୁଥିବା ୧୯% ବ୍ୟକ୍ତି ଓ ଗ୍ରାମାଞ୍ଚଳରେ ୧୬% ପ୍ରତିଶତ ଲୋକ ମଦ୍ୟପାନ କରିଥାନ୍ତି। ପ୍ରତ୍ୟେକ ଦିନ ଗଣ ମାଧ୍ୟମରେ ଖବର ପରିବେଷଣ କରାଯାଉଛେ ଯେ କୋଉଠି ସ୍ୱାମୀ ମଦ ପିଇ ସ୍ତ୍ରୀକୁ ବାଡେଇ ବାଡେଇ ହତ୍ୟା କଲାଣି ତ ଆଉ ପୁଣି ପୁଅ ମଦ ପିଇ ବାପା ଓ ମାଆଙ୍କର ହତ୍ୟା କରି ଦେଲାଣି । ସକାଳୁ ସଞ୍ଜ ଯାଏ ଏହିପରି ଖବର ଶୁଣିବାକୁ ମିଳୁଛି। ମିଡ଼ିଆ ରିପୋର୍ଟରୁ ଜଣାପଡ଼ିଛି ଯେ ସବୁଠୁ ଅଧିକ ମଦ୍ୟପାନ ସେବନ କରୁଥିବା ରାଜ୍ୟଗୁଡ଼ିକ ହେଲା



ତେଲେଙ୍ଗାନା, ଝାଡଖଣ୍ଡ, ଆସାମ, ଉତ୍ତରାଖଣ୍ଡ , ମଣିପୁର, ମେଘାଳୟ ଓ ଓଡ଼ିଶା ମଧ ସେ ତାଲିକାର ଅନ୍ତର୍ଭୁକ୍ତ ଅଟେ।

ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା ବ୍ୟକ୍ତିଗତ ଜୀବନରେ ସମସ୍ୟା ଦେଖାଯାଇଛି ଯେମିତିକି ବେରୋଜଗାର, ବିବାହ ବିଚ୍ଛେଦ, ଘରୋଇ ହିଂସା,ଏହା ଦ୍ୱାରା ନିଜେ ଓ ପରିବାର ଏହାର ସମ୍ମୁଖୀନ ହୋଇଥାନ୍ତି। ଜଣେ ବ୍ୟକ୍ତି କେତେଗୁଡ଼ିଏ ସମ୍ପର୍କରେ ବନ୍ଧା ଅଟେ, କାହାର ବାପା, କାହାର ଭାଇ, କାହାର ସ୍ୱାମୀ କାହାର ପୁଅ ହୋଇଥାଏ । ସେ ନିଜେ ତା ଜୀବନ ସହିତ ସଂଘର୍ଷ କରୁଥାଏ ଏବଂ ପରିବାର ଲୋକେ ଭୋଗୁ ଥାଆନ୍ତି, ମୁଁ ମୋର ଗୋଟେ ଅନୁଭୂତି କରିଥିବା କଥାଟି ଜଣେଇବାକୁ ଚାହୁଁଛି , କିଛିଦିନ ତଳେ ମୁଁ ମୋର ଆତ୍ମୀୟଙ୍କୁ ହରାଇଥିଲି । ସେ ଅତ୍ୟଧିକ ମଦ୍ୟପାନ, ଧୂମ ପାନ କରିବା ଦ୍ୱାରା ତାଙ୍କର ଲିଭର୍ ଖରାପ ହୋଇଯାଇଥିଲା ସେଥିରେ ତାଙ୍କର ମୃତ୍ୟୁ ବରଣ ହୋଇଥିଲା। କିନ୍ତୁ କଥାଟି କହିବାର କାରଣ ଅଟେ ସେ କାହାର ପୁଅ,ଭାଇ,ସ୍ୱାମୀ ଥିଲେ, ତାଙ୍କର ମୃତ୍ୟୁ ସହିତ ସମ୍ପର୍କର ମଧ ଅସ୍ତିତ୍ୱର ମୃତ୍ୟୁ ହୋଇଥିଲା। ମାର ଦୁଃଖ ଭୁଲିବାକୁ ତାର ଆଉଗୋଟେ ସନ୍ତାନ ଥିଲା, କିନ୍ତୁ ଗୋଟେ ସ୍ତ୍ରୀଟି ଦୁଃଖ ଭୁଲିବାକୁ ତା ପାଖରେ କିଛି ବିକଳ୍ପ ନଥିଲା, ଏଇଟା ମୋତେ ବହୁତ ମର୍ମାହତ କରିଥିଲା । ଏଭଳି ପ୍ରତ୍ୟେକ ଦିନ ନିଶା ସେବନ ଦ୍ୱାରା କେତେ ଲୋକ ଯେ ମୃତ୍ୟୁ ବରଣ କରୁଛନ୍ତି ତାହାର ଆକଳନ କରାଯାଇ ନ ପାରେ। ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଆମକୁ ନିଶା ସେବନ ନ କରୁ। ଏହାପ୍ରତି ଆମେ ଧ୍ୟାନ ଦେବା ନିହାତି ଦରକାର ଅଟେ। କେହିହେଲେ ନିଶା ଜାଲରେ ପଡ଼ନ୍ତୁ ନାହିଁ।

ଓଡ଼ିଶାର ନୂତନ ସରକାରଙ୍କ ତରଫରୁ କୁହାଯାଇଛି କି ଅଗଷ୍ଟ ୮ , ୨୦୨୪ ଓଡ଼ିଶା ରାଜ୍ୟରେ ଆଉ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯିବ ନାହିଁ ଓ ବଜାରରେ ହେଉଥିବା ଅବୈଧ ମଦ ବିକ୍ରି କାରବାରକୁ ରୋକି ଦିଆଯିବ। ରାଜ୍ୟ ସରକାର ୨୦୨୪ ସେପ୍ଟେମ୍ବର ୧ରୁ ମଦ୍ୟପାନ କରି ବାର୍‌ରେ ନୃତ୍ୟ କରିପାରିବେ ନାହିଁ, କିନ୍ତୁ ଓଡ଼ିଶାର ବହୁ ସ୍ଥାନରେ ଦେଖାଯାଇଛି ସ୍କୁଲ ପାଖରେ ମଦ ଦୋକାନ ଓ ତମାଖୁ ଦୋକାନ ଦେଖିବାକୁ ମିଳେ। ବିଦ୍ୟାଳୟରେ କୋମଳମତି ଶିଶୁମାନେ ଅଧ୍ୟୟନ କରୁଛନ୍ତି । ସେମାନେ ଆଗାମୀ ପିଢ଼ିର ଭବିଷ୍ୟତ ସେମାନଙ୍କ ଉପରେ କ'ଣ ପ୍ରଭାବ ପଡ଼ିବ । ସମାଜ ପରିସର ଭିତରେ ରହୁଥିବା ଯୁବପିଢ଼ିଙ୍କ ଉପରେ ଗୋଟେ ଅପ୍ରୀତିକର ପ୍ରଭାବ ପଡୁଛି। ଏହାକୁ ଅଣଦେଖା କରାଯାଇନପାରେ।

ଅନେକ ସମୟରେ ଆମେ ସରକାରଙ୍କୁ ଦୋଷ ଦେଇଥାଉ କିନ୍ତୁ ଏହି ଲେଖିକା ମତରେ ଆମେ ନିଜେ ସର୍ବ ପ୍ରଥମେ ସଚେତନ ହେବା ଦରକାର, ଆମକୁ ସୁସ୍ଥ ସମାଜ ଗଠନରେ ନିଜେ ହିଁ ପଦକ୍ଷେପ ନେବାକୁ ପଡ଼ିବ।

ଜ୍ୟୋତ୍ସ୍ନା ବିହାର, ଭାଣପୁର, କଟକ
ମୋ-୮୭୬୩୨୪୪୬୧୮

# ଶିକ୍ଷକଙ୍କ ଶିକ୍ଷା

## ସତ୍ୟନାରାୟଣ ଦେହୁରୀ

"ଶିକ୍ଷାଦାନରେ କେଉଁ ପର୍ଯ୍ୟାୟରେ କିଛି ତ୍ରୁଟି ରହୁଛି ତାକୁ ସଂଶୋଧନ କରିବା ପାଇଁ ଏହା ଉପଯୋଗୀ ହୋଇଥାଏ । ପ୍ରତି ଲେସନରେ ଶିକ୍ଷକମାନେ ଯେଉଁ ମତାମତ ଦିଅନ୍ତି ତାକୁ ଆଧାର କରି ପରବର୍ତ୍ତୀ ଲେସନଗୁଡିକୁ ସଂଶୋଧନ କରାଯାଏ । ଏହି ଲେସନଗୁଡିକ ଡେଲିଭର କରିବା ପୂର୍ବରୁ କେଉଁ ଶ୍ରେଣୀର କେଉଁ ବିଷୟ ଶିକ୍ଷାଦାନ କରିବେ ନିରୂପଣ କରାଯାଏ । ତାପରେ ସେହି ବିଷୟଗୁଡିକୁ ପ୍ରସ୍ତୁତ ହୋଇ ଏକ ଲେସନ ପ୍ଲାନ ପ୍ରସ୍ତୁତ କରିବାକୁ ହୁଏ । ତାପରେ ଯାଇ ନିଜ ନିଜ ଶିକ୍ଷାଦାନ ଉପକରଣ ସହ ଅଭ୍ୟାସ ଶିକ୍ଷାଦାନକୁ ଯିବାକୁ ହୁଏ । ଏହିପରି ଭାବରେ ଲେସନଗୁଡିକୁ ଅଭ୍ୟାସ ଶିକ୍ଷାଦାନ ମାଧ୍ୟମରେ ଡେଲିଭର କରାଯାଏ । ଏସବୁ ବ୍ୟତିତ କିଛି ପ୍ରକଳ୍ପ କାର୍ଯ୍ୟ ମଧ୍ୟ କରିବାକୁ ହୋଇଥାଏ । ୨ ବର୍ଷ ଭିତରେ କିଛି ଏସାଇନମେଣ୍ଟ ମଧ୍ୟ ଦାଖଲ କରାଯାଏ । ବିଷୟଗତ ଶିକ୍ଷା ଗ୍ରହଣ ସମୟରେ ଶିକ୍ଷକମାନଙ୍କ ସହିତ ସୁସମ୍ପର୍କ ରକ୍ଷା କରି ଛାତ୍ରମାନଙ୍କ ପରି ସଂପୃକ୍ତ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରିବାକୁ ହୁଏ ।

ମଣିଷର ମୌଳିକ ଆବଶ୍ୟକତା ଗୁଡିକ ମଧ୍ୟରେ ଶିକ୍ଷାକୁ ମଧ୍ୟ ଯୋଡା ଯାଇପାରେ । ଖାଦ୍ୟ , ବସ୍ତ୍ର ଓ ବାସଗୃହ ମଣିଷର ଜୀବନ ଧାରଣ ପାଇଁ ଆବଶ୍ୟକ ହେଉଥିବା ସ୍ଥଳେ, ଶିକ୍ଷା , ମଣିଷର ବିକାଶ ପାଇଁ ଆବଶ୍ୟକ । ମଣିଷ ତଥା ତାର ସମାଜର ବିକାଶ ପାଇଁ ଶିକ୍ଷା ନିହାତି ଜରୁରୀ ।

ଶିକ୍ଷା ହେଉଛି ବିକାଶର ଚାବିକାଠି । ତେବେ ଏହି ଶିକ୍ଷା ଯିଏ ଦିଏ ସେ ହେଉଛି ଶିକ୍ଷକ । ଶିକ୍ଷକ ପିଲାମାନଙ୍କୁ ଶିକ୍ଷା ଦିଅନ୍ତି । ଶିକ୍ଷକଙ୍କ ଠାରୁ ଶିକ୍ଷାଗ୍ରହଣ କରି ପିଲାମାନେ ବଡ ମଣିଷ ହୁଅନ୍ତି । ଏହି ଶିକ୍ଷକଙ୍କ ଠାରୁ ଶିକ୍ଷା ଗ୍ରହଣ କରି କିଏ ଡାକ୍ତର, କିଏ ଇଂଜିନିୟର ଏବଂ କିଏ ମଧ୍ୟ ଶିକ୍ଷକ ହୁଅନ୍ତି । ତେବେ ଜଣେ ଶିକ୍ଷକ ହେବା ପାଇଁ ଜଣେ ଶିକ୍ଷକଙ୍କ ଠାରୁ ଶିକ୍ଷା ଗ୍ରହଣ କରିବାକୁ ପଡିଥାଏ । ତାହାକୁ ଆମେ କହୁ ଶିକ୍ଷକଙ୍କ ଶିକ୍ଷା । ଯେପରି ଭଲ ଛାତ୍ରଟିଏ ହେବା ମୂଳରେ ଭଲ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଠିକ୍ ସେହିପରି ଭଲ ଶିକ୍ଷକଟିଏ ହେବା ପାଇଁ ସେହି ଶିକ୍ଷକଙ୍କ ଶିକ୍ଷକ ଜଣେ ଆଦର୍ଶବାନ ବ୍ୟକ୍ତି ହୋଇଥିବା ଆବଶ୍ୟକ । ତାଙ୍କର ପଦାଙ୍କ ଅନୁସରଣକରି ତାଙ୍କ ଛାତ୍ରମାନେ ଭବିଷ୍ୟତରେ ଜଣେ ଜଣେ ଭଲ ଶିକ୍ଷକ ହୋଇପାରିବେ ।

ପିଲାମାନଙ୍କର ଶିକ୍ଷା ଗ୍ରହଣ ପାଇଁ ଅନେକ ପ୍ରକାରର ବିଦ୍ୟାଳୟ ରହିଛି । ଯେମିତିକି, ସରକାରୀ ବିଦ୍ୟାଳୟ , ବେସରକାରୀ ବିଦ୍ୟଳୟ, ଆବାସିକ ବିଦ୍ୟାଳୟ , ନବୋଦୟ ବିଦ୍ୟାଳୟ , ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟଳୟ ଇତ୍ୟାଦି ବିଭିନ୍ନ ପ୍ରକାର ବିଦ୍ୟାଳୟ ରହିଛି । ପିଲା ମାନେ ନିଜ ନିଜ ସୁବିଧା ଓ ସୁଯୋଗ ଅନୁସାରେ ଯେକୌଣସି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରି ନିଜକୁ ପ୍ରତିଷ୍ଠିତ କରିପାରନ୍ତି । ବିଦ୍ୟଳୟ ଅନୁସାରେ ପିଲାମାନଙ୍କର ଭବିଷ୍ୟତ ଗଠନ ହୋଇଥାଏ । ସାଧାରଣତଃ ବହୁ ସରକାରୀ ବିଦ୍ୟାଳୟରେ ଦୁର୍ବଳ ଭିତ୍ତିଭୂମି ଓ ଅନଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ , ପିଲାମାନଙ୍କୁ ଗଠନ କରିବାରେ ସୁଯୋଗ ଦେଇପାରେ ନାହିଁ । ଅବଶ୍ୟ କିଛି ପିଲା ସାଧାରଣ ସରକାରୀ ବିଦ୍ୟଳୟରୁ ଶିକ୍ଷାଗ୍ରହଣ କରି ମଧ୍ୟ ଭଲ ମଣିଷ ହୋଇପାରିଛନ୍ତି । କିନ୍ତୁ ତାର ସଂଖ୍ୟା ବହୁତ କମ୍ ରହିଥାଏ । ଯେଉଁ ପିଲାମାନେ ଉନ୍ନତ ଭିତ୍ତିଭୂମି ଥିବା ଏବଂ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ବିଦ୍ୟଳୟରେ ଶିକ୍ଷା ଗ୍ରହଣର ସୁଯୋଗ ପାଆନ୍ତି ସେମାନେ ପ୍ରାୟ ସବୁ ପିଲା ନିଜକୁ ସୁ ପ୍ରତିଷ୍ଠିତ କରାଇ ପାରନ୍ତି । ସେଥିପାଇଁ କୁହାଯାଏ। ଯେମିତି ଗୁରୁକୁ ସେମିତି ଛାତ୍ର । ଶିକ୍ଷକ ଜଣେ ଆଦର୍ଶ ପୁରୁଷ । ତାଙ୍କର କାର୍ଯ୍ୟ ଧାରା ପିଲାମାନେ ଅନୁସରଣ କରିବା ସ୍ୱାଭାବିକ । ଆଜିକାଲି ନିଜର କ୍ୟାରିଅର ଗଠନ ପାଇଁ ଶିକ୍ଷାନୁଷ୍ଠାନ ଖୋଜିବାକୁ ପଡୁଛି। ଯେତେ ଟଙ୍କା ପଡୁପଛେ । ଅଭିଭାବକ ମାନେ ପଛଘୁଞ୍ଚା ନ ଦେଇ ନିଜ ପିଲାକୁ ଭଲ ଭଲ ଶିକ୍ଷାନୁଷ୍ଠାନ ମାନଙ୍କରେ ନାମ ଲେଖାଉଛନ୍ତି । କେତେକ ନାମୀଦାମୀ ଶିକ୍ଷାନୁଷ୍ଠାନ ଅଛି । ଶିକ୍ଷା ଗ୍ରହଣ କଲେ ନିଶ୍ଚିତ ଭାବରେ କର୍ମନିଯୁକ୍ତି ପାଇପାରୁଛନ୍ତି। ଭଲ ପଦ ପଦବୀ ହାତେଇ ପାରୁଛନ୍ତି ।

ଶିକ୍ଷକମାନଙ୍କର ଶିକ୍ଷା ଗ୍ରହଣ ପାଇଁ ସାଧାରଣତଃ ତିନୋଟି ଅନୁଷ୍ଠାନ ରହିଛି । ଗୋଟିଏ ହେଲା ଡି.ଏଲ.ଇ.ଡ(ସିଟି) ପାଠ୍ୟକ୍ରମ ପାଇଁ ଡି.ଆଇ.ଇ.ଟି , ବି.ଇ.ଡି ପାଠ୍ୟ କ୍ରମ ପାଇଁ ବି.ଇ.ଡି କଲେଜ ଓ ଆଉ ଗୋଟିଏ ହେଲା ଇଂଟିଗ୍ରେଟେଡ ବିଇଡି । ସାଧରଣତଃ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ପାଇଁ ଡି.ଏଲ.ଇ.ଡି (ସିଟି) ପାଠ୍ୟକ୍ରକରେ ଶିକ୍ଷାଗ୍ରହଣ କରାଯାଏ । ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ପାଇଁ ବି.ଇ.ଡି ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରାଯାଏ ଏବଂ ଇଂଟିଗ୍ରେଟେଡ ବି.ଇ.ଡି ମଧ୍ୟ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ପାଇଁ । ନିଜ ନିଜ ସାଧାରଣ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପିଲାମାନେ ଏସବୁ ପାଠ୍ୟକ୍ରମରେ ନାମଲେଖାଇ ଶିକ୍ଷକତା ବୃତ୍ତିକୁ ଗ୍ରହଣ କରିଥାଆନ୍ତି । ଏ ବିଦ୍ୟାଳୟରେ ନାମ ଲେଖାଇବାକୁ ହେଲେ ପ୍ରଥମେ ପ୍ରବେଶିକା ପରୀକ୍ଷା ଦେବାକୁ ହୋଇଥାଏ । ଯେଉଁମାନେ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି ସେମାନେ ଏସବୁ ବିଦ୍ୟାଳୟରେ ନାମ ଲେଖାଇ ଶିକ୍ଷା ଗ୍ରହଣ କରନ୍ତି । ଏ ସବୁ ବିଦ୍ୟାଳୟରେ ୨ ବର୍ଷ ଶିକ୍ଷା ଗ୍ରହଣ କଲା ପରେ ପରୀକ୍ଷା ଦେଇ ଶିକ୍ଷକତା ତାଲିମ ଡିଗ୍ରୀ ହାସଲ କରାଯାଏ । ଏହା ପରେ ପୁଣି ଡି.ଏଲ.ଇ.ଡ(ସିଟି) ପାଠ୍ୟକ୍ରମ ପାଇଁ ଓ.ଟି.ଇ.ଟି ପରୀକ୍ଷାରେ ସଫଳତା ଲାଭ କରିବାକୁ ହୁଏ । ବି.ଇ.ଡି ପାଠ୍ୟକ୍ରମ ପାଇଁ ଓ.ଏସ.ଟି.ଇ.ଟି ପରୀକ୍ଷା ପରୀକ୍ଷାରେ ସଫଳତା ପାଇବାକୁ ହୁଏ । ଏସବୁ ପରୀକ୍ଷାରେ ଉତ୍ତୀର୍ଣ ହେଲେ ଜଣେ ଶିକ୍ଷକତା ପାଇଁ ଆବେଦନ କରିପାରିବ । ମେରିଟ ଲିଷ୍ଟ ଅନୁସାରେ ଶିକ୍ଷକ ନିଯୁକ୍ତି ଦିଆଯାଏ । ବର୍ତ୍ତମାନର ଧାରା ଅନୁସାରେ ଏସବୁ ହେଉଛି ଶିକ୍ଷକତା ପାଇଁ ଆବଶ୍ୟକ ମାନଦଣ୍ଡ।

ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ଶିକ୍ଷାଗ୍ରହଣ କଲାବେଳେ ଜଣେ ଶିକ୍ଷକଙ୍କୁ ସାଧାରଣ ବିଦ୍ୟାଳୟର ଛାତ୍ରମାନଙ୍କ ପରି ଆନୁଷ୍ଠାନିକ ଭାବରେ ପ୍ରତିଦିନ ୧୦ ଟାରୁ ୪ଟା ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିବାକୁ ହୁଏ । ୨ ବର୍ଷ ମଧ୍ୟରେ ୪୦ ଟା ଲେସନ ଡେଲିଭର କରିବାକୁ ହୋଇଥାଏ । ଶିକ୍ଷକ ମାନଙ୍କ ଉପସ୍ଥିତିରେ ଲେସନଗୁଡିକୁ ବିଭିନ୍ନ ଶ୍ରେଣୀରେ ଡେଲିଭର କରି ଅଭ୍ୟାସ କରାଯାଏ । ସମସ୍ତଙ୍କ ଉପସ୍ଥିତିରେ ୨ଟା ସମାଲୋଚନା ମୂଳକ ଲେସନ ଡେଲିଭର କରିବାକୁ ହୁଏ । ଏଠାରେ ନିଜର ସହପାଠୀ ଓ ଶିକ୍ଷକ ଉପସ୍ଥିତ ରହନ୍ତି ।

ଶିକ୍ଷାଦାନରେ କେଉଁ ପର୍ଯ୍ୟାୟରେ କିଛି ତ୍ରୁଟି ରହୁଛି ତାକୁ ସଂଶୋଧନ କରିବା ପାଇଁ ଏହା ଉପଯୋଗୀ ହୋଇଥାଏ । ପ୍ରତି ଲେସନରେ ଶିକ୍ଷକମାନେ ଯେଉଁ ମତାମତ ଦିଅନ୍ତି ତାକୁ ଆଧାର କରି ପରବର୍ତ୍ତୀ ଲେସନଗୁଡିକୁ ସଂଶୋଧନ କରାଯାଏ । ଏହି ଲେସନ ଗୁଡିକ ଡେଲିଭର କରିବା ପୂର୍ବରୁ କେଉଁ ଶ୍ରେଣୀର କେଉଁ ବିଷୟ ଶିକ୍ଷାଦାନ କରିବେ ନିରୂପଣ କରାଯାଏ । ତାପରେ ସେହି ବିଷୟଗୁଡିକୁ ପ୍ରସ୍ତୁତ ହୋଇ ଏକ ଲସେନ ପ୍ଲାନ ପ୍ରସ୍ତୁତ କରିବାକୁ ହୁଏ । ତାପରେ ଯାଇ ନିଜ ନିଜ ଶିକ୍ଷାଦାନ ଉପକରଣ ସହ ଅଭ୍ୟାସ ଶିକ୍ଷାଦାନକୁ ଯିବାକୁ ହୁଏ । ଏହିପରି ଭାବରେ ଲେସନଗୁଡିକୁ ଅଭ୍ୟାସ ଶିକ୍ଷାଦାନ ମାଧ୍ୟମରେ ଡେଲିଭର କରାଯାଏ । ଏସବୁ ବ୍ୟତିତ କିଛି ପ୍ରକଳ୍ପ କାର୍ଯ୍ୟ ମଧ୍ୟ କରିବାକୁ ହୋଇଥାଏ । ୨ ବର୍ଷ ଭିତରେ କିଛି ଏସାଇନମେଣ୍ଟ ମଧ୍ୟ ଦାଖଲ କରାଯାଏ । ବିଷୟଗତ ଶିକ୍ଷା ଗ୍ରହଣ ସମୟରେ ଶିକ୍ଷକମାନଙ୍କ ସହିତ ସୁସମ୍ପର୍କ ରକ୍ଷା କରି ଛାତ୍ରମାନଙ୍କ ପରି ସଂପୃକ୍ତ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରିବାକୁ ହୁଏ ।

ଯେଉଁମାନେ ଅନୁଷ୍ଠାନର ନିୟମକାନୁନ ମାନି ଶିକ୍ଷା ଗ୍ରହଣରେ ଅଂଶ ଗ୍ରହଣ କରନ୍ତି ଓ ସବୁ ଲେସନଗୁଡିକୁ ଠିକ୍ ଭାବରେ ଅଭ୍ୟାସ ଶିକ୍ଷାଦାନ ସମୟରେ ଡେଲିଭର କରିଥାଆନ୍ତି ସେମାନେ ନିଶ୍ଚିତ ଭାବରେ ଜଣେ ଭଲ ଶିକ୍ଷକ ହୋଇପାରନ୍ତି । ଏ ଅନୁଷ୍ଠାନରେ ଥିବା ଭିତରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଭଲ ଭାବରେ ଶିଖିବାକୁ ହୋଇଥାଏ । କାରଣ ତାହା ପରବର୍ତ୍ତୀ ଜୀବନରେ ପ୍ରତିଫଳିତ ହୋଇଥାଏ । ବେଳେ ବେଳେ ଶିକ୍ଷାଦାନର ଅଭ୍ୟାସ ପାଇଁ ପିଅର ଟିଚିଙ୍ଗର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ଅର୍ଥାତ ନିଜର ସହପାଠୀମାନଙ୍କୁ ଛାତ୍ର ମନେକରି ଶିକ୍ଷାଦାନ କରାଯାଏ । ଏହିପରି ଭାବରେ ଦୁଇବର୍ଷ ଶିକ୍ଷା ଗ୍ରହଣ କଲା ପରେ ଯେତେବେଳେ ଶେଷବର୍ଷ ପରୀକ୍ଷା ହୁଏ । ସେତେବେଳେ ଏକ ଫାଇନାଲ ଟିଚିଙ୍ଗ ହୋଇଥାଏ । ଏହାକୁ ତଦାରଖ କରିବା ପାଇଁ ବାହାର ଅନୁଷ୍ଠାନର ଜଣେ ଅଭିଜ୍ଞ ଶିକ୍ଷକ ଆସନ୍ତି । ସେ ଏହି ଟିଚିଙ୍ଗକୁ ଆକଳନ କରି ମାର୍କ ଦିଅନ୍ତି । ଏହି ମାର୍କ ପରୀକ୍ଷା ଫଳ ସହ ମିଶିଯାଏ । ତେଣୁ ଏହି ଟିଚିଙ୍ଗକୁ ଆକର୍ଷଣୀୟ କରିବା ପାଇଁ ବହୁତ ଗୁଡିଏ ଶିକ୍ଷଣ ଉପକରଣ ତିଆରି କରିବାକୁ ହୋଇଥାଏ ।

ଶିକ୍ଷା ଗ୍ରହଣ ସହିତ ପିଲାମାନଙ୍କ ପରି ଖେଳ , ଡ୍ରିଲ ଇତ୍ୟାଦି ମଧ୍ୟ ରହିଥାଏ । ଯୋଗ ପ୍ରାଣାୟାମ ମଧ୍ୟ ସପ୍ତାହକୁ ଥରେ ହୋଇଥାଏ । ଏଗୁଡିକ ପରିଚାଳନା କରିବା ପାଇଁ ଜଣେ ଖେଳ ଶିକ୍ଷକ ମଧ୍ୟ ଥାଆନ୍ତି । ତେବେ ଗୋଟିଏ ସାଧାରଣ ବିଦ୍ୟାଳୟରେ ଯେମିତି ପିଲାମାନଙ୍କର ଶିକ୍ଷାଦାନ ଓ ଶିକ୍ଷଣ ଚାଲେ ଠିକ ସେହିପରି ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ମଧ୍ୟ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ଚାଲୁ ରହେ । ଶେଷରେ ଏତିକି କୁହାଯାଇ ପାରେ ଯେ, ଶିକ୍ଷକ ଶିକ୍ଷା ଯେତିକି ଉନ୍ନତ ହୁଏ ତା'ଉପରେ ନିର୍ଭର କରେ ପିଲାଙ୍କ ଶିକ୍ଷା ।

ରାଧାନଗର ,ବୌଦ୍ଧ
ମୋ-୯୯୩୮୭୫୮୩୫୩

# ଭାରତୀୟ ଦର୍ଶନରେ ସାରା ବିଶ୍ୱ ଏକ ପରିବାର

## ଗୋପାଳ ମହାପାତ୍ର

"ଭାରତ ପାଇଁ ଏହା ଉପେକ୍ଷିତ ନ ଥିଲା। ଏଣୁ ଭାରତର ସଂସ୍କୃତି ସାଧକ ତଥା ରାଜାମାନଙ୍କ ମଧ୍ୟରେ ମତଭେଦ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ ଭକ୍ତି ଏବଂ ଶକ୍ତିର ସାହାଯ୍ୟରେ ସଂଘର୍ଷ କରିଥିଲେ। ନାରୀ ଏବଂ ପ୍ରକୃତିକୁ ଉପଭୋଗର ବସ୍ତୁ ବୋଲି ଗ୍ରହଣ କରିବା ଭାରତୀୟ ମାନସିକତା ନୁହେଁ। ଏଣୁ ଇସଲାମ ଧର୍ମ ସହ ବିରୋଧାଭାସ କେବଳ ରାଜକୀୟ ଗାଦି ପାଇଁ ନ ଥିଲା ବରଂ ଥିଲା ମାନବୀୟ ମାନ୍ୟତା ପାଇଁ। ଭାରତର ସଂସ୍କୃତି ସବୁବେଳେ ଶାନ୍ତି ଓ ସଦ୍‌ଭାବକୁ ଗୁରୁତ୍ୱ ଦେଇଥାଏ। ଭାରତ ଭୂଭାଗକୁ ପଶ୍ଚିମ ଦେଶରୁ ଆସିଥିବା ଖ୍ରୀଷ୍ଟ ଧର୍ମ ହେଉ ବା ଶସ୍ତ୍ର ସହାୟତାରେ ଆସିଥିବା ଇସଲାମ ଧର୍ମ ଏସବୁକୁ ଭାରତୀୟ ସଂସ୍କୃତି ମାନ୍ୟତା ଦେଇଛି ଓ ସେମାନଙ୍କୁ ପରିବାର ବୋଲି ଗ୍ରହଣ କରିନେଇଛି। ଭାରତୀୟ ସଂସ୍କୃତି ବିଶ୍ୱର ପୁରାତନ ସଂସ୍କୃତି ଏବଂ ଏହା ବିବିଧତାରେ ଭରପୂର। ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଏକ ପରିବାର ବୋଲି ଭାବି ଆସିଛି।

ପୂର୍ବ କାଳରେ ରାଜ୍ୟ ଶାସନ ବା ଗାଦି ପାଇଁ ରାଜାମାନେ ଯୁଦ୍ଧ ଲଢୁଥିଲେ। କିନ୍ତୁ ଏବେ ସେଇ ପରମ୍ପରା ବଦଳିଯାଇଛି । ଶାସନ ଗାଦି ପାଇଁ ନିର୍ବାଚନ ଲଢ଼ିବା ବ୍ୟବସ୍ଥାକୁ ଆମେ ଆପଣେଇ ନେଇଛେ। ଯୁଦ୍ଧ ଏବଂ ନିର୍ବାଚନରେ ଏକ ମୌଳିକ ପାର୍ଥକ୍ୟ ରହିଛି। ଯୁଦ୍ଧ ଶତ୍ରୁଭାବରେ ଲଢା ଯାଉଥିଲା କିନ୍ତୁ ନିର୍ବାଚନ ବନ୍ଧୁଭାବରେ ଲଢାଯାଉଥିଲା ଯଦିଓ ଏହି ଭାବରେ ଏବେ କିଛି ପରିବର୍ତ୍ତନ ହୋଇଛି। ଯୁଦ୍ଧରେ ଲଢେଇ ଶତ୍ରୁପକ୍ଷ ସହ ହୋଇଥାଏ, କିନ୍ତୁ ନିର୍ବାଚନରେ ଲଢ଼ିବାବାଲା, ପ୍ରତି ପକ୍ଷ ହୋଇଥାଏ। ଯୁଦ୍ଧରେ ଶରୀର ଏବଂ ପ୍ରାଣର ବଳି ଅର୍ଥାତ୍ ହତ୍ୟାକୁ ସ୍ୱାଭାବିକ ବୋଲି ଗ୍ରହଣ କରାଯାଉଥିଲା। କିନ୍ତୁ ନିର୍ବାଚନରେ ମନ ଏବଂ ବୁଦ୍ଧି ଅର୍ଥାତ୍ ତର୍କ ମାଧ୍ୟମରେ ନିଜର ବର୍ଚ୍ଚସ୍ୱ ସ୍ଥାପିତ କରାଯାଇଥାଏ। ଶାସନ ଗାଦି ପ୍ରାପ୍ତି ପରମ୍ପରାର ଏହି ମୌଳିକ ପରିବର୍ତ୍ତନ ବିଷୟରେ ଅର୍ଥାତ୍ ଯୁଦ୍ଧ ତ୍ୟାଗ କରି ନିର୍ବାଚନର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇବା ପ୍ରସଙ୍ଗରେ ଥିବା କାରଣ ସମ୍ପର୍କରେ ଜାଣିବା ମଧ ଜରୁରୀ। ଏହି ପୃଷ୍ଠଭୂମିରେ ଶସ୍ତ୍ର ଏବଂ ଶାସ୍ତ୍ରର ସମନ୍ୱୟ ରକ୍ଷା କରୁଥିବା ଆମ ସମ୍ବିଧାନକୁ ବୁଝିବା ମଧ ଜରୁରୀ।

ପୌରାଣିକ କାଳର ବିଚାର ନକରି ଆମେ ବିଗତ ୨୦୦୦ ବର୍ଷ ତଳର ଘଟଣାକ୍ରମକୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଭାରତରେ ନିଜ ନିଜର ଭୌଗୋଳିକ ପରିଧି ମଧ୍ୟରେ ରହି ରାଜ୍ୟ ଶାସନ କରୁଥିବା ତଥା ନିଜ ରାଜ୍ୟର ସୁରକ୍ଷା ପାଇଁ ଅଥବା ରାଜ୍ୟ ବିସ୍ତାର ପାଇଁ ଯୁଦ୍ଧ କରିଥିବା ଶହ ଶହ ରାଜା ଥିଲେ। ରାଜ୍ୟ କାରଣରୁ ଭୌଗୋଳିକ ବିଭାଜନ ସତ୍ତ୍ୱେ ଭାରତର ସାଂସ୍କୃତିକ ଏକତାକୁ ବଜାୟ ରଖିବାର କାମ ସାଧୁ-ସନ୍ଥ ଏବଂ ମୁନି ଋଷି ଏପରିକି କଳାକାର ଏବଂ ସାହିତ୍ୟକ ମାନେ କରୁଥିଲେ। ରାଜ୍ୟ ବ୍ୟବସ୍ଥା ଏଇ ସଂସ୍କୃତି ସାଧକଙ୍କ ପାଇଁ ବାଧକ ନଥିଲା ବରଂ ସହାୟକ ଥିଲା। କାରଣ ଭାରତ-ରାଷ୍ଟ୍ରର ସାଂସ୍କୃତିକ ଚିନ୍ତନରେ - 'ଏକ୍ ସତ୍ ବିପ୍ରା ବହୁଧା ବଦନ୍ତି' କଥାଟା ସର୍ବମାନ୍ୟ ଥିଲା। ସତ୍ୟ ଯଦିଓ ଏକ କିନ୍ତୁ ବିଦ୍ୱାନ ବା ଜ୍ଞାନୀମାନେ ଏହାର ବ୍ୟାଖ୍ୟା ନିଜ ନିଜ ଢଙ୍ଗରେ ବିଭିନ୍ନ ରୂପରେ କରିଥାନ୍ତି। ଏହି ଭାବ ରାଜା ଏବଂ ପ୍ରଜାଙ୍କ ସ୍ୱଭାବରେ ଥିଲା। ପରିଣାମ ସ୍ୱରପ ବିଭିନ୍ନ ପନ୍ଥା/ ଧର୍ମର ସହ ଅସ୍ତିତ୍ୱ ଏଇ ଭାରତର ପରିଚୟ ଥିଲା। ଶୈବ, ଶାକ୍ତ, ବୈଷ୍ଣବ, ଆଦିଙ୍କ ସହ ଜୈନ, ବୁଦ୍ଧ, ଆଦି ପନ୍ଥ/ଧର୍ମକୁ ଭାରତୀୟ ସମାଜ ଆପଣେଇ ନେଇଥିଲା।

ଜମ୍ବୁଦ୍ୱୀପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ , ହିନ୍ଦୁସ୍ଥାନ, ଭାରତ ଆଦି ନାମରେ ଖ୍ୟାତି ପ୍ରାପ୍ତି ଏହି ଭୂଭାଗ 'ଭା' ରେ 'ରତ' (ଭାରତ) ଅର୍ଥାତ୍ ଜ୍ଞାନ ପ୍ରାପ୍ତି ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ନିବାସ ସ୍ଥଳ ଅଟେ। ଏହାକୁ ବିଶ୍ୱ ସମୁଦାୟ ଏହି ଅର୍ଥରେ ଗ୍ରହଣ କରିଥିଲା। ନାଳନ୍ଦା, ତକ୍ଷଶିଳା ଆଦି ବିଶ୍ୱବିଦ୍ୟାଳୟ ସାରାବିଶ୍ୱରେ ଜ୍ଞାନ ବିତରଣ କରୁଥିଲେ। ଭାରତରେ ଜ୍ଞାନ ସମ୍ପଦ ସହ



ଆର୍ଥିକ ସମ୍ପଦ ମଧ ଭରିରହିଥିଲା । ଏହି ଭାରତ ଭୂଖଣ୍ଡକୁ ବିଦେଶମାନେ 'ସୁନାର ଚିଡିଆ' ବୋଲି କହୁଥିଲେ। 'ଶତ ହସ୍ତେ ସମାହାର ସହସ୍ର ହସ୍ତେ ବିକିରଣ' ଏହି ସୂତ୍ରର ଆଧାରରେ ଶହେ ହାତରେ ଜ୍ଞାନ ସମ୍ପଦ ତଥା ଆର୍ଥିକ ସମ୍ପଦ ଯୋଗାଡ଼ କରି ଜନସ୍ୱାର୍ଥ ପାଇଁ ହଜାର ହାତରେ ବିତରଣ କରିବା ଭାରତବାସୀ ତଥା ଭାରତବଂଶୀଙ୍କ ସ୍ୱଭାବ ଥିଲା। ଏହି ଉଦାରମନା ଭାରତୀୟ ସମାଜ ସାରା ବିଶ୍ୱକୁ ପରିବାର ଭାବରେ 'ବସୁଧୈବ କୁଟୁମ୍ବକମ୍' ରୂପରେ ଦେଖିବାକୁ ଲାଗିଲା। ୨୦୦୦ ବର୍ଷ ପୂର୍ବେ ପଶ୍ଚିମୀ (ୟୁରୋପ) ଦେଶରୁ ଏମିତି ଏକ ଚିନ୍ତନ ଜନ୍ମନେଲା ଯାହା ବିଶ୍ୱକୁ ପରିବାର ନୁହେଁ ବଜାର ଭାବେ ଦେଖିବାକୁ ଲାଗିଲା। ବଜାରରେ ନିଜର ସ୍ଥିତି ଜାହିର କରିବା ପାଇଁ ଛଳ -କପଟ, ଚାତୁର୍ଯ୍ୟର ସାହାଯ୍ୟ ନିଆଯାଇଥାଏ। ଏହି ଛଳ କପଟ ରାସ୍ତାକୁ ସେମାନେ ଆଦରି ନେଇଥିଲେ ଓ ନିଜର ଲକ୍ଷ୍ୟ ପ୍ରାପ୍ତି ପାଇଁ ବାଇବେଲ ନାମକ ଏକ ଧାର୍ମିକ ଗ୍ରନ୍ଥର ରଚନା କରିଥିଲେ । ତାକୁ ପାଥେୟ କରି ବ୍ୟବସାୟ ସହ ସେମାନେ ତାଙ୍କ ଧର୍ମର ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଧୀରେ ଧୀରେ ଖ୍ରୀଷ୍ଟ ଧର୍ମ ନାମକ ଧର୍ମ ଅନ୍ୟ ଦେଶମାନଙ୍କ ସହ ଭାରତରେ ବ୍ୟାପିବାରେ ଲାଗିଲା।

ଏହାର ପାଖାପାଖି ୫୦୦ ବର୍ଷପରେ ପୁନଃ ଏକ ନୂଆ ବିଚାର ଜନ୍ମନେଲା। ପୁରୁଷ ପ୍ରଧାନ ଏହି ବିଚାର ବା ଚିନ୍ତନ ନାରୀ ତଥା ପ୍ରକୃତିକୁ ଉପଭୋଗର ବସ୍ତୁ ଭାବେ ଚିତ୍ରିତ କରିବା ସହ ଏସବୁ ଉପରେ କବ୍‌ଜା ଜମାଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ। ଏମାନେ କୁରାନ ନାମକ ଗ୍ରନ୍ଥର ରଚନା କରି ଇସଲାମ ଧର୍ମର ସ୍ଥାପନା କରି ଥିଲେ।

ପାଖାପାଖି ୪୦୦ ବର୍ଷ ମଧ୍ୟରେ ଅନେକ ଦେଶରେ ନିଜର ସ୍ଥିତି ସୁଦୃଢ଼ କରି ଏମାନେ ଭାରତ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଭାରତର ଉଦାରତା ଏମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଛୋଟ ଛୋଟ ରାଜ୍ୟର ରାଜା ମାନଙ୍କ ମଧ୍ୟରେ ଥିବା ମତାନ୍ତର ଓ ପରସ୍ପର ମଧ୍ୟରେ ଲଢେଇ ଏମାନଙ୍କୁ ସୁହାଇଥିଲା। କ୍ରମାଗତ ଭାବେ ୭୦୦ ବର୍ଷ ସେମାନେ ଭାରତର ଅନେକ ଛୋଟ ଛୋଟ ରାଜ୍ୟର ରାଜାମାନଙ୍କ ସହାୟତାରେ ଏହି ଭୂଭାଗରେ ଶାସନ କରିଥିଲେ। ଇସଲାମ ଧର୍ମର ବିସ୍ତାର ପାଇଁ ଅନ୍ୟ ଧର୍ମର ମାନ୍ୟତା ଉପରେ, ପ୍ରତୀକ ଉପରେ ଏବଂ ସାଧନା କେନ୍ଦ୍ର ଉପରେ ଆକ୍ରମଣ କରିବା ସହ ଶିକ୍ଷାକେନ୍ଦ୍ରକୁ ନଷ୍ଟ କରିବା ଥିଲା ଏମାନଙ୍କ ରଣନୀତି।

ଭାରତ ପାଇଁ ଏହା ଉପେକ୍ଷିତ ନ ଥିଲା। ଏଣୁ ଭାରତର ସଂସ୍କୃତି ସାଧକ ତଥା ରାଜାମାନଙ୍କ ମଧ୍ୟରେ ମତଭେଦ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ ଭକ୍ତି ଏବଂ ଶକ୍ତିର ସାହାଯ୍ୟରେ ସଂଘର୍ଷ କରିଥିଲେ। ନାରୀ ଏବଂ ପ୍ରକୃତିକୁ ଉପଭୋଗର ବସ୍ତୁ ବୋଲି ଗ୍ରହଣ କରିବା ଭାରତୀୟ ମାନସିକତା ନୁହେଁ। ଏଣୁ ଇସଲାମ ଧର୍ମ ସହ ବିରୋଧାଭାସ କେବଳ ରାଜକୀୟ ଗାଦି ପାଇଁ ନ ଥିଲା ବରଂ ଥିଲା ମାନବୀୟ ମାନ୍ୟତା ପାଇଁ। ଭାରତର ସଂସ୍କୃତି ସବୁବେଳେ ଶାନ୍ତି ଓ ସଦ୍‌ଭାବକୁ ଗୁରୁତ୍ୱ ଦେଇଥାଏ।

ଭାରତ ଭୂଭାଗକୁ ପଶ୍ଚିମ ଦେଶରୁ ଆସିଥିବା ଖ୍ରୀଷ୍ଟ ଧର୍ମ ହେଉ ବା ଶସ୍ତ୍ର ସହାୟତାରେ ଆସିଥିବା ଇସଲାମ ଧର୍ମ ଏସବୁକୁ ଭାରତୀୟ ସଂସ୍କୃତି ମାନ୍ୟତା ଦେଇଛି ଓ ସେମାନଙ୍କୁ ପରିବାର ବୋଲି ଗ୍ରହଣ କରିନେଇଛି। ଭାରତୀୟ ସଂସ୍କୃତି ବିଶ୍ୱର ପୁରାତନ ସଂସ୍କୃତି ଏବଂ ଏହା ବିବିଧତାରେ ଭରପୂର। ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଏକ ପରିବାର ବୋଲି ଭାବି ଆସିଛି।

ରାମଚନ୍ଦ୍ରପୁର, ରଣପୁର
ମୋ :୯୪୩୮୪୮୫୦୯୪

# ଡିନାମାଇଟ ଯୋଗୁଁ ଲୋପ ପାଉଛି ମତ୍ସ୍ୟ ସଂପଦ: ମହାନଦୀରେ ଛଡ଼ା ଯାଇଥିବା ଜାଆଁଳା କେତେ ସୁରକ୍ଷିତ

ବୌଦ୍ଧ,୧୯/୪ (ନିପ୍ର): ବୌଦ୍ଧଜିଲ୍ଲା ଦେଇ ଓଡିଶାର ଜୀବନରେଖା ମହାନଦୀ ବୋହିଯାଇଛି । ମହାନଦୀ ବୌଦ୍ଧଜିଲ୍ଲାରେ ପ୍ରାୟ ୧୧୦ କିଲୋମିଟର ପର୍ଯ୍ୟନ୍ତ ବୋହିଯାଇଛି । ଦିନ ଥିଲା ଏହି ମହାନଦୀ ମଧ୍ୟରେ ବିଭିନ୍ନ ପ୍ରଜାତିର ମାଛ ଦେଖାଯାଉଥିଲା । ମତ୍ସ୍ୟଜୀବୀମାନେ ମାଛ ମାରି ପରିବାର ପ୍ରତିପୋଷଣ କରୁଥିଲେ । ହେଲେ ବର୍ତ୍ତମାନ ମହାନଦୀରେ ଡିନାମାଇଟ ଓ ଏକ ପ୍ରକାରର କୀଟନାଶକ ଔଷଧ ପକାଇ ମତ୍ସ୍ୟ ସଂପଦକୁ ନଷ୍ଟ କରାଯାଉଥିବା ଅଭିଯୋଗ ହେଉଛି । ଯାହାଫଳରେ ଦିନକୁ ଦିନ ମତ୍ସ୍ୟ ସଂପଦ ଲୋପ ପାଇବାରେ ଲାଗିଲେଣି । ଜିଲ୍ଲାରେ ମତ୍ସ୍ୟ ସଂପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଏବଂ ଜିଲ୍ଲାବାସୀଙ୍କ ମାଛର ଚାହିଦାକୁ ଦେଖି ରାଜ୍ୟ ମତ୍ସ୍ୟବିଭାଗ ଓ ଜିଲ୍ଲା ମତ୍ସ୍ୟବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାର ମହାନଦୀର ବିଭିନ୍ନ ଘାଟରେ ଦୁଇ ବର୍ଷ ମଧ୍ୟରେ ୧୫ ଲକ୍ଷ ଜାଆଁଳ ଛଡା ଯାଇଛି । ହେଲେ ଏହି ମାଛ



ଜାଆଁଳା କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ୨୦୨୪ ମସିହାରେ ଜିଲ୍ଲାର ଦୁଇଟି ଘାଟରେ ୧୦ କୁଇଁଟାଲ ମାଛ ଜାଆଁଳା ଛଡା ଯାଇଛି । ବୌଦ୍ଧ ବ୍ଲକ ଅନ୍ତର୍ଗତ ଖୁଣ୍ଟବନ୍ଧ ପଞ୍ଚାୟତର ଚଣ୍ଡିଗଡ ଓ ବାଉଁଶୁଣୀ ମହାନଦୀ ଘାଟର ଗଭୀର ଜଳରେ ୧୦ କୁଇଁଟାଲ ମାଛ ଜାଆଁଳା ଛଡାଯାଇଛି । ଯାହାକି ୭ ଲକ୍ଷ ୫୦ ହଜାର ମାଛ ଜାଆଁଳା ହେବ । ଚଣ୍ଡିଗଡ ମହାନଦୀ ଘାଟରେ ପ୍ରାୟ ୬ ଲକ୍ଷ ଓ ବାଉଁଶୁଣୀ ମହାନଦୀ ଘାଟରେ ଦେଢ ଲକ୍ଷ ମାଛ ଜାଆଁଳା ଛଡାଯାଇଛି । ସେହିପରି ୨୦୨୫ ମସିହାରେ ବୌଦ୍ଧ ବ୍ଲକର ବହିରା ପଞ୍ଚାୟତର ତେନ୍ତୁଳିପାଲି ଘାଟରେ ୭ ଲକ୍ଷ ୫୦ ହଜାର ମାଛ ଜାଆଁଳ ଛଡାଯାଇଛି । ଏଥିରେ ରୋହୀ, ଭାକୁର, ମିରିକାଲି ଆଦି ପ୍ରଜାତିର ମାଛ ସାମିଲ ହୋଇଛି । ଗୋଟିଏ ମାଛରୁ ପ୍ରାୟ ଏକ ଲକ୍ଷ ଜାଆଁଳା ଉତ୍ପାଦନ ହୋଇଥାନ୍ତି । ଏହି ମାଛ ବଂଶର ସୁରକ୍ଷା ପାଇଁ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଏକ ସଚେତନତା କରାଯାଉଛି । ଗୋଟିଏ ପଟେ ମତ୍ସ୍ୟ ବିଭାଗ ମତ୍ସ୍ୟ ସଂପଦର ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଅନ୍ୟପଟେ ମହାନଦୀରେ ବେଆଇନ ଭାବରେ ଡିନାମାଇଟ ଓ କୀଟନାଶକ ଔଷଧ ପକାଇ ମତ୍ସ୍ୟ ସଂପଦକୁ ନଷ୍ଟ କରାଯାଉଛି । ଏହାଦ୍ୱାରା ଜିଲ୍ଲାରେ ବସବାସ କରୁଥିବା ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ପ୍ରଭାବିତ ହେଉଛନ୍ତି । ନଦୀରେ ମାଛ ବଂଶ ଲୋପ ପାଇଯାଉଥିବାରୁ ମତ୍ସ୍ୟଜୀବୀମାନେ ଏବେ ଜୀବିକା ହରାଇ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି । ବର୍ତ୍ତମାନ ଜିଲ୍ଲାରେ ମତ୍ସ୍ୟ ସଂପଦ ଲୋପ ପାଇ ଆସୁଥିବାରୁ ଲୋକଙ୍କ ଚାହିଦା ମେଣ୍ଟାଇବା ସମ୍ଭବ ହୋଇପାରୁନାହିଁ । ଫଳରେ ବଜାରରେ ଆନ୍ଧ୍ର ମାଛ ଚାହିଦା ବଢୁଛି । ନଦୀ ମାଛ ନ ମିଳିବାରୁ ଖାଉଟି ବାଧହୋଇ ଆନ୍ଧ୍ର ମାଛ ଉପରେ ନିର୍ଭର କରୁଛି । ନଭେମ୍ବର ଓ ଡିସେମ୍ବର ମାସ ଠାରୁ ଆରମ୍ଭ ହୋଇ ବର୍ଷା ଋତୁ ପର୍ଯ୍ୟନ୍ତ ମହାନଦୀରେ ଡିନାମାଇଟ ଓ କୀଟନାଶକ ଔଷଧ ପକାଇ ମାଛ ଓ ଚିଙ୍ଗୁଡି ମରାଯାଉଛି । ଡିନାମାଇଟ ପକାଇବା ଫଳରେ ବଡ ମାଛ ସହିତ ଛୋଟଛୋଟ ମାଛ ଗୁଡିକ ମରିଯାଉଛନ୍ତି । ଯାହା ଦ୍ୱାରା ମତ୍ସ୍ୟସଂପଦ ଦିନକୁ ଦିନ ଲୋପ ପାଇଯାଉଛି । ଲୋକଙ୍କ ଚାହିଦା ଦୃଷ୍ଟିରୁ ମତ୍ସ୍ୟ ସଂପଦର ସୁରକ୍ଷା ନିହାତି ଆବଶ୍ୟକ ହୋଇପଡୁଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ଭାବରେ ବ୍ଲାଷ୍ଟିଙ୍ଗ ଓ କୀଟ ନାଶକ ଔଷଧ ପକାଉ ଥିବା ଲୋକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଆୟୁଷ୍ମାନ କାର୍ଡ : କେଓ୍ୱାଇସି ପାଇଁ ଖୋଲାଖୋଲି ଅର୍ଥ ଆଦାୟ!

ଭାପୁର,୧୯।୪ (ନିପ୍ର): ସ୍ୱାସ୍ଥ୍ୟ ଅଧିକାରୀଙ୍କର ଜନସେବା କେନ୍ଦ୍ର ପାଇଁ ଅଙ୍କୁଶ ନ ଥିବା ଜଣାପଡୁଛି । ଉଭୟଙ୍କ ଆର୍ଥିକ ସହଭାଗିତାରେ ଚାଲିଛି ସ୍ୱାସ୍ଥ୍ୟ କାର୍ଡ କେଓ୍ୱାଇସି ଏବଂ ଶୋଷିତ ହେଉଛନ୍ତି ସାଧାରଣ ଜନତା । ରାଜ୍ୟ ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଚଳିତ ମାସ ୨୨ ତାରିଖ ଦିନ ରାଜ୍ୟରେ କାର୍ଯ୍ୟକାରୀ ହେଲା । ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୫୧,୦୦୦ ଜଣ ହିତାଧିକାରୀଙ୍କୁ ଜନସେବା କେନ୍ଦ୍ର ଓ ଆଶାକର୍ମୀ ଦ୍ୱାରା ଏହି ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି । ଏହି ଆୟୁଷ୍ମାନ କାର୍ଡ ହିତାଧିକାରୀଙ୍କ ନିକଟରେ ପହଁଚିଗଲେ ମଧ୍ୟ ଏହାକୁ ଜନସେବା କେନ୍ଦ୍ରରେ ସମ୍ପୂର୍ଣ୍ଣ ମାଗଣାରେ କେଓ୍ୱାଇସି କରିବାକୁ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି । କିନ୍ତୁ,ଭାପୁର ବ୍ଲକରେ ଅବସ୍ଥିତ କିଛି ଅସାଧୁ ଜନସେବା କେନ୍ଦ୍ର ର କର୍ମଚାରୀ ମାନେ କେଓ୍ୱାଇସି କରିବା ନାଁ ରେ ୫୦/୧୦୦ ଟଙ୍କା ଲେଖାଏଁ ଦାବି କରୁଥିବାରୁ ଉପଭୋକ୍ତାମାନେ ଶୋଷିତ ହେଉଥିବାର ଅଭିଯୋଗ ହୋଇଛି । ଭାପୁର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡାକ୍ତର ବିଶ୍ୱନାଥ ସାହୁ କହନ୍ତି,ଯେଉଁ ଜନସେବା କେନ୍ଦ୍ର କେଓ୍ୱାଇସି କରିବା ନାଁ ରେ ଆର୍ଥିକ ଦାବୀ କରୁଛନ୍ତି ସେମାନଙ୍କ ନାମ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣାଇଲେ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । କିନ୍ତୁ, ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟକାର୍ଡ କେଓ୍ୱାଇସି ନାଁ ରେ ଆଧାର କେନ୍ଦ୍ର ମାଲିକ ମାନେ ପ୍ରତି ଉପଭୋକ୍ତାଙ୍କ ପିଛା ୫୦/୧୦୦ ଟଙ୍କା ଆଦାୟ କରୁଥିବା ଜଣାପଡିଛି ।ସେହି ଆଦାୟ ଅର୍ଥ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଏବଂ ଜନସେବା କେନ୍ଦ୍ର ମଧ୍ୟରେ ଭାଗବଣ୍ଟା ରେ କେଓ୍ୱାଇସି କାର୍ଯ୍ୟ ଚାଲିଛି ବୋଲି ଅଭିଯୋଗ ହେଉଛି । ତେଣୁ,ସେମାନଙ୍କ ପ୍ରତି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କର କୌଣସି ଅଙ୍କୁଶ ରହୁନାହିଁ। ଏସଂପର୍କରେ, ନୟାଗଡ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ମତରେ, ଭାପୁର ବ୍ଲକରେ ଯଦି ଏହିଭଳି ଅଭିଯୋଗ ହେଉଛି ଏ ବାବଦରେ ଜିଲ୍ଲାରେ ଅବସ୍ଥିତ ଜନସେବା କେନ୍ଦ୍ରର ମୁଖ୍ୟ ଏବଂ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ କଥାହେଲା ପରେ ତଦନ୍ତ କରାଯାଇ ସଂପୃକ୍ତ ଜନସେବା କେନ୍ଦ୍ର ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ୱର୍ଗ ରଥ ଗାଡ଼ି ସମର୍ପଣ କଲା ଇଣ୍ଡିଆନ ବାୟ ବାର୍ଥ୍

କେନ୍ଦୁଝର,୧୯।୪ (ନିପ୍ର):ଜିଲାର ଅଗ୍ରଣୀ ସମାଜସେବୀ ସଂଗଠନ ଇଣ୍ଡିଆନ ବାୟ ବାର୍ଥ୍ ପକ୍ଷରୁ ଶୁକ୍ରବାର ଜେଏସଡବ୍ଲୁ ଫାଉଣ୍ଡେସନ ସହାୟତାରେ କେନ୍ଦୁଝର ଜିଲା ପାଇଁ ଏକ ସ୍ୱର୍ଗ ରଥ ଗାଡି ସମର୍ପଣ କରିଛନ୍ତି । ଏହାର ଉଦଘାଟନରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ,




ଜିଲ୍ଲାପାଳ ବିଶାଳ ସିଂହ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର କୁମାର ପୃଷ୍ଟି, ଜିଲ୍ଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତ, ଇଣ୍ଡିଆନ ବାୟ ବାର୍ଥ୍ ସଂଗଠନର ସହପ୍ରତିଷ୍ଠାତା ସତ୍ୟରଞ୍ଜନ ସାହୁ ସବୁଜ ପତାକା ଦେଖାଇ ଅନୁଷ୍ଠାନିକ ଭାବେ ଲୋକାର୍ପଣ ତଥା ଶୁଭାରମ୍ଭ କରିଥିଲେ। ସଂଗଠନର ଜିଲ୍ଲା ସଭାପତି ପ୍ରଭାସ କୁମାର ସାହୁ,ଉପଭାପତି ଅଭିଜିତ ମହାନ୍ତି, ସଂଯୋଜକ ମାନସ ରଞ୍ଜନ ସାହୁ ଓ ଶତାଧିକ ସମାଜସେବୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବରିଷ୍ଠ ବିଜେପି କର୍ମୀ ଓ ଜିଲାର ବିଭିନ୍ନ ସାମାଜିକ ସଂଗଠନର ପ୍ରମୁଖମାନେ ଉପସ୍ଥିତ ରହି ଶୁଭକାମନା ଜଣାଇଥିଲେ ।

# ଉପ-ଡାକଘରେ ଆଧାର କାର୍ଯ୍ୟ ଠପ୍

ଭାପୁର,୧୯।୪ (ନିପ୍ର): ସରକାରୀ ତଥା ବେସରକାରୀ କାର୍ଯ୍ୟରେ ଆଧାର ନମ୍ବର ଦରକାର ହେଉଥିବାରୁ ଆଧାର କାର୍ଡରେ ସ୍ୱଚ୍ଛତା ଅପରିହାର୍ଯ୍ୟ ହୋଇପଡିଛି । ସେଥିପାଇଁ କେନ୍ଦ୍ର ସରକାର ଆଧାର କାର୍ଡକୁ ସରକାରୀ ନଥିପତ୍ରରେ ବ୍ୟବହାର ବାଧ୍ୟତାମୂଳକ କରିଥିବାବେଳେ ଅନେକାଂଶରେ ଏହାର ତ୍ରୁଟି ପରିଲକ୍ଷିତ ହେଉଛି । ବର୍ତ୍ତମାନ ଜନ୍ମ ହେଲା ଶିଶୁଙ୍କ ଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ଆଧାର କାର୍ଡ ବ୍ୟବହାର ଦରକାର ହେଉଛି । କିନ୍ତୁ,ଆଧାର କାର୍ଡରେ ଲିଖିତ ନାମ,ଠିକଣା କି ସଂଖ୍ୟା ଭୁଲ୍ ଭଟକା ଦେଖାଯାଉଥିବାରୁ ସମସ୍ୟା ଦେଖାଦେଇଛି ।ସେଥିପାଇଁ ଆଧାର ସମ୍ପର୍କିତ ଯେ କୌଣସି ସମସ୍ୟା ସଂଶୋଧନ, ନୂତନ ଆଧାର କାର୍ଡ ତଥା ଫୋନ୍ ନମ୍ବର ଯୋଗ ପାଇଁ କେନ୍ଦ୍ର ସରକାର ବ୍ଲକ କାର୍ଯ୍ୟାଳୟ ଏବଂ ସ୍ୱତନ୍ତ୍ର ଆଧାର କେନ୍ଦ୍ର ଖୋଲି ସ୍ୱଳ୍ପ ଆର୍ଥିକ ଦେୟରେ ବ୍ୟବସ୍ଥା କରିଲେ କିନ୍ତୁ, ଅପରେଟରମାନେ ଆଧାର ସଂଶୋଧନ ନାଁରେ ଉପଭୋକ୍ତାଙ୍କୁ ଶୋଷଣ କରି ମାଲେମାଲ୍ ହେଲେ । ଦୁର୍ନୀତିକୁ ନଜରରେ ରଖି କେନ୍ଦ୍ର ସରକାର ଡାକଘର ମାନଙ୍କରେ ଏହି ବ୍ୟବସ୍ଥା ୨୦୨୩ ମସିହାରୁ କାର୍ଯ୍ୟକାରୀ କରିଲେ । ଏହି ପରିପ୍ରେକ୍ଷୀରେ , ଭାପୁର ଉପ-ଡାକଘର କାର୍ଯ୍ୟାଳୟରେ ଲକ୍ଷ ଲକ୍ଷ ଟଙ୍କାର ବ୍ୟବହାର ଉପଯୋଗୀ ବିଭିନ୍ନ ଯନ୍ତ୍ରପାତି କ୍ରୟ କରାଯାଇ ଆଧାର ସଂଶୋଧନ କାର୍ଯ୍ୟ କରାଯାଉଥିଲା । କିନ୍ତୁ, କିଛିଦିନ ଚାଲିଲା ପରେ ଆଧାର ସଂଶୋଧନ କାର୍ଯ୍ୟ ବର୍ତ୍ତମାନ ବନ୍ଦ କରି ଦିଆଯାଇଛି । ଫଳରେ, ଦୂରଦୁରାନ୍ତରୁ ଆସୁଥିବା ଲୋକମାନେ ଡାକଘରୁ ଫେରି ଅଧିକ ଖର୍ଚ୍ଚାନ୍ତରେ ବ୍ଲକ କାର୍ଯ୍ୟାଳୟ ତଥା ଜନସେବା କେନ୍ଦ୍ରରେ ସଂଶୋଧନ କାର୍ଯ୍ୟ କରୁଛନ୍ତି । ଏହାକୁ ନେଇ ଜନଅସନ୍ତୋଷ ବଢୁଥିବାବେଳେ ତୁରନ୍ତ ଭାପୁର ଉପଡାକଘର କାର୍ଯ୍ୟାଳୟରେ ଆଧାର ସଂଶୋଧନ କାର୍ଯ୍ୟ ଲାଗୁ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ନାଟକ ଆମେ ସବୁ ମେଣ୍ଢା ଓ ପଞ୍ଚମ ବେଦ ମଞ୍ଚସ୍ଥ

ଦାମନଯୋଡି,: ଉନବିଂଶତମ ରାଜ୍ୟସ୍ତରୀୟ ପଞ୍ଚପଟମାଳୀ ନାଟ୍ୟ ମହୋତ୍ସବରେ ଦ୍ୱିତୀୟ ସନ୍ଧ୍ୟାରେ 'ଆମେ ସବୁ ମେଣ୍ଢା' ଓ 'ପଞ୍ଚମ ବେଦ' ମଞ୍ଚସ୍ଥ ହୋଇଛି। ମୁଖ୍ୟ ଅତିଥି ଭାବେ ଖଣି ବିଭାଗ ସମୂହ ମହାପ୍ରବନ୍ଧକ ପୁରୁଷୋତ୍ତମ ମହାନ୍ତ ଓ ଦକ୍ଷିଣାଞ୍ଚଳ ନାଟ୍ୟ ସଂଘର ଯୁଗ୍ମ ସମ୍ପାଦକ ସମୀର କୁମାର ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଦ୍ୱୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଓ ମୁଖପତ୍ର 'କଳାକାର' ଉନ୍ମୋଚନ କରାଯାଇଥିଲା । କସ୍ତୁରୀ, ରାଉରକେଲା ଦ୍ୱାରା ମଞ୍ଚସ୍ଥ ନାଟକର ନାଟ୍ୟକାର ଡଃ ପ୍ରଦୀପ ଭୌମିକଙ୍କ ରଚନାରେ ନିର୍ଦ୍ଦେଶନା ଦେଇଛନ୍ତି ଅଶୋକ କୁମାର ବଳ । ସହ ନିର୍ଦ୍ଦେଶନାରେ ପ୍ରଭାକର ପାତ୍ର ଥିବା ବେଳେ ସଙ୍ଗୀତରେ ଥିଲେ ଶ୍ୟାମସୁନ୍ଦର ପଟ୍ଟନାୟକ ଓ ମଞ୍ଚ ପରିଚାଳନା କରିଥିଲେ ପି ସାଜି ମାଥ୍ୟୁ ଏବଂ ପାଣ୍ଡବ ମଲ୍ଲିକ ସମାଜରେ ଅନ୍ଧ ଭଳି ଅନ୍ୟାୟର ବଶୀଭୂତ ନ ହୋଇ ଦୃଢ଼ତାର ସହ ମୁକାବିଲା କରିବା ପାଇଁ ନାଟକ ମାଧ୍ୟମରେ ସମାଜକୁ ଏକ ଆହ୍ୱାନ । ମୁଖ୍ୟ ଭୂମିକାରେ ପ୍ରଫୁଲ୍ଲ କୁମାର ମହାରଣା, ଗୌରାଙ୍ଗ ଚନ୍ଦ୍ର ଦଳେଇ, ସରୋଜିନୀ ସ୍ୱାଇଁ, ନିକିତା ଷଡ଼ଙ୍ଗୀ ପ୍ରମୁଖ ଅଭିନୟ କରିଥିଲେ । ସେହିପରି ଭାରତୀ କଳାନିକେତନ, ଉମରକୋଟ ଦ୍ୱାରା ମଞ୍ଚସ୍ଥ ଦ୍ୱିତୀୟ ନାଟକ 'ପଞ୍ଚମ ବେଦ'ର କାହାଣୀ, କେଉଁ ଆବାହନ କାଳରୁ ସମାଜକୁ ସଂସ୍କୃତି ସମ୍ପନ୍ନ କରିବା ପାଇଁ ମୁନିଋଷୀମାନେ ଅନେକ ନିୟମ ପ୍ରଣୟନ କରିଛନ୍ତି । ସେ ସବୁକୁ ମାନି ଚଳିଲେ ଏକ ସୁସ୍ଥ ଓ ସୁନ୍ଦର ପରିବାର ଗଠନ ହୋଇପାରିବ ବୋଲି ପୂର୍ବ ପୁରୁଷଙ୍କ ମତ । ନାଟ୍ୟକାର ଅଧ୍ୟାପକ ଗୋପାଳ ମହାରଣା କାହାଣୀର ନିର୍ଦ୍ଦେଶନା ଦେଇଥିଲେ ଅଧ୍ୟାପିକା ମଧୁମିତା ମହାରଣା ।

# ସୋନିଆ ଓ ରାହୁଲ୍‌ଙ୍କ କୁଶ ପୁତ୍ତଳିକା ଜାଳିଲା ବିଜେପି ଯୁବମୋର୍ଚ୍ଚା

କେନ୍ଦୁଝର,୧୯।୪ (ନିପ୍ର): ନ୍ୟାସନାଲ ହେରାଲ୍ଡ ସ୍କାମରେ ୬ ହଜାର କୋଟିର ଅର୍ଥ ଲୁଟରେ ସିଧା ସଳଖ ସଂପୃକ୍ତ ଥିବା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସବୀର ଦାଶଙ୍କ ନେତୃତ୍ୱରେ ଶତାଧିକ ଯୁବ କାର୍ଯ୍ୟକର୍ତ୍ତା କେନ୍ଦୁଝର ସହର ସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ ।

ସହରର ସହିଦ୍ ସଦନ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଶତାଧିକ କର୍ମୀ ବାହାରି ଲାବଣ୍ୟ ଛକ ନିକଟସ୍ଥ କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ କରିଛି । ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଭାରତୀୟ




ଜନତା ପାର୍ଟି ର କେନ୍ଦୁଝର ଜିଲ୍ଲାର ସାଧାରଣ ସମ୍ପାଦକ ତଥା ଯୁବମୋର୍ଚ୍ଚା ପ୍ରଭାରୀ ଅନୁବ୍ରତ ବେହେରା, ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ପ୍ରକାଶ ମଲ୍ଲିକ୍, ଜିଲ୍ଲା ଯୁବମୋର୍ଚ୍ଚା ର ସାଧାରଣ ସମ୍ପାଦକ ପ୍ରେମ ପ୍ରକାଶ ମୁଣ୍ଡା ଏବଂ ରୁଦ୍ର ପ୍ରସାଦ ବେହେରା, ଯୁବନେତା ଜିଲ୍ଲା ଉପ ସଭାପତି ଆନିଦ୍ୟ ବେହେରା, ଅଶ୍ୱିନୀ ମହାନ୍ତ, ସମ୍ପାଦକ ବିଷ୍ଣୁ ତ୍ରିପାଠୀ, ସଚ୍ଚିଦାନନ୍ଦ ବେହେରା, ରୁପେଶ ଚନ୍ଦ୍ର ରଣା, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଲକ୍ଷ୍ମଣ ରାଉତ, ଅସିତ୍ ନନ୍ଦନ ମହାନ୍ତି, ନଗର ସଭାପତି ପଙ୍କଜ ଦିବେଦୀ, ଜଗମୋହନ କର, ସୁରଜ୍ ବାରିକ୍ , ଜିଲ୍ଲା ଉପ ସଭାପତି ଗୋପୀନାଥ ରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାୟକ, ଶିବ କୁମାର ରାଠୋର, ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟଙ୍କ ସମେତ ସମସ୍ତ ମଣ୍ଡଳର ସଭାପତି ଏବଂ ଜିଲ୍ଲା ଯୁବ ନେତୃତ୍ୱ ସାମିଲ ହୋଇଥିଲେ।

# କୋରାପୁଟ ଜିଲ୍ଲା ପ୍ରଶାସନକୁ ପ୍ରଧାନମନ୍ତ୍ରୀ ଉତ୍କର୍ଷତା ପୁରସ୍କାର ପାଇଁ ମୁଖ୍ୟମନ୍ତ୍ରୀ ଜଣାଇଲେ ଅଭିନନ୍ଦନ

ଭୁବନେଶ୍ୱର,ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝି କୋରାପୁଟ ଜିଲ୍ଲା ପ୍ରଶାସନ ଓ ତାଙ୍କ ଟିମ୍‌କୁ 'ସାର୍ବଜନିନ ପ୍ରଶାସନରେ ଉତ୍କୃଷ୍ଟତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର ୨୦୨୪' ପାଇଁ ଚୟନିତ ହେବା ପରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି 'କୋରାପୁଟ ଜିଲ୍ଲାର ଜିଲ୍ଲାପାଳ ଓ ତାଙ୍କ ଟିମ୍‌କୁ ସାର୍ବଜନିନ ପ୍ରଶାସନରେ ଉତ୍କୃଷ୍ଟତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର ୨୦୨୪ ପାଇଁ ଚୟନିତ ହେବା ପାଇଁ ଅଭିନନ୍ଦନ। ସମଗ୍ର ଜିଲ୍ଲା ବିକାଶରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଖୁବ ପ୍ରଶଂସନୀୟ । ଆଶା କରୁଛି ସେମାନେ ଏହିପରି ଆଉ ବଡ଼ ସଫଳତା ଅର୍ଜନ କରିବେ ଓ ଅନ୍ୟମାନଙ୍କୁ ପ୍ରେରଣା ଦେଇ ଯିବେ।'

# ବିଶ୍ୱ ଐତିହ୍ୟ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ବିଶ୍ୱ ଐତିହ୍ୟ ଦିବସର ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସନାତନ ସ୍ମାରକ ଏବଂ ପୁରାତତ୍ତ୍ୱିକ ସ୍ଥଳୀଗୁଡ଼ିକ ଆମର ବିଭୂତିମୟ ଇତିହାସର ଗର୍ବିତ ସ୍ମୃତିଚିହ୍ନ ଭାବେ ଦୃଢ଼ ଭାବରେ ଦଣ୍ଡାୟମାନ ରହିଛି । ଅନ୍ତର୍ଜାତୀୟ ସ୍ମାରକ ଏବଂ ଐତିହ୍ୟସ୍ଥଳୀ ଦିବସରେ ଆସନ୍ତୁ, ଏହି ସନାତନ ଐତିହ୍ୟକୁ ସୁରକ୍ଷିତ ରଖିବା ଏବଂ ପାଳନ କରିବା ପାଇଁ ପ୍ରତିଶ୍ରୁତି ନେବା ।

# ରାଉରକେଲା ବନ୍ଧମୁଣ୍ଡା ବରକାନୀରେ ପୋଲିସ୍ - ଗ୍ରାମବାସୀ ମୁହାଁମୁହିଁ, ଜଣେ ଗ୍ରାମବାସୀଙ୍କ ମୃତ୍ୟୁ

ରାଉରକେଲା,୧୯।୪ (ନିପ୍ର): ଇସ୍ପାତ କାରଖାନାର ବିସ୍ତାରକରଣ ପାଇଁ ରାଉରକେଲା, ବନ୍ଧମୁଣ୍ଡାର ବରକାନିରେ ରେଳ ଲାଇନ୍ ବିସ୍ତାରକରଣ କାର୍ଯ୍ୟ ଚାଲିଥିବା ବେଳେ ବରକାନୀର ଗ୍ରାମବାସୀ ବିସ୍ତାରକରଣ କାର୍ଯ୍ୟକୁ ବନ୍ଦ୍ କରିବାକୁ ଆଗେଇ ଆସିଥିଲେ। ସେଠାରେ ଉପସ୍ଥିତ ଥିବା ପୋଲିସ ଗ୍ରାମବାସୀଙ୍କୁ ଅଟକାଇଥିଲେ। ଗ୍ରାମବାସୀମାନେ ସେଠାରେ ଜେସିବି ଦ୍ୱାରା ହେଉଥିବା କାର୍ଯ୍ୟକୁ ରୋକିବାରୁ, ଜେସିବି ଚାଳକ ଜେସିବି ଉପରୁ ନିୟନ୍ତ୍ରଣ ହରାଇଥିଲା ଏବଂ ଏହାଦ୍ୱାରା ଜଣେ ଗ୍ରାମବାସୀର ମୃତ୍ୟୁ ହୋଇଥିଲା ଓ ଦୁଇ ଜଣ ଗ୍ରାମବାସୀ ଆହତ ହେବାରୁ, ଗ୍ରାମବାସୀମାନେ ଉତକ୍ଷିପ୍ତ ହୋଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ପୋଲିସ୍ - ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ଉପୁଜିଥିଲା। ଗ୍ରାମବାସୀଙ୍କ ଢେଲା ପଥର ମାଡରେ ଜେସିବି ଡ୍ରାଇଭର ଏବଂ ୫ ପୋଲିସ୍ କର୍ମଚାରୀ ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଆହତ ଜେସିବି ଚାଳକର ନାମ ସାମୁଏଲ୍ ମାସୀ। ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ପୋଲିସ୍ କର୍ମଚାରୀଙ୍କ କହିବା ଅନୁଯାୟୀ ୧୫୦ରୁ ୨୦୦ ଗ୍ରାମବାସୀ, ଠେଙ୍ଗା ଓ ପଥର ସାହାଯ୍ୟରେ ଆକ୍ରମଣ କରିଥିଲେ। ଠେଙ୍ଗା ଓ ପଥର ମାଡରେ ଦଶ ପୋଲିସ୍ କର୍ମଚାରୀ ଆହତ ହୋଇଥିବା ସୂଚନା।

ରାଉରକେଲା ଇସ୍ପାତ କାରଖାନାକୁ ଟ୍ରେନ ଲାଇନ ଯିବାକୁ ନେଇ କାମ ଆରମ୍ଭ ହୋଇଥିଲା ବେଳେ ଏହି ଗଣ୍ଡଗୋଳର ସୂତ୍ରପାତ। ଘଟଣା ସ୍ଥଳରେ ପୋଲିସ ମୁତୟନ ହୋଇଥିବା ସୂଚନା। ରାଉରକେଲା ସରକାରୀ ଡାକ୍ତରଖାନାରେ ଜେସିବି ଡ୍ରାଇଭର ସହ ଗୁରୁତର ଆହତ ହୋଇ ୫ ପୋଲିସ୍ କର୍ମଚାରୀ ଚିକିତ୍ସିତ ହେଉଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନାର ବିସ୍ତାରକରଣ ପାଇଁ ବନ୍ଧମୁଣ୍ଡା ବରକାନୀ ଅଞ୍ଚଳକୁ ଚିହ୍ନିତ କରାଯାଇଥିଲା, ଯାହାକି ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପୂର୍ବରୁ ଇସ୍ପାତ କାରଖାନା ପ୍ରତିଷ୍ଠା ବେଳେ ଅଧିଗ୍ରହଣ ହୋଇଥିଲା। କିନ୍ତୁ ସେଠାରେ ଗ୍ରାମବାସୀମାନେ ବସତି ସ୍ଥାପନ କରି ରହୁଥିଲେ। ରାଉରକେଲା ଇସ୍ପାତ କାରଖାନା ଏବଂ ରାଉରକେଲା ପ୍ରଶାସନ ପକ୍ଷରୁ ଗ୍ରାମସଭା ମାଧ୍ୟମରେ କୌଣସି ଜନଶୁଣାଣି କରାଯାଇନଥିବା ସୂଚନା। ରାଉରକେଲା ଇସ୍ପାତ କାରଖାନା ପ୍ରତିଷ୍ଠା ବେଳେ ଆବଶ୍ୟକତା ଠାରୁ ବହୁ ଅଧିକ ଜମି ଅଧିଗ୍ରହଣ କରିଥିଲା, ଯାହାକି ରାଜସ୍ୱ ବିଭାଗ ପକ୍ଷରୁ ରାଉରକେଲା ଇସ୍ପାତ କାରଖାନା ନାମରେ ନାମିତ ହୋଇସାରିଛି। ବର୍ତ୍ତମାନ ଓଡିଶା ସରକାର ରାଉରକେଲା ସହରର ବିକାଶ ପାଇଁ ଜମି ଚାହିଁଲେ ମଧ୍ଯ ରାଉରକେଲା ଇସ୍ପାତ କାରଖାନା ଜମି ଦେବାକୁ ଅରାଜି। ରାଉରକେଲା ବିମାନ ବନ୍ଦର ବିସ୍ତାରକରଣ ପାଇଁ ରାଉରକେଲା ଇସ୍ପାତ କାରଖାନା ଜମି ଛାଡିବାକୁ ଅରାଜି ଥିବାରୁ, ବିମାନବନ୍ଦରର ବିସ୍ତାରକରଣ ହୋଇପାରୁନାହିଁ। ଅନ୍ୟପକ୍ଷରେ ଆଇଜିଏଚ୍ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା ସୁପର ସ୍ପେସିଆଲିଟି ହସ୍ପିଟାଲ ବର୍ତ୍ତମାନ ଆପୋଲୋ ହସ୍ପିଟାଲ ଭଳି ଏକ ଘରୋଇ ହସ୍ପିଟାଲ ହାତରେ ଟେକି ଦିଆଯାଇଛି। ରାଉରକେଲା ଇସ୍ପାତ କାରଖାନା ଓଡ଼ିଶା ରାଜ୍ୟ ତଥା ରାଉରକେଲାରେ ଅବସ୍ଥିତ ଥିଲେ ମଧ୍ୟ, ନିଜକୁ ସ୍ୱତନ୍ତ୍ର ବୋଲି ଭାବୁଛି। ଏଠାରେ ସ୍ମରଣଯୋଗ୍ୟ ଯେ ରାଉରକେଲା ସରକାରୀ ଡାକ୍ତରଖାନାରେ ଥିବା ରକ୍ତ ଭଣ୍ଡାରର ରକ୍ତ, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପରିଚାଳିତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କ ପାଇଁ ଲାଗିପାରୁ ନାହିଁ। ଆଇଜିଏଚ୍ ପକ୍ଷରୁ ଏହାକୁ ବାରଣ କରାଯାଇଅଛି। ତେଣୁ ରାଉରକେଲା ଇସ୍ପାତ କାରଖାନାର ଏକଛତ୍ରବାଦ ଏଠାରେ ପ୍ରମାଣିତ ହେଉଛି।

# ଶୃଙ୍ଖଳିତ ରଥଯାତ୍ରା ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

ଭୁବନେଶ୍ୱର, ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ଣରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହିତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ତଥା ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ଜିଲ୍ଲାପାଳ, ପୁରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପୁରୀ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପାଇଁ ଟ୍ରାଫିକ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଂଟିଗ୍ରେଟେଡ଼ କମାଣ୍ଡ କଣ୍ଟ୍ରୋଲ ସେଂଟର, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥି ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

# ସ୍ଥାୟୀ ବିକାଶ ପାଇଁ ଅତ୍ୟାଧୁନିକ ପଦାର୍ଥର ଆବଶ୍ୟକତା ରହିଛି

ଗୁଣୁପୁର,୧୯।୪ (ନିପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ ଏବଂ ସ୍କୁଲ ଅଫ ସାଇନସେସ୍ ପକ୍ଷରୁ 'ସ୍ଥାୟୀ ବିକାଶ ପାଇଁ ଅତ୍ୟାଧୁନିକ ପଦାର୍ଥର ଆବଶ୍ୟକତା ' ସଂପର୍କୀୟ ଦୁଇ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଅଧୀନରେ ଥିବା ଜାତୀୟ ଅନୁସନ୍ଧାନ ଭିତ୍ତିପ୍ରସ୍ତର ଏବଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ପକ୍ଷରୁ ପ୍ରୋଯୋଜିତ ଏହି ଉଦ୍ଘାଟନୀ ସମ୍ମିଳନୀର ଉତ୍କଳ ବିଶ୍ୱବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଫେସର ଡ଼ଃ ସତ୍ୟବାନ୍ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତ୍ୟାଧୁନିକ ପଦାର୍ଥର ଉତ୍ପତ୍ତି ଓ ଏହାର ବିଭିନ୍ନ କାର୍ଯ୍ୟକାରିତା ସମ୍ପର୍କରେ କହିବା ସହ ବର୍ତ୍ତମାନ ଯୁଗରେ ଏହାର ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ବେଳେ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ମତବ୍ୟକ୍ତ କରିଥିଲେ ।ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ଆଣ୍ଡ ଟେକ୍ନୋଲୋଜିର ଡିନ୍ ଡ ତୁଲୁ ପଟ୍ଟନାୟକ ଯୋଗଦେଇ ବିଭାଗୀୟ ଅନୁସନ୍ଧାନ ଓ ଗବେଷଣା ବିଷୟରେ କହିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ ପି ବିଜୟ କୁମାର ଯୋଗଦେଇ ଅଭିନବିକରଣ ଗବେଷଣାର ଏକ ଅଂଶ ବୋଲି କହିଥିଲେ। ସମ୍ମିଳନୀର ଆବାହକ ଡ଼ଃ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ସ୍କୁଲ ଅଫ ସାଇନସେସ୍ ର ଡ଼ଃ ବି ରବି ପ୍ରସାଦ ସମ୍ମିଳନୀର ପ୍ରାଧାନ୍ୟତା ବିଷୟରେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମ୍ମିଳନୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର




ବିଭାଗ ଓ ଗବେଷଣାରତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପୋଷ୍ଟର ଉପସ୍ଥାପନା କରାଯାଇଥିଲା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ଃ ଏନ ଭି ଜେ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଅନୁଷ୍ଠାନ ର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ,ଗବେଷଣାରତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପିକା ଫୁର୍ତ୍ତି ଫିଜା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଘନିଷ୍ଠା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ଦେଶ ତଥା ବିଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଫେସରବୃନ୍ଦ ଓ ପ୍ରାଧ୍ୟାପକ ଆଦି ଆଭାସି ମାଧ୍ୟମରେ ନିଜ ନିଜ ର ସନ୍ଦର୍ଭ ପାଠ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ଏନ୍ ଆଇ ଟି ରାଉରକେଲା, ୟୁନିଭରସିଟି ଅଫ ହାଇଦ୍ରାବାଦ, ଉତ୍କଳ ବିଶ୍ୱବିଦ୍ୟାଳୟର, ସରଲାଣ୍ଡ ବିଶ୍ୱବିଦ୍ୟାଳୟ ଜର୍ମାନୀ, କେମରନ୍ ବିଶ୍ୱବିଦ୍ୟାଳୟ, ଡେଲହାଉସି ବିଶ୍ୱବିଦ୍ୟାଳୟ କାନଡା, ନାଇଜେରିଆ, ଇସ୍ରାଏଲ, ସାଉଥ କୋରିଆ, ୟୁଏସ୍‌ଏ ଆଦି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରଫେସର ମାନେ ଯୋଗଦେଇ ଗବେଷଣା ଭିତ୍ତିକ ସନ୍ଦର୍ଭ ମାନ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ପରିଶେଷରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହଜ୍ କୋଟା: ଭାରତ ପାଇଁ ୧୦ ଓ ପାକିସ୍ତାନ ପାଇଁ ୨୪ ହଜାର

**ନୂଆଦିଲ୍ଲୀ, ୧୯/୪:** ଚଳିତ ବର୍ଷ ଭାରତକୁ ୧.୭ ଲକ୍ଷ ହଜ୍ ଯାତ୍ରୀଙ୍କ କୋଟା ମିଳିଛି, ଯେଉଁଥିରୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟକୁ ୧ ଲକ୍ଷ ୨୨ ହଜାର ୫୧୮ ତୀର୍ଥଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କରିବାକୁ ପଡିବ ଏବଂ ଘରୋଇ ପରିଚାଳକମାନେ ୫୨ ହଜାର ୫୦୭ ତୀର୍ଥଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କରିବେ। ଗୋଟିଏ ପଟେ ସାଉଦି ଆରବ ଘରୋଇ ହଜ୍ ଯୋଜନାରେ ଭାରତୀୟ ମୁସଲମାନଙ୍କ କୋଟା ୮୦% ହ୍ରାସ କରିଥିବା ବେଳେ ଏବେ ମାତ୍ର ୧୦ ହଜାର ତୀର୍ଥଯାତ୍ରାରେ ଯାଇପାରିବେ। ଅନ୍ୟପକ୍ଷରେ ପାଖାପାଖି ୨୪ ହଜାର ପାକିସ୍ତାନୀ ମୁସଲମାନ ଏହାର ଫାଇଦା ଉଠାଇପାରିବେ। ସାଉଦି ଆରବ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୪୨ ହଜାର ଭାରତୀୟ ମୁସଲମାନ ପ୍ରଭାବିତ ହୋଇଛନ୍ତି। ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ୍ ସାମା ଟିଭିର ଏକ ରିପୋର୍ଟ ଅନୁଯାୟୀ, ପାକ୍ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ ଚଳିତ ବର୍ଷ ଘରୋଇ ହଜ୍ ଯୋଜନା ଅଧୀନରେ କେବଳ ୨୩ ହଜାର ୬୨୦ ଜଣ ତୀର୍ଥଯାତ୍ରୀକୁ ଯାଇପାରିବେ। ସେ କହିଛନ୍ତି ଯେ ସମସ୍ତ କମ୍ପାନୀ ହଜ୍ ଯାତ୍ରୀଙ୍କ ସହ ହଜ୍ ସମ୍ବନ୍ଧୀୟ ସମସ୍ତ ଅପଡେଟ୍ ସେୟାର କରିବା ଉଚିତ୍। ମନ୍ତ୍ରଣାଳୟ କହିଛି ଯେ ସମସ୍ତ ଅପରେଟରମାନେ ଏପ୍ରିଲ ୧୮ ସୁଦ୍ଧା ହଜ୍ ଯାତ୍ରୀଙ୍କୁ ଭିସା ପ୍ରଦାନ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଶେଷ କରିବା ଉଚିତ୍ କାରଣ ସାଉଦି ଆରବ ସରକାରଙ୍କ ଏ ସଂକ୍ରାନ୍ତରେ କଠୋର ନିର୍ଦ୍ଦେଶ ରହିଛି। ଚଳିତ ବର୍ଷ ଭାରତକୁ ହଜ୍ ପାଇଁ ୧ ଲକ୍ଷ ୭୫ ହଜାର ୨୫ ତୀର୍ଥଯାତ୍ରୀଙ୍କ କୋଟା ମିଳିଥିଲା, ସେଥିମଧ୍ୟରୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ହଜ୍ କମିଟି ମାଧ୍ୟମରେ ୧ ଲକ୍ଷ ୨୨ ହଜାର ୫୧୮ ତୀର୍ଥଯାତ୍ରୀଙ୍କ ବ୍ୟବସ୍ଥା କରିବାକୁ ଥିବା ବେଳେ ଘରୋଇ ଅପରେଟରମାନଙ୍କୁ ୫୨ ହଜାର ୫୦୭ ତୀର୍ଥଯାତ୍ରୀଙ୍କ କୋଟା ଆବଣ୍ଟନ କରାଯାଇଥିଲା।

# ବାଂଲାଦେଶରେ ହିନ୍ଦୁ ନେତାଙ୍କୁ ହତ୍ୟା, ଭାରତ କ୍ଷୁବ୍ଧ

**ନୂଆଦିଲ୍ଲୀ, ୧୯/୪:** ବାଂଲାଦେଶର ଦିନାଜପୁରରେ ୫୮ ବର୍ଷୀୟ ହିନ୍ଦୁ ନେତା ଭାବେଶ ଚନ୍ଦ୍ର ରାୟଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଏହା ଉପରେ, ଭାରତ ସରକାର ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ନିନ୍ଦା କରିଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ ଶନିବାର ଏକ୍ସରେ ଏହି ଘଟଣା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, 'ଆମେ ବାଂଲାଦେଶର ଜଣେ ହିନ୍ଦୁ ସଂଖ୍ୟାଲଘୁ ନେତା ଶ୍ରୀ ଭାବେଶ ଚନ୍ଦ୍ର ରାୟଙ୍କ ଅପହରଣ ଏବଂ ନିର୍ମମ ହତ୍ୟାକୁ ଦୁଃଖର ସହିତ ଦେଖିଛୁ।' ଏହି ହତ୍ୟାକାଣ୍ଡ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ବ୍ୟବସ୍ଥିତ ନିର୍ଯ୍ୟାତନାକୁ ପୁନରାବୃତ୍ତି କରେ, ଯେତେବେଳେ ପୂର୍ବ ଏପରି ଘଟଣାର ଅପରାଧୀମାନେ ଦଣ୍ଡ ପାଇ ବୁଲନ୍ତି ନାହିଁ। ଭାରତ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛି ଯେ କୌଣସି ବାହାନା ଏବଂ ଭେଦଭାବ ବିନା ସମସ୍ତ ସଂଖ୍ୟାଲଘୁ, ବିଶେଷକରି ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ। ଭାରତ ବାଂଲାଦେଶ ସରକାରଙ୍କୁ ମନେ ପକାଇ ଦେଇଛି ଯେ ସମସ୍ତ ନାଗରିକଙ୍କୁ ସମାନ ସୁରକ୍ଷା ପ୍ରଦାନ କରିବା ଏହାର ସାମ୍ବିଧାନିକ ଏବଂ ନୈତିକ ଦାୟିତ୍ୱ।

# ଶିକ୍ଷା ଭିସା ବାତିଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଭାରତୀୟ

ୱାଶିଂଟନ, ୧୯/୪: ଆମେରିକା ସରକାର ଆନ୍ତର୍ଜାତୀୟ ଛାତ୍ରମାନଙ୍କୁ ଆକ୍ରମଣାତ୍ମକ ଭାବରେ ଟାର୍ଗେଟ କରିଆସୁଛି। ବିଶେଷ କରି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ନିୟନ୍ତ୍ରଣ ନେବା ପରଠାରୁ ଅନେକ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ଭିସା ବାତିଲ୍ ହେଉଥିବାର ସୂଚନା ରହିଛି। ଭାରତୀୟ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଏହି ଅସୁବିଧାର ସାମ୍ନା କରୁଛନ୍ତି। ଆମେରିକୀୟ ଇମିଗ୍ରେସନ୍ ଲୟର୍ସ ଆସୋସିଏସନ୍ (ଏଆଇଏଲ୍ଏ) ଦ୍ୱାରା ସଂଗୃହୀତ ରିପୋର୍ଟ ଅନୁଯାୟୀ, ମୋଟ ୨୭ ଜଣ ଆନ୍ତର୍ଜାତୀୟ ଛାତ୍ରଙ୍କ ଅଧ୍ୟୟନ ଭିସା ବାତିଲ କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଛାତ୍ରଛାତ୍ରୀ ହେଉଛନ୍ତି ଭାରତୀୟ। ତେବେ ତା'ପରେ ରହିଛନ୍ତି ଚୀନର ଛାତ୍ରଛାତ୍ରୀ। ଭାରତୀୟଙ୍କ ପରେ ପରେ ୧୪ ପ୍ରତିଶତ ଚୀନର ଛାତ୍ରଛାତ୍ରୀଙ୍କ ଭିସା ପ୍ରତ୍ୟାହାର କରିଛି ଆମେରିକା। 'ଦ ଡିପାର୍ଟମେଣ୍ଟ୍ ଅଫ୍ ଷ୍ଟେଟ୍ଓ (ଡିଓଏସ୍) ଓ ଇମିଗ୍ରେସନ୍ ଆଣ୍ଡ୍ କଷ୍ଟମ୍ସ ପ୍ରବର୍ତ୍ତନ (ଆଇସିଇ) ଆନ୍ତର୍ଜାତୀୟ ଛାତ୍ରମାନଙ୍କୁ ଆକ୍ରମଣାତ୍ମକ ଭାବରେ ଟାର୍ଗେଟ କରୁଛନ୍ତି ବୋଲି ଆସୋସିଏସନ୍ ଏକ ରିପୋର୍ଟରେ କହିଛି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଗତ ମାସର ଶେଷ ଭାଗରେ, ସଚିବ ରୁବିଓ କହିଛନ୍ତି ଯେ ଡିଓଏସ୍ ୩୦୦ରୁ ଅଧିକ ଛାତ୍ର ଭିସା ବାତିଲ କରିଛି ଏବଂ ଏକ ନୂତନ 'କ୍ୟାଚ୍ ଆଣ୍ଡ୍ ରିଭୋକ୍' କାର୍ଯ୍ୟକ୍ରମ ଘୋଷଣା କରିଛି।

# ପୁଟିନଙ୍କ ସାମୟିକ ଯୁଦ୍ଧ ବିରତି ଘୋଷଣା



ମସ୍କୋ, ୧୯/୪ : ଋଷିଆ-ୟୁକ୍ରେନ ମଧ୍ୟରେ ସାମୟିକ ଯୁଦ୍ଧବିରତି ଘୋଷଣା କରାଯାଇଛି। ଋଷିଆ ରାଷ୍ଟ୍ରପତି ପୁଟିନ ଯୁଦ୍ଧବିରତି ଘୋଷଣା କରିଛନ୍ତି। ଇଷ୍ଟର ପର୍ବକୁ ଦୃଷ୍ଟିରେ ରଖି ଆସନ୍ତାକାଲି ମଧ୍ୟ ରାତ୍ର ଯାଏଁ ଯୁଦ୍ଧ ବିରତି ଘୋଷଣା ହୋଇଛି। ଅପରପକ୍ଷରେ ଯଦି ୟୁକ୍ରେନ ନ ମାନେ ସତର୍କ ରହିବାକୁ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁକ୍ରେନ୍ ସହିତ ଚାଲିଥିବା ସଂଘର୍ଷରେ ଏକ ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରିଛନ୍ତି। ଅର୍ଥୋଡକ୍ସ ଇଷ୍ଟର ଛୁଟି ପାଳନ କରି ଘୋଷଣା କରାଯାଇଥିବା ଏହି ଯୁଦ୍ଧବିରତି ଆସନ୍ତାକାଲି ରାତି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି ପଦକ୍ଷେପ ଏହି ଅଞ୍ଚଳର ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ପାଳନ କରାଯାଉଥିବା ଧାର୍ମିକ ପରମ୍ପରାକୁ ସମ୍ମାନ ଜଣାଇବା ପାଇଁ ଏକ ଇଙ୍ଗିତର ଅଂଶ ଭାବରେ ଆସିଛି। କ୍ରେମଲିନ୍ ଦ୍ୱାରା ପ୍ରକାଶିତ ଏକ ବିବୃତ୍ତି ଅନୁଯାୟୀ, ଏହି ଯୁଦ୍ଧବିରତି ହେଉଛି ରୁଷ ନେତୃତ୍ୱ ଦ୍ୱାରା ନିଆଯାଇଥିବା ଏକ ଏକପାଖିଆ ନିଷ୍ପତ୍ତି, ଯାହାର ଲକ୍ଷ୍ୟ ହେଉଛି ଇଷ୍ଟରର ଶାନ୍ତିପୂର୍ଣ୍ଣ ପାଳନ ଏବଂ ସମ୍ଭାବ୍ୟ ମାନବୀୟ ସହାୟତା ପାଇଁ ଏକ ୱିଣ୍ଡୋ ସୃଷ୍ଟି କରିବା। ତଥାପି, ରାଷ୍ଟ୍ରପତି ପୁଟିନ୍ ମଧ୍ୟ ଏକ କଠୋର ଚେତାବନୀ ଜାରି କରି ଯୁଦ୍ଧବିରତି ଅବଧି ସମୟରେ ରୁଷ ସେନାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। "ଋଷ ସଶସ୍ତ୍ର ବାହିନୀକୁ ଅର୍ଥୋଡକ୍ସ ଇଷ୍ଟରକୁ ସ୍ୱୀକୃତି ଦେଇ ଆସନ୍ତାକାଲି ରାତି ପର୍ଯ୍ୟନ୍ତ ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ୟୁକ୍ରେନିୟ ପକ୍ଷ ଏହି ଯୁଦ୍ଧବିରତିକୁ ସମ୍ମାନ କରିବାରେ ବିଫଳ ହୁଏ କିମ୍ବା ସଂଘର୍ଷକୁ ଉସ୍କାଏ, ତେବେ ରୁଷ ସେନା ତୁରନ୍ତ ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ।"

# ଭାରତ ଆସିବେ ଏଲନ ମସ୍କ, ଏକ୍ସରେ ଦେଲେ ସୂଚନା



ୱାଶିଂଟନ, ୧୯/୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନରେ କଥାବାର୍ତ୍ତା ପରେ, ଟେସଲା ସିଇଓ ଏବଂ ଆମେରିକୀୟ ଶିଳ୍ପପତି ଏଲନ ମସ୍କ ଚଳିତ ବର୍ଷ ଭାରତ ଗସ୍ତରେ ଆସିବା ବିଷୟ ଘୋଷଣା କରିଛନ୍ତି। ମୋଦୀଙ୍କ ସହ କଥା ହେବା ପରେ, ସେ ତାଙ୍କ ସୋସିଆଲ ମିଡିଆ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି ଯେ ସେ ଭାରତ ଆସିବାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବା ଏକ ସମ୍ମାନର କଥା। ମୁଁ ଏହି ବର୍ଷ ଶେଷରେ ଭାରତ ଗସ୍ତ କରିବାକୁ ଅପେକ୍ଷା କରିଛି!' ମସ୍କ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବା ଏକ ସମ୍ମାନର କଥା। ମୁଁ ଏହି ବର୍ଷ ଶେଷରେ ଭାରତ ଗସ୍ତ କରିବାକୁ ଅପେକ୍ଷା କରିଛି!' ମସ୍କ ତାଙ୍କ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ସେୟାର କରାଯାଇଥିବା ପୋଷ୍ଟକୁ ରିଟ୍ୱିଟ୍ ଏହା ଲେଖିଛନ୍ତି। ପୂର୍ବରୁ, ମସ୍କଙ୍କ ସହ କଥାବାର୍ତ୍ତା କରିବା ପରେ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଏକ୍ସ ଆକାଉଣ୍ଟରେ ଲେଖିଥିଲେ, 'ଏଲନ୍ ମସ୍କଙ୍କ ସହ କଥାବାର୍ତ୍ତା ସମୟରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ଚଳିତ ବର୍ଷ ଆରମ୍ଭରେ ୱାଶିଂଟନ୍ ଡିସିରେ ଆମର ବୈଠକ ସମୟରେ ଆଲୋଚନା ହୋଇଥିବା ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା। ଆମେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ସହଯୋଗର ଅପାର ସମ୍ଭାବନା ବିଷୟରେ ଆଲୋଚନା କରିଥିଲୁ। ଭାରତ ଏହି କ୍ଷେତ୍ରଗୁଡ଼ିକରେ ଆମେରିକା ସହିତ ଏହାର ସହଭାଗିତାକୁ ଆହୁରି ବୃଦ୍ଧି କରିବାକୁ ପ୍ରତିବଦ୍ଧ,' ମୋଦୀ କହିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ପ୍ରଶାସନର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରୁ ମସ୍କଙ୍କୁ ଜଣେ ବୋଲି ବିବେଚନା କରାଯାଏ। ମସ୍କ ସରକାରୀ ଖର୍ଚ୍ଚ ହ୍ରାସ ଏବଂ ସଂଘୀୟ କର୍ମଚାରୀ ସଂଖ୍ୟା ହ୍ରାସ କରିବା ପାଇଁ ଏକ ସରକାରୀ ଦକ୍ଷତା ପଦକ୍ଷେପର ନେତୃତ୍ୱ ନେଉଛନ୍ତି। ଅନ୍ୟପକ୍ଷରେ ଏହି ଆଲୋଚନା ଓ ମସ୍କଙ୍କ ପ୍ରସ୍ତାବିତ ଭାରତ ଗସ୍ତ ପରେ ଟେସଲାର ଭାରତ ଏଣ୍ଟ୍ରି ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ସୀମା ଉଲ୍ଲଂଘନ କରୁଛନ୍ତି ସୁପ୍ରିମକୋର୍ଟ: ସଞ୍ଜୀବ ଖାନ୍ନାଙ୍କୁ ଟାର୍ଗେଟ କଲା ବିଜେପି



**ନୂଆଦିଲ୍ଲୀ, ୧୯/୪:** ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ ସୁପ୍ରିମକୋର୍ଟଙ୍କୁ ପ୍ରଶ୍ନ କରିବା ପରେ ବିଜେପିର ଜଣେ ନେତା କହିଛନ୍ତି ଯେ ଯଦି ସର୍ବୋଚ୍ଚ ନ୍ୟାୟାଳୟ ଏଭଳି କାର୍ଯ୍ୟ କରନ୍ତି ତେବେ ସଂସଦ କାର୍ଯ୍ୟ ବନ୍ଦ କରିବା ଉଚିତ। ପ୍ରଧାନ ବିଚାରପତିଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ, ଏହି ଦେଶରେ ଘଟୁଥିବା ସମସ୍ତ ଗୃହଯୁଦ୍ଧ ପାଇଁ ସଞ୍ଜୀବ ଖାନ୍ନା ଦାୟୀ। ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଟାର୍ଗେଟ କରି ବିଜେପି ସାଂସଦ ନିଶିକାନ୍ତ ଦୁବେ ଏକ୍ସ'ରେ ଲେଖିଛନ୍ତି, 'କାନୁନ୍ ଯଦି ସୁପ୍ରିମକୋର୍ଟ ହି ବନାଏଗା, ସଂସଦ ଭବନ ବନ୍ଧ କର ଦେନା ଚାହିଏ'। ପରେ ଆଜି ଦୁବେ କହିଛନ୍ତି ଯେ ଦେଶରେ ଧାର୍ମିକ ଯୁଦ୍ଧକୁ ପ୍ରୋତ୍ସାହିତ କରିବା ପାଇଁ ସୁପ୍ରିମକୋର୍ଟ ଦାୟୀ। ସୁପ୍ରିମକୋର୍ଟ ଏହାର ସୀମା ଅତିକ୍ରମ କରୁଛନ୍ତି। ଯଦି ସବୁକିଛି ପାଇଁ ସୁପ୍ରିମକୋର୍ଟ ଯିବାକୁ ପଡ଼େ, ତେବେ ସଂସଦ ଓ ବିଧାନସଭା ବନ୍ଦ ରହିବା ଦରକାର। ନିଯୁକ୍ତି ଦେଇଥିବା କର୍ତ୍ତୃପକ୍ଷଙ୍କୁ ଆପଣ କିପରି ନିର୍ଦ୍ଦେଶ ଦେଇପାରିବେ? ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କୁ ନିଯୁକ୍ତ କରନ୍ତି। ସଂସଦ ଏହି ଦେଶର ଆଇନ ତିଆରି କରିଥାଏ। ଆପଣ ସେହି ସଂସଦକୁ ନିର୍ଦ୍ଦେଶ ଦେବେ କି? ଆପଣ କିପରି ଏକ ନୂତନ ଆଇନ ତିଆରି କଲେ? କେଉଁ ଆଇନରେ ଲେଖାଯାଇଛି ଯେ ରାଷ୍ଟ୍ରପତିଙ୍କୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ପଡ଼ିବ ଅର୍ଥାତ୍ ଆପଣ ଏହି ଦେଶକୁ ଅରାଜକତା ଆଡକୁ ନେବାକୁ ଚାହୁଁଛନ୍ତି। ସଂସଦ ବସିବା ପରେ ଏ ନେଇ ବିସ୍ତୃତ ଆଲୋଚନା ହେବ। ବିଜେପି ନେତା ଦୁବେଙ୍କ ବୟାନ ଅପମାନଜନକ ଏବଂ ସୁପ୍ରିମକୋର୍ଟ ଉପରେ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି କଂଗ୍ରେସ କହିଛି। ଏହା ସୁପ୍ରିମକୋର୍ଟଙ୍କ ବିରୋଧରେ ଏକ ଅପମାନଜନକ ବୟାନ। ନିଶିକାନ୍ତ ଦୁବେ ଜଣେ ବ୍ୟକ୍ତି ଯିଏ କ୍ରମାଗତ ଭାବରେ ଅନ୍ୟ ସମସ୍ତ ଅନୁଷ୍ଠାନକୁ ଭାଙ୍ଗି ଦିଅନ୍ତି। ଏବେ ସେ ସୁପ୍ରିମକୋର୍ଟଙ୍କୁ ଟାର୍ଗେଟ କରିଛନ୍ତି ବୋଲି କଂଗ୍ରେସ କହିଛି।

# ମମତାଙ୍କ ଉପରେ ଜୋର୍‌ଦାର ବର୍ଷିଲା ହିନ୍ଦୁ ସଂଗଠନ

କୋଲକାତା, ୧୯/୪: ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ଘଟିଥିବା ହିଂସାକୁ ନେଇ ଭିଏଚପି ଏବଂ ବଜରଙ୍ଗ ଦଳ ପଶ୍ଚିମବଙ୍ଗ ସରକାରଙ୍କ ବିରୁଦ୍ଧରେ ଏକ ବିଶାଳ ପ୍ରତିବାଦ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ଏପ୍ରିଲ ୧୧ ତାରିଖରେ ୱାକଫ (ସଂଶୋଧନ) ଆଇନ ବିରୋଧରେ ପ୍ରତିବାଦ ସମୟରେ ମୁର୍ଶିଦାବାଦରେ ଘଟିଥିବା ହିଂସାକୁ ନେଇ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାରଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ଏଏନଆଇ ରିପୋର୍ଟ ଅନୁଯାୟୀ, ପ୍ରତିବାଦ ସମୟରେ ଭିଏଚ୍ପିର ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଆମେ ଦେଶକୁ ଆତଙ୍କବାଦର ଦ୍ୱାରଦେଶକୁ ଯିବାକୁ ଦେଇପାରିବୁ ନାହିଁ। ଆମର ଲକ୍ଷ୍ୟ ହେଉଛି ହିନ୍ଦୁମାନଙ୍କୁ ପ୍ରତ୍ୟେକ ବିପଦରୁ ରକ୍ଷା କରିବା। ମୁର୍ଶିଦାବାଦ ହିଂସାରେ ବିଦେଶୀମାନେ ସାମିଲ ଥିଲେ ବୋଲି ମମତା ବାନାର୍ଜୀ ନିଜେ ସ୍ୱୀକାର କରିଛନ୍ତି। ବଂଶଲ କହିଲେ ଯେ ଯଦି ଏହା ସତ୍ୟ ତେବେ ମମତା ଶୋଇଥିଲେ କି? ସେ କାହିଁକି ଏନଆଇଏ ଦ୍ୱାରା ହିଂସାର ତଦନ୍ତ କରାଇଲେ ନାହିଁ? ବଂଶଲ ଅଭିଯୋଗ କରିଛନ୍ତି ଯେ ମମତା ସରକାର ହିନ୍ଦୁ ବିରୋଧୀ କାମ କରୁଛି। ଏହି ସରକାରଙ୍କୁ ହଟାଇବା ଜରୁରୀ। ମମତା ଜିହାଦୀମାନଙ୍କୁ ସମର୍ଥନ କରନ୍ତି, ଯାହା କମ୍ୟୁନିଷ୍ଟମାନେ ପୂର୍ବରୁ କରୁଥିଲେ ତାହା ଏବେ କରାଯାଉଛି। ଶନିବାର ଦିନ ହାଇଦ୍ରାବାଦରେ ମଧ୍ୟ ଜୋରଦାର ପ୍ରତିବାଦ ହୋଇଥିଲା। ଭିଏଚପି ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ପଶ୍ଚିମବଙ୍ଗ ସରକାରଙ୍କ ବିରୋଧରେ ପ୍ରବଳ ସ୍ଲୋଗାନ ଦେଇଥିଲେ। ସେହି ସମୟରେ, ବିଶ୍ୱ ହିନ୍ଦୁ ପରିଷଦର ଆନ୍ତର୍ଜାତୀୟ ସଭାପତି ଆଲୋକ କୁମାର ୱାକଫ ସଂଶୋଧନ ଆଇନକୁ ନେଇ ମୁର୍ଶିଦାବାଦ ହିଂସା ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିଏସଏଫ ବିରୋଧରେ ଅଭିଯୋଗର ସମାଲୋଚନା କରିଥିଲେ। ସେ କହିଛନ୍ତି ଯେ ମମତାଙ୍କ ଅଭିଯୋଗ ଦାୟିତ୍ୱହୀନ ଏବଂ ମିଥ୍ୟା। ଜଣେ ମୁସଲିମ ଧର୍ମଗୁରୁଙ୍କ ସହ ସାକ୍ଷାତ ସମୟରେ ସେ ଯାହା କହିଥିଲେ ତାହା ଭୁଲ। କୁମାର ପରାମର୍ଶ ଦେଇଥିଲେ ଯେ ବର୍ତ୍ତମାନର ପରିସ୍ଥିତି ଯୋଗୁଁ କେନ୍ଦ୍ର ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ବିଷୟରେ ବିଚାର କରିବା ଉଚିତ।

# ଡ୍ରଗ୍ସ ମାମଲାରେ ଗିରଫ ହେଲେ ମାଲାୟାଲାମ ଅଭିନେତା



**ନୂଆଦିଲ୍ଲୀ, ୧୯/୪:** କେରଳର ପ୍ରସିଦ୍ଧ ମାଲାୟଲମ ଅଭିନେତା ସାଇନ ଟମ୍ ଚାକୋଙ୍କୁ ପୋଲିସ ଗିରଫ କରିଛି। ସାଇନଙ୍କ ଉପରେ ଡ୍ରଗ୍ସ ନେବା ଏବଂ ନିଶାଦ୍ରବ୍ୟ ସେବନ କରିବାର ଅଭିଯୋଗ ଅଛି। କେରଳର ଏର୍ଣ୍ଣାକୁଲମ ସହରର ନର୍ଥ ପୋଲିସ ଷ୍ଟେସନରେ ତାଙ୍କୁ ଚାରି ଘଣ୍ଟା ଧରି ପଚରାଉଚରା କରାଯାଇଥିଲା, ଏହା ପରେ ପୋଲିସ ତାଙ୍କୁ ହେପାଜତକୁ ନେଇଥିଲା। ସାଇନ ଟମ୍ ଚାକୋଙ୍କୁ ୨୦୧୫ ମସିହାରେ ଏକ ଡ୍ରଗ୍ସ ମାମଲାରେ ଗିରଫ କରାଯାଇଥିଲା। ଏହି ବର୍ଷ ପ୍ରାରମ୍ଭରେ ତାଙ୍କୁ ମୁକ୍ତ କରାଯାଇଥିଲା। ତଥାପି, ୧୬ ଏପ୍ରିଲ ବୁଧବାର ବିଳମ୍ବିତ ରାତିରେ, ପୋଲିସ କୋଚିର ଏକ ହୋଟେଲରେ ଚଢାଉ କରିଥିଲା। ଏହି ସମୟରେ, ସାଇନ ସେଠାରୁ ଦୌଡ଼ି ପଳାଇ ଯାଉଥିବାର ଦେଖାଯାଇଥିଲା। ହୋଟେଲରେ ଚଢାଉ ହେବା ପରଠାରୁ ପୋଲିସ ସାଇନକୁ ଖୋଜୁଥିଲା। ପୋଲିସ ଏକ ସମନ ଜାରି କରି ସାଇନଙ୍କୁ ଆଜି ଅର୍ଥାତ୍ ଶନିବାର ସକାଳ ୧୦ଟାରେ ସେମାନଙ୍କ ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। ପ୍ରାୟ ଚାରି ଘଣ୍ଟା ପଚରାଉଚରା ପରେ, ପୋଲିସ ସାଇନକୁ ଗିରଫ କରିଥିଲା। କେରଳ ପୋଲିସ ଏକ ଡ୍ରଗ୍ସ ମାମଲାରେ ସାଇନଙ୍କ ବିରୋଧରେ ଏନଡିପିଏସ ଅଧୀନରେ ମାମଲା ରୁଜୁ କରିଛି। ୧୬ ଏପ୍ରିଲ ରାତିରେ ସାଇନ୍ ଏକ ହୋଟେଲରେ ଉପସ୍ଥିତ ଥିଲେ। ପୋଲିସ ହଠାତ୍ ହୋଟେଲରେ ଚଢାଉ କରିଥିଲା। ଏହି ସମୟ ମଧ୍ୟରେ ସାଇନ୍ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ତଥାପି, ପରେ ଏହି ବିଷୟ ସ୍ପଷ୍ଟ କରିବା ସମୟରେ, ସାଇନ କହିଥିଲେ ଯେ ସେ ପୋଲିସକୁ ଚିହ୍ନି ନାହାଁନ୍ତି। ସେ ଭାବିଲେ ହୁଏତ କିଛି ଦୁର୍ବୃତ୍ତ ତାଙ୍କୁ ଅନୁସରଣ କରୁଛନ୍ତି। ତେଣୁ ସେ ହୋଟେଲରୁ ପଳାଇଗଲେ। ଏପରି ପରିସ୍ଥିତିରେ, ପୋଲିସ ତାଙ୍କୁ ଆଜି ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। ସାଇନ୍ ଟମ୍ ଚାକୋଙ୍କ ଅଡୁଆ ଏଠାରେ ଶେଷ ହୋଇନାହିଁ।

# 'ସୁପ୍ରିମକୋର୍ଟ ଯଦି ଆଇନ କରିବ, ସଂସଦ ଭବନ ବନ୍ଦ କରିଦେବା ଦରକାର'

**ନୂଆଦିଲ୍ଲୀ, ୧୯/୪:** ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ପରେ ବିଜେପି ସାଂସଦ ନୀଶିକାନ୍ତ ଦୁବେ ନ୍ୟାୟପାଳିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ୱାକଫ୍ ସଂଶୋଧନ ଅଧିନିୟମ ଉପରେ ସୁପ୍ରିମକୋର୍ଟରେ ଜାରି ଶୁଣାଣି ଉପରେ ଶନିବାର ବିଜେପି ସାଂସଦ କଡ଼ା ଟିପ୍ପଣୀ କରିଛନ୍ତି। ସେ କହିଛନ୍ତି ଯେ ଯଦି ଆଇନ କରିବା ବି ସୁପ୍ରିମକୋର୍ଟର କାମ, ତେବେ ସଂସଦ ଭବନ ବନ୍ଦ କରିଦେବା ଦରକାର। ୱାକଫ୍ ସଂଶୋଧିତ ଆଇନକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ଯୁକ୍ତି ଯେ ଏହି ସଂଶୋଧିତ ଆଇନରେ ୱାକଫ ବାଏ ୟୁଜର ପରି ଧାରା ଓ ଅଣ-ମୁସଲମାନଙ୍କୁ ୱାକଫ ବୋର୍ଡରେ ସାମିଲ କରିବା ପ୍ରାବଧାନ ସମ୍ବିଧାନର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ସୁପ୍ରିମକୋର୍ଟରେ ଏହା ଉପରେ ଲଗାତାର ଦୁଇ ଦିନ ଧରି ଶୁଣାଣି ସରିଛି। ଶେଷ ଶୁଣାଣି ବେଳେ ପରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ ପାଇଁ ସୁପ୍ରିମକୋର୍ଟ ୭ ଦିନର ସମୟ ଦେଇଛନ୍ତି। ସେ ପର୍ଯ୍ୟନ୍ତ ୱାକଫ୍ ବୋର୍ଡରେ ନୂତନ ନିଯୁକ୍ତି ହେବ ନାହିଁ, ସ୍ଥିତାବସ୍ଥା ବଜାୟ ରହିବ ବୋଲି କେନ୍ଦ୍ର ସରକାର କୋର୍ଟକୁ କହିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମେ ୫ ତାରିଖରେ ହେବ। ବିଧାନସଭାରୁ ପାରିତ ବିଲ୍ ଉପରେ ନିଷ୍ପତ୍ତି ନେବା ଲାଗି ରାଷ୍ଟ୍ରପତି ପାଇଁ ସୁପ୍ରିମକୋର୍ଟ ସମୟ ସୀମା ଧାର୍ଯ୍ୟ ଉପରେ ଉପରାଷ୍ଟ୍ରପତି ଆପତ୍ତି ଉଠାଇଥିଲେ। ନ୍ୟାୟପାଳିକା ପାଇଁ ସେ କଡ଼ା ଶବ୍ଦ ପ୍ରୟୋଗ କରି କହିଥିଲେ ଏଭଳି ସ୍ଥିତି ସୃଷ୍ଟି କରାଯାଇପାରିବ ନାହିଁ, ଯେଉଁଠି ରାଷ୍ଟ୍ରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବେ।

# ଝିଅ ବାହାଘର କରି ଘେରିଲେ କେଜରିୱାଲ

ନୂଆଦିଲ୍ଲୀ ୧୯।୪: ଆମ ଆଦମୀ ପାର୍ଟି (ଆପ) ଜାତୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ଏବେ 'ଶିଶ ମହଲ' ପରେ 'ବିବାହ ମହଲ'କୁ ନେଇ କଂଗ୍ରେସ ଓ ବିଜେପିର ଟାର୍ଗେଟ୍ ହୋଇଛନ୍ତି। କେଜରିୱାଲଙ୍କ ଝିଅ ହର୍ଷିତାଙ୍କ ବିବାହ ୧୮ ଏପ୍ରିଲ ଶୁକ୍ରବାର ଦିଲ୍ଲୀର କପୁରଥଲା ହାଉସରେ ଅନୁଷ୍ଠିତ ହୋଇଥିଲା। ଏହା ଦିଲ୍ଲୀରେ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଅଧିକାରୀକ ବାସଭବନ। ଏଣୁ ବିଜେପି ଓ କଂଗ୍ରେସ ଅରବିନ୍ଦ କେଜରିୱାଲଙ୍କ ସହିତ ଭଗବନ୍ତ ମାନଙ୍କୁ ମଧ୍ୟ କଟାକ୍ଷ କରିଛନ୍ତି। ପଞ୍ଜାବ ବିଜେପି ସଭାପତି ସୁନିଲ ଝାକଡ ଏ ନେଇ ଏକ୍ସ ରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ଝିଅର ବିବାହ ନେଇ ପ୍ରଥମେ ଅରବିନ୍ଦ କେଜରିୱାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହିନ୍ଦୁ ହେବା ଅପରାଧ କି? ମହିଳାଙ୍କ ଆଖିରେ ଲୁହ

ମୁର୍ଶିଦାବାଦ, ୧୯/୪ : ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଘଟିଥିବା ହିଂସା ଯୋଗୁଁ ଅନେକ ହିନ୍ଦୁ ପରିବାର ନିଜର ଭିଟାମାଟି ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଅନେକ ପରିବାର ଅଛନ୍ତି ଯେଉଁମାନେ ସବୁକିଛି ଛାଡି ରିଲିଫ୍ ଶିବିରରେ ରହିବାକୁ ବାଧ୍ୟ ହେଉଛନ୍ତି। ଏହି ବାସହୀନ ପରିବାରଗୁଡ଼ିକୁ ଭେଟିବାକୁ ଯିଏ ବି ଯାଏ, କାନ୍ଦୁଥିବା ମହିଳାମାନେ କେବଳ ଗୋଟିଏ ପ୍ରଶ୍ନ ପଚାରୁଛନ୍ତି: ହିନ୍ଦୁ ହେବା କ'ଣ ସେମାନଙ୍କ ପାଇଁ ଅପରାଧ? ଶୁକ୍ରବାର ଦିନ, ଯେତେବେଳେ ବଙ୍ଗଳା ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ମୁର୍ଶିଦାବାଦ ଗସ୍ତ କରିଥିଲେ, ସେ ମଧ୍ୟ ଜାଫରବାଦ ଗସ୍ତ କରିଥିଲେ। ଏଠାରେ ସେ ହିଂସା ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ଭେଟି ସେମାନଙ୍କ ସହ କଥା ହୋଇଥିଲେ। ରାଜ୍ୟପାଳଙ୍କୁ ସେମାନଙ୍କ ମଧ୍ୟରେ ଦେଖି ମହିଳାମାନେ ଟିକେ ଆଶ୍ୱସ୍ତ ଅନୁଭବ କଲେ କିନ୍ତୁ ସେମାନେ ସେମାନଙ୍କର ପ୍ରଶ୍ନ ପଚାରିବାରୁ ନିଜକୁ ରୋକି ପାରିଲେ ନାହିଁ। ସେମାନେ କହିବାକୁ ଲାଗିଲେ, ହିନ୍ଦୁ ହେବାରେ ଆମର ଅପରାଧ କ'ଣ, ଆମକୁ ରକ୍ଷା କର!

# କାନାଡାରେ ଗୁଳିକାଣ୍ଡ: ଭାରତୀୟ ଛାତ୍ରୀ ମୃତ

**ନୂଆଦିଲ୍ଲୀ, ୧୯/୪:** କାନାଡାରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ସମୟରେ ଜଣେ ୨୧ ବର୍ଷୀୟା ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ହାମିଲଟନ୍ ପୁଲିସ୍ କହିଛି ଯେ ଭାରତୀୟ ଯୁବତୀ ହରସିମରତ୍ ରନ୍ଧାୱା ଏକ ବସ୍ ଷ୍ଟପରେ ଅପେକ୍ଷା କରିଥିଲେ। ସେହି ସମୟରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ହୋଇ ଏକ ଗୁଳି ତାଙ୍କ ଦେହରେ ବାଜିଲା। ଅଣ୍ଟାରିଓର ହାମିଲଟନ୍ ସ୍ଥିତ ମୋହକ୍ କଲେଜର ଛାତ୍ରୀ ରନ୍ଧାୱା କାମକୁ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ତେବେ ସେ ହେଉଛନ୍ତି ଗତ ଚାରି ମାସ ମଧ୍ୟରେ କାନାଡାରେ ମୃତ୍ୟୁବରଣ କରିଥିବା ଚତୁର୍ଥ ଭାରତୀୟ। ଟୋରଣ୍ଟୋରେ ଥିବା ଭାରତୀୟ କନସୁଲେଟ୍ ଜେନେରାଲ କହିଛନ୍ତି ଯେ ରାନ୍ଧୱା ଜଣେ ନିର୍ଦ୍ଦୋଷ ପଥିକ। ଯେତେବେଳେ ତାଙ୍କ ଦେହରେ ଗୁଳି ବାଜିଥିଲା ସେ ତାଙ୍କ କାମକୁ ଯିବା ପାଇଁ ଅପେକ୍ଷାରତ ଥିଲେ। କନସୁଲେଟ୍ ଜେନେରାଲ ପକ୍ଷରୁ ହୋଇଥିବା ଏକ ଟ୍ୱିଟ୍‌ରେ ଲେଖାଯାଇଛି, 'ଭାରତୀୟ ଛାତ୍ରୀ ହରସିମରତ ରନ୍ଧାୱାଙ୍କ ଦୁଃଖଦ ମୃତ୍ୟୁରେ ଆମେ ଗଭୀର ଦୁଃଖିତ। ସ୍ଥାନୀୟ ପୁଲିସ ଅନୁଯାୟୀ, ସେ ଜଣେ ନିର୍ଦ୍ଦୋଷ ପୀଡିତା ଥିଲେ। ଦୁଇଟି ଗାଡି ମଧ୍ୟରେ ଗୁଳିକାଣ୍ଡ ସମୟରେ ଏକ ଗୁଳିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ହତ୍ୟାର ତଦନ୍ତ ବର୍ତ୍ତମାନ ଚାଲିଛି। ଆମେ ତାଙ୍କ ପରିବାର ସହିତ ଯୋଗାଯୋଗରେ ଅଛୁ ଏବଂ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛୁ,'। ଏକ ବିବୃତ୍ତିରେ, ହାମିଲଟନ ପୁଲିସ କହିଛି ଯେ ଗୁଳିକାଣ୍ଡ ପରେ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ସେ ମୃତ୍ୟୁବରଣ କରିଥିଲେ।

# ଭାରତ ରଚିବ ଆଉ ଏକ ନୂଆ ଇତିହାସ: ଶୁଭାଂଶୁ ଶୁକ୍ଳା ଯିବେ ମହାକାଶ



ନୂଆଦିଲ୍ଲୀ,୧୯।୪: ମହାକାଶରେ ଭାରତ ରଚିବ ଆଉ ଏକ ନୂଆ ଇତିହାସ। ଆକ୍ସିଅମ୍ ମିଶନ ମାଧ୍ୟମରେ ଭାରତୀୟ ବାୟୁସେନା ଗ୍ରୁପର କ୍ୟାପଟେନ ଶୁଭାଂଶୁ ଶୁକ୍ଳା ଆସନ୍ତା ମେ ମାସରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଯିବେ। ଯାହା ଫଳରେ ୪୦ ବର୍ଷ ପରେ ଭାରତର ଏହି ସ୍ୱପ୍ନ ପୂରଣ ହେବ। ଭାରତୀୟ ବାୟୁସେନା ଗ୍ରୁପର କ୍ୟାପଟେନ ଶୁଭାଂଶୁ ଶୁକ୍ଳା ମେ ମାସରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଯାତ୍ରା କରିବେ। ଆକ୍ସିଅମ୍ ମିଶନ ମାଧ୍ୟମରେ ସେ ମହାକାଶ ଯାତ୍ରା କରିବେ। ଏହି ଅଭିଯାନ ଜରିଆରେ ଆଗାମୀ ଦିନରେ ଭାରତ ମହାକାଶ ଯାତ୍ରା କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିବ। ଏହି ଯାତ୍ରାରେ ଅନ୍ୟ ୪ଟି ଦେଶର ଅନ୍ତରୀକ୍ଷ ଯାତ୍ରୀ ମଧ୍ୟ ସାମିଲ ରହିବେ। ଶୁଭାଂଶୁ ଶୁକ୍ଳାଙ୍କ ପୂର୍ବରୁ ଭାରତର ରାକେଶ ଶର୍ମା ୧୯୮୪ ମସିହାରେ ମହାକାଶ ଯାତ୍ରା କରିଥିଲେ। ଏହି ମିଶନ ୧୪ ଦିନ ଧରି ଚାଲୁ ରହିବ। ଏହି ମିଶନ ପ୍ରକ୍ରିୟାକୁ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷଣ କରାଯିବ। ସ୍ପେସଏକ୍ସ ଡ୍ରାଗନ କ୍ୟାପସୁଲରେ ମହାକାଶକୁ ଯାତ୍ରା କରିବେ। ଏହାର ଉତକ୍ଷେପଣ ଆମରିକାର ନାସାରୁ କରାଯିବ। ଏହି ଯାନର ସମସ୍ତ ପ୍ରସ୍ତୁତି ପରେ ଉତକ୍ଷେପଣର ତାରିଖ ଧାର୍ଯ୍ୟ କରାଯିବ। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ମହାକାଶ ଯାତ୍ରାରେ ଭାରତ ଏକ ନିର୍ଣ୍ଣାୟକ ଅଧ୍ୟାୟରେ ପ୍ରବେଶ କରୁଛି। ଏହି ଅଭିଯାନ ଭାରତର ବିଶ୍ୱସ୍ତରୀୟ ମହାକାଶ ସ୍ଥିତିକୁ ସୁଦୃଢ଼ କରିବ ବୋଲି ଜିତେନ୍ଦ୍ର ସିଂ କହିଛନ୍ତି। ନାସା ଏବଂ ଘରୋଇ ମହାକାଶ କମ୍ପାନୀ ଆକ୍ସିଅମ୍ ସ୍ପେସ୍ ସହିତ ଗତ ଆଠ ମାସ ଧରି ପ୍ରଶିକ୍ଷଣ ନେଉଥିବା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ଏକ ଘରୋଇ ବାଣିଜ୍ୟିକ ମିଶନରେ ଆଇଏସଏସକୁ ଉଡ଼ାଣ ଭରୁଛନ୍ତି। ଯେଉଁଥିପାଇଁ ଭାରତ ୬୦ ମିଲିୟନ୍ ଡଲାର ପ୍ରଦାନ କରିଛି। ସ୍ପେସ୍ ଏକ୍ସ ଫାଲକନ-୯ ରକେଟ୍ ?ରୁ ଏହି ଅଭିଯାନ ଆରମ୍ଭ ହେବ ଏବଂ ଆମେରିକାର ଫ୍ଲୋରିଡାର ସ୍ପେସ୍ ସେଣ୍ଟରରୁ ଉଡ଼ାଣ ଭରିଥିବା ଡ୍ରାଗନ୍ କ୍ୟାପସୁଲରେ ୪ ଜଣ ସଦସ୍ୟ ବସିବେ। ଅନ୍ତର୍ଜାତୀୟ ସ୍ପେସ ଷ୍ଟେସନ ଲାଗି ଆକ୍ସିଓମ ମିଶନ୪ ର ପାଇଲଟ ଭାବେ ତାଙ୍କୁ ଚୟନ କରାଯାଇଛି।

# ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଯୁଦ୍ଧ ବିମାନ କିଣିବ ଭାରତ

ନୂଆଦିଲ୍ଲୀ,୧୯।୪: ଚାଇନା ନିରନ୍ତର ଭାବରେ ତାର ବାୟୁସେନାକୁ ମଜଭୁତ କରୁଥିବା ବେଳେ ଭାରତୀୟ ବାୟୁସେନାରେ ଲଢୁଆ ବିମାନ ସଂଖ୍ୟା କ୍ରମାଗତ ଭାବରେ ହ୍ରାସ ପାଉଥିବାରୁ ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରୁଛନ୍ତି। ଭାରତ ସରକାର ଫ୍ରାନ୍ସରୁ ଆଉ ୪୦ଟି ରାଫେଲ ଯୁଦ୍ଧ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏହି ଚୁକ୍ତି ସରକାରରୁ ସରକାର (G2G) ଆଧାରରେ ହେବ। ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ୨୮ କିମ୍ବା ୨୯ ଏପ୍ରିଲରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ, ଭାରତୀୟ ନୌସେନା ପାଇଁ ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବ। ଏହି ରାଫାଲ ସାମୁଦ୍ରିକ ଯୁଦ୍ଧ ବିମାନଗୁଡ଼ିକୁ ଭାରତର ବିମାନ ବାହକ ଜାହାଜରେ ନିୟୋଜିତ କରାଯିବ। ଭାରତ ଶକ୍ତି ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଏହି ବୈଠକରେ ଭାରତରେ ନିର୍ମିତ ହେଲିକପ୍ଟର ପାଇଁ ଫରାସୀ କମ୍ପାନୀ ସାଫ୍ରାନରୁ ଇଞ୍ଜିନ କ୍ରୟ ଏବଂ ଭାରତୀୟ ବାୟୁସେନା ପାଇଁ ଦ୍ୱିତୀୟ ବ୍ୟାଚ ରାଫାଲ ଲଢୁଆ ବିମାନ କ୍ରୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଚୁକ୍ତିନାମାକୁ ବର୍ତ୍ତମାନ ଫାଷ୍ଟ-ଟ୍ରାକ MRFA-ପ୍ଲସ ଡିଲ ନାମରେ ନାମିତ କରାଯାଇଛି। ଗଜରଇ (ମଲ୍ଟି ରୋଲ ଫାଇଟର ଏୟାରକ୍ରାଫ୍ଟ) କାର୍ଯ୍ୟକ୍ରମ ଅଧୀନରେ, ଭାରତ ୧୧୪ଟି ଯୁଦ୍ଧ ବିମାନ କିଣିବାକୁ ଯୋଜନା କରୁଛି ଏବଂ ଏ ସମ୍ପର୍କରେ ଅନେକ ସ୍ତରରେ ଆଲୋଚନା ଚାଲିଛି। ଭାରତକୁ ମଲ୍ଟି-ରୋଲ ଫାଇଟର ଏୟାରକ୍ରାଫ୍ଟ ପ୍ରକଳ୍ପ ଅଧୀନରେ ୧୧୪ଟି ଲଢୁଆ ବିମାନ କିଣିବାକୁ ପଡିବ, କିନ୍ତୁ ସରକାରଙ୍କ ଦ୍ୱାରା ଏପର୍ଯ୍ୟନ୍ତ ଏଥିପାଇଁ କୌଣସି ଟେଣ୍ଡର ଜାରି କରାଯାଇ ନାହିଁ। ଭାରତୀୟ ବାୟୁସେନାର ତୁରନ୍ତ ଆବଶ୍ୟକତା ଏବଂ ରାଫାଲ ବିମାନ ସହିତ ବିଦ୍ୟମାନ ସମନ୍ୱୟକୁ ବିଚାରକୁ ନେଇ ସରକାର ସିଧାସଳଖ ରାଫାଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଛନ୍ତି। ଆଲୋଚନାରେ ସାମିଲ ଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହା କେବଳ ଏକ କ୍ରୟ ନୁହେଁ ବରଂ ଏକ ବୃହତ୍ତର ରଣନୈତିକ ଯୋଜନାର ଏକ ଅଂଶ ଯାହା ଭବିଷ୍ୟତରେ ଜାରି ରହିବ। ଭାରତୀୟ ବାୟୁସେନାକୁ ସମ୍ପୂର୍ଣ୍ଣ ଶକ୍ତିଶାଳୀ ରଖିବା ପାଇଁ, ଏଥିରେ ଅତି କମରେ ୪୨.୫ ସ୍କ୍ୱାର୍ଡନ ରହିବା ଆବଶ୍ୟକ, କିନ୍ତୁ ବର୍ତ୍ତମାନ କେବଳ ୩୧ ସ୍କ୍ୱାର୍ଡନ ଅଛି। ଯଦି ଚାଇନା ଏବଂ ପାକିସ୍ତାନ ସହିତ ଏକକାଳୀନ ଯୁଦ୍ଧ ପରିସ୍ଥିତି ଉପୁଜେ, ତେବେ ଭାରତକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

# ଆଇଆଇଏମ୍ ସମ୍ବଲପୁର ଆମ ଦେଶର ଇତିହାସ, ଐତିହ୍ୟରେ ରହିଛି: ପି କେ ମିଶ୍ର




ସମ୍ବଲପୁର,: ପାଞ୍ଚ ଟ୍ରିଲିୟନ ଅର୍ଥବ୍ୟବସ୍ଥା କେବଳ ଏକ ଜିଡିପି ସଂଖ୍ୟା ନୁହେଁ ବରଂ ଏହାର ଅର୍ଥ ହେଉଛି ଲକ୍ଷଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ସଶକ୍ତୀକରଣ ସୁନିଶ୍ଚିତ କରିବା ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କହିଛନ୍ତି । ଶନିବାର ଆଇଆଇଏମ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ସମାରୋହରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମୃତ କାଳର ସଂକଳ୍ପରୁ ପ୍ରେରଣା ନେବାକୁ ନିବେଦନ କରିଥିଲେ । ସେ କହିଥିଲେ, ପ୍ରଧାନମନ୍ତ୍ରୀ 'ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ' ଜରିଆରେ ଦେଶକୁ ଶୀର୍ଷ ସ୍ତରକୁ ନେଇଯିବା ଲାଗି ଚାହୁଁଛନ୍ତି । ଏହି ପ୍ରୟାସରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତଙ୍କ ପ୍ରୟାସ ବଳରେ ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ।

## ଯୁବକଙ୍କୁ ଭଙ୍ଗା କାଚରେ ଆକ୍ରମଣ, ବନ୍ଧା ହେଲେ ଯୁବକ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଭଙ୍ଗା କାଚରେ ଆକ୍ରମଣ କରିବା ଘଟଣାରେ ଫେରାର ଥିବା ଜଣେ ଯୁବକଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଖଣ୍ଡଗିରି ଥାନା ଗଣ୍ଡମୁଣ୍ଡାର ଚିତ୍ତରଂଜନ ରଣସିଂହ(୩୭) । ଅଭିଯୋଗକାରୀ ରଞ୍ଜନ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ଖଣ୍ଡଗିରୀ ଥାନା ପୁଲିସ ଉପରୋକ୍ତ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡା ଅଞ୍ଚଳରେ ରୁହନ୍ତି । ଗତ ତା.୨୭.୦୩.୨୦୨୫ ରିଖ ୨.୩୦ ସମୟରେ ତାଙ୍କ ପୁଅ ତଥା ପୀଡ଼ିତ କୁଲୁ ସ୍ୱାଇଁ ଗଣ୍ଡମୁଣ୍ଡା ଛକ ନିକଟରେ ଛିଡା ହୋଇଥିବା ବେଳେ, ନିମ୍ନୋକ୍ତ ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ତିନି ସହଯୋଗୀ ପୂର୍ବ ବିବାଦକୁ କେନ୍ଦ୍ର କରି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ପୀଡ଼ିତ ଜଣକ ଏହାର ବିରୋଧ କରିବାରୁ ଅଭିଯୁକ୍ତ ମାନେ ହଠାତ ଉତକ୍ଷିପ୍ତ ହୋଇ ଭଙ୍ଗା କାଚ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଫଳରେ ପୀଡ଼ିତ ଜଣକ ଗୁରୁତର ଆହତ ହୋଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ମଣିପାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ । ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ଚଢଉ ଜରିଆରେ ଅଭିଯୁକ୍ତଙ୍କୁ କାବୁ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ସମ୍ପୃକ୍ତ ଥାନାରେ ୪ ଗୋଟି ଅପରାଧିକ ମାମଲା ରହିଥିବା ପଡିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

## ରାତ୍ରୀ ଜଗୁଆଳିଙ୍କ ଆତ୍ମହତ୍ୟା ଅଭିଯୋଗ

ଆଠଗଡ(ନିପ୍ର): ଆଠଗଡ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ରାତ୍ରୀ ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ପଞ୍ଚାନନ ସ୍ୱାଇଁ ବେକରେ ଶାଢ଼ି ବାନ୍ଧି ଫ୍ୟାନରେ ଆତ୍ମହତ୍ୟା କରିଥିବା ଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଘଟଣାରୁ ପ୍ରକାଶ ଯେ ବଡମ୍ବା ଥାନା ବାଦଭୂଇଁ ଅଂଚଳର ମୃତ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ପଞ୍ଚାନନ ସ୍ୱାଇଁ (୪୮)ଦୀର୍ଘ ୧୨ ବର୍ଷ ଧରି ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ବାସଗୃହରେ ନିଜର ପରିବାର ଧରି ରହି ଆସୁଥିଲେ । ମୃତ ପଞ୍ଚାନନ ଏକ ସରଳ, ନିରୀହ ମେଳାପୀ ଲୋକଟିଏ ଥିଲେ । ତାଙ୍କର ଗୋଟିଏ ୮ ବର୍ଷର ଝିଅ ଓ ପତ୍ନୀଙ୍କ ସହିତ ସେ ହସ ଖୁସିରେ ଚଳି ଆସୁଥିଲେ । ଗତ କିଛି ଦିନ ଧରି ପଞ୍ଚାନନ ମାନସିକ ଚାପରେ ରହି ମଧ୍ୟ ରାତି ଜଗୁଆଳି ଭାବେ ନିଜର କାର୍ଯ୍ୟ ସୁଚାରରୂପେ ତୁଲାଇ ଆସୁଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ କାର୍ଯ୍ୟାଳୟର ମାନସିକ ଚାପ ସହିତ ପାରିବାରିକ କଳହ ଫଳରେ ଶେଷରେ ନିଜ ବେକରେ ଶାଢ଼ି ବାନ୍ଧି ଫ୍ୟାନ ଓହଳି ଆତ୍ମହତ୍ୟା କରିଥିବା ଆଠଗଡ଼ ଥାନା ପୋଲିସ ସୂତ୍ରରୁ ପ୍ରକାଶ । ପୋଲିସ ତଦନ୍ତ ପରେ ପଞ୍ଚାନନ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଆଠଗଡ଼ ଥାନା କେଶ ନମ୍ବର ୧୨/୨୦୨୫ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର

ସମ୍ବଲପୁର: ଲାଞ୍ଚନେଇ ଧରାପଡ଼ିଛନ୍ତି ମାନେଶ୍ୱର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ । ଚାଷଜମିର କିସମ ପରିବର୍ତ୍ତନ କରିବାକୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ସମ୍ବଲପୁରରେ ଅତିରିକ୍ତ ତହସିଲଦାରଙ୍କୁ ୬ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ସମୟରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ଦୁର୍ନୀତି ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଓଡ଼ିଶା ଭିଜିଲାନ୍ସ ଶନିବାର ସମ୍ବଲପୁର ଜିଲାର ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁଙ୍କୁ ଗିରଫ କରିଛି । ସେ କୃଷି ଜମିକୁ ଅଣ-କୃଷି (ଘର) ବ୍ୟବହାର ପାଇଁ ପରିବର୍ତ୍ତନ କରିବା ଏବଂ ଅଭିଯୋଗକାରୀଙ୍କ ସପକ୍ଷରେ ଅନୁରୂପ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ଜାରି କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ ।

# ଦୁଇ ନିଶା ମାଫିଆଙ୍କୁ ଗିରଫ କଲା ମଞ୍ଚେଶ୍ୱର ପୁଲିସ

ଭୁବନେଶ୍ୱର(ନିପ୍ର): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଧଳାଜହର କାରବାର କରି ଆତଙ୍କ ସୃଷ୍ଟି କରିଥିବା ଦୁଇ ନିଶା ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଛି କମିଶନରେଟ୍ ପୁଲିସ । ଗିରଫ ଦୁଇ ନିଶା ମାଫିଆ ହେଲେ ଖଣ୍ଡଗିରି ଥାନା ଡୁମୁଡୁମା ରଘୁନାଥନଗର ଶୁକବିହାରର ନାରାୟଣ ରେଡ୍ଡି ଓରଫ ସନ୍ତୋଷ(୩୬) ଓ ମଞ୍ଚେଶ୍ୱର ଥାନା ନିକଟସ୍ଥ ତକେଇଶିଆଣୀର ଆକାଶ କୁମାର ମଲ୍ଲିକ(୨୯) । ଦୁହିଁଙ୍କଠାରୁ ପୁଲିସ ୨୦ଗ୍ରାମର ଧଳାଜହର ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି । ସେହିଭଳି ୨ଟି ଫୋନ୍ ସହ ନିଶା ଦ୍ରବ୍ୟ ଚୋରା ଚାଲାଣ ହେଉଥିବା ଏକ ସ୍କୁଟିକୁ ମଧ୍ୟ ପୁଲିସ ଜବତ କରି ଦୁହିଁଙ୍କୁ ଶନିବାର ଦିନ କୋର୍ଟ ଚାଲାଣ କରିଛି । ମଞ୍ଚେଶ୍ୱର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସଂପୃକ୍ତ ଥାନାର ଏକ ସ୍ପେଶାଲ ଟିମ ସଦଳବଳେ ରୟାଲ ରେସିଡେନ୍ସି କଲେଜ ନିକଟସ୍ଥ ଭିଏସଏସ ନଗର ଫ୍ଲାଏ ଓଭର ତଳେ ଅତର୍କିତ ଚଢଉ କରିବା ସହିତ ଜନସାଧାରଣରେ ବେଆଇନ ବ୍ରାଉନ ସୁଗାର ବିକ୍ରି କରୁଥିବା ସମୟରେ ନିମ୍ନୋକ୍ତ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ଦୁଇ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୨୦ ଗ୍ରାମ ଓଜନର ବ୍ରାଉନ ସୁଗାର, ଦୁଇଟି ମୋବାଇଲ ଫୋନ ଏବଂ ଏକ ଇଲେକ୍ଟ୍ରିକ ସ୍କୁଟି ଜବତ କରିଥିଲେ । ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ଦୀର୍ଘ ଦିନ ହେବ ଏହି ବ୍ରାଉନସୁଗାର ବ୍ୟବସାୟ ଚଳାଇ ଆସୁଥିବା ବେଳେ, ପ୍ରାୟତଃ ଜଳେଶ୍ୱର ଅଞ୍ଚଳରୁ ସଂଗ୍ରହ କରି ଆଣି ଭୁବନେଶ୍ୱର ସହରରେ ବିକ୍ରି କରୁଥିବା କଥା ସ୍ୱୀକାର କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ମଞ୍ଚେଶ୍ୱର ଥାନା ପୁଲିସ ଏକ ବେଆଇନ ବ୍ରାଉନସୁଗାର ବିକ୍ରି ଜନିତ ମାମଲା ରୁଜୁ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ସନ୍ତୋଷ ଓରଫ ବି. ନାରାୟଣ ରେଡ୍ଡି ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ୪ ଟି ଓ ଲିଙ୍ଗରାଜ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା, ତଦନ୍ତ ବେଳେ ଜଣା ପଡିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି । ଜନସାଧାରଣ ମାନେ ବେଆଇନ ନିଶା କାରବାର ଜନିତ ସୂଚନା ପ୍ରଦାନ କରିବା ନିମନ୍ତେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ଏକ ହ୍ୱାଟସ୍ଆପ ନମ୍ବର- ୭୦୭୭୭୯୮୧୧୧ ଜାରି କରାଯାଇଛି ।

# କାଜୁ ଜଙ୍ଗଲକୁ ନେଇ ଦୁଇ ଗାଁ ମଧ୍ୟରେ ସଂଘର୍ଷ: ୩୦ରୁ ଊର୍ଦ୍ଧ୍ୱ ଆହତ

 କାକଟପୁର(ନିପ୍ର): ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତରେ ଘଟିଛି ଏକ ଅଭାବନୀୟ ଘଟଣା । କାଜୁ ଜଙ୍ଗଲକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଭୟାନକ ସଂଘର୍ଷ ହେବାରୁ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ ୭ ଜଣ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ସୂଚନା ମୁତାବକ ବାଲିଡିଆ ଗ୍ରାମରେ ୬୦ରୁ ଊର୍ଦ୍ଧ୍ୱ ପରିବାର ଦେବୀ ନଦୀ ଅପରପାର୍ଶ୍ୱରେ ଥିବା ବାଲିବନ୍ତରେ ଦୀର୍ଘ ୨୦ବର୍ଷ ଆଗରୁ କାଜୁ ଜଙ୍ଗଲ ସୃଷ୍ଟିକରି ସେଠାରୁ କାଜୁ ତୋଳି ନିଜ ନିଜର ଆର୍ଥିକ ଗୁଜୁରାଣ ମେଣ୍ଟାଇ ଆସୁଥିଲେ । ମାତ୍ର ଶନିବାର ସକାଳୁ ଉକ୍ତ ପରିବାରର ସଦସ୍ୟମାନେ ଡ଼ଙ୍ଗାରେ ଯାଇ କାଜୁ ଜଙ୍ଗଲରେ କାଜୁ ମଞ୍ଜି ତୋଳୁଥିବା ସମୟରେ ଅପରପାର୍ଶ୍ୱରେ ସୁନେଇଡିଆ ଅଞ୍ଚଳର ହାରାହାରି ୫୦୦ ଶହ ଲୋକ ହାତରେ ଠେଙ୍ଗା, ବାଡ଼ି, ଭୁଜାଲି, କଟୁରୀ, କାଚ



ବୋତଲ ଧରି ବାଲିଡିଆ ଗ୍ରାମ ଲୋକଙ୍କ ସହିତ ଝଗଡା କରିବା ସହିତ ସଂଘବଦ୍ଧ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ବାଲିଡିଆ ଗ୍ରାମର ବୟସ୍କ ବ୍ୟକ୍ତି, ଯୁବକ ଓ ମହିଳା ମିଶି ପାଖାପାଖି ୩୦ଜଣ ଆହତ ହୋଇଥିବା ସୂଚନା ମିଳିଛି । ଆକ୍ରମଣ ଖବର ପାଇବା ପରେ ବାଲିଡିହା ଗ୍ରାମବାସୀମାନେ ଡ଼ଙ୍ଗା ନେଇ କିଛି ଆହତ ଲୋକଙ୍କୁ ଜଙ୍ଗଲରୁ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରି ସେମାନଙ୍କ ଚିକିତ୍ସା କରାଇଥିଲେ । ଆଉ କେତେକ ଆହତଙ୍କୁ ଅସ୍ତରଙ୍ଗ ପୋଲିସ ସହାୟତାରେ ଚିକିତ୍ସା କରାଯାଇଥିଲା । ଗୁରୁତ୍ୱର ଆହତ ବ୍ୟକ୍ତି ଲୋକନାଥ ବେହେରା (୫୫), ବିଦ୍ୟାଧର ବେହେରା (୬୦), ଧୁଶାସନ ବେହେରା (୮୦), ଉଗ୍ରସେନ ବେହେରା (୬୪), ସୁନ୍ଦର ବେହେରା (୬୦), ଚହଲି ବେହେରା (୭୫), ରବିନ୍ଦ୍ର ବେହେରା (୬୦)ଙ୍କୁ ମୁଣ୍ଡରେ ଆଘାତ ଲାଗିବା କାରଣରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାତରିତ କରାଯାଇଛି । ସଂଘର୍ଷ ଖବରପାଇ ନିମାପଡା ଡିଏସପି ଜନାର୍ଦ୍ଦନ ପତି, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂଙ୍କ ଏକ ଟିମ ପୋଲିସ ଫୋର୍ସ ସହିତ ଅସ୍ତରଙ୍ଗ ଡାକ୍ତରଖାନା ଏବଂ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

**ମାଇନିଙ୍ଗ ବିଭାଗର ଅତର୍କିତ ଚଢ଼ାଉ**

# ୨ ବାଲି ବୋଝେଇ ଟ୍ରାକ୍ଟର ଜବତ: ୧ ଲକ୍ଷ ରାଜସ୍ୱ ଆଦାୟ

ହିଞ୍ଜିଳିକାଟୁ(ନିପ୍ର): ଗତ କିଛିଦିନ ଧରି ହିଞ୍ଜିଳି ଥାନା ଅଞ୍ଚଳର ଋଷିକୁଲ୍ୟା ଓ ଘୋଡାହଡ ନଦୀ ପଠାର ବିଭିନ୍ନ ସ୍ଥାନରୁ ବେଧଡକ ଭାବେ ବାଲି ଲୁଟ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶେଷ କରି ନଦୀତଟ ଗାଁ ଗହଳିର ଟ୍ରାକ୍ଟରଗୁଡ଼ିକ ଏହି ବାଲି ଚୋରା ଚାଲାଣରେ ଲିପ୍ତ ଥିବା ଜଣାପଡ଼ିଛି । ପ୍ରାୟତଃ ରାତ୍ରୀ ୧୦ଟା ପରେ ଆରମ୍ଭ ହୋଇ ଭୋର ସମୟ ପର୍ଯ୍ୟନ୍ତ ଚୋରାଚାଲାଣର କାରବାର ହୁଏ ।




ଦୈନିକ ରାତିରେ ହଜାର ହଜାର ଟଙ୍କାର ଚୋରା ବାଲି ଚାଲାଣ ନିୟମିତ ବ୍ୟବଧାନରେ ହୋଇ ସହର ଓ ଗାଁ ଗହଳିର ବିଭିନ୍ନ ସ୍ଥାନରେ ଠୁଳ ହେବା ଜଣାପଡ଼ିଛି । ଏଭଳି ବେଧଡକ ବାଲି ଲୁଟ୍ ପ୍ରକ୍ରିୟାର ସୁରାକ ପାଇ ଜିଲ୍ଲା ମାଇନିଙ୍ଗ ବିଭାଗର ଅଧିକାରୀ ମାନେ ଚଢ଼ାଉ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଗୁରୁବାର ରାତିରେ ବିଭାଗର ଅଧିକାରୀ ମାନେ ହିଞ୍ଜିଳି ଥାନା ତହଁର-ଭେଟସିଙ୍ଗି ସେତୁ ନିକଟରୁ ବାଲି ଲୁଟରେ ଲିପ୍ତ ଥିବା ବେଳେ ଅତର୍କିତ ଚଢ଼ାଉ କରିଥିଲେ । ସେଠାରୁ ବାଲି ଚୋରା ଚାଲାଣରେ ଲିପ୍ତ ଥିବା ଓଡ଼ି୦୭ଏଇ-୧୬୦୭ ଏବଂ ଓଡି୨୨ଏଲ୍-୦୮୬୦ ନମ୍ବର ବିଶିଷ୍ଟ ୨ଟି ଟ୍ରାକ୍ଟରକୁ ଜବତ କରି ହିଞ୍ଜିଳି ଥାନା ହେପାଜତରେ ରଖିଥିବା ଜଣାପଡ଼ିଛି । ପରେ ଉଭୟ ଟ୍ରାକ୍ଟରରୁ ୫୦ହଜାର ଟଙ୍କା ଲେଖାଏଁ ରାଜସ୍ୱ ଆଦାୟ କରିଥିବା ଜଣାପଡ଼ିଛି । ସେହିପରି ହିଞ୍ଜିଳି ଥାନା ପୁଲିସ୍ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ସିକିରି-ଆଲପୁର ରାସ୍ତାରେ ଚୋରା ବାଲି ଚାଲାଣ ହେଉଥିବା ବେଳେ ଏକ ଟ୍ରାକ୍ଟରର ପିଛା କରିଥିଲା । କିନ୍ତୁ ପୁଲିସକୁ ଦେଖି ଟ୍ରାକ୍ଟର ଚାଳକ ଜଣକ ଅତି ଦ୍ରୁତଗତିରେ ଚାଲି ଯିବାକୁ ଚେଷ୍ଟା କଲା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲା । ଟ୍ରାକ୍ଟର ଚାଳକ ଜଣକ ଚମ୍ପଟ ମାରିଥିବା ବେଳେ ପୁଲିସ ସେଠାରୁ ଓଡି୩୨ଏ -୭୯୬୭ ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖିଛି । ଏହିଭଳି ଭାବେ ଦୈନିକ ରାତିରେ ସିକିରି, ତହର ଓ ଘୋଡାହାଡ ନଦୀରୁ ଲକ୍ଷ ଲକ୍ଷ ଟଙ୍କାର ବାଲି ଲୁଟ ପ୍ରକ୍ରିୟା ଚାଲିଥିବା ବେଳେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ସାଧନ ହେଉଥିବା ଦେଖାଯାଇଛି । ଏଣେ ବାଲି ମାଫିଆ ହଜାର ହଜାର ଟଙ୍କାର ଚୋରା ବାଲି ଚାଲାଣ କରି ମାଲେମାଲ୍ ହେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ରହିଛି ।

## ଶ୍ରଦ୍ଧାଞ୍ଜଳି



ଓଡ଼ିଆ ସାହିତ୍ୟର ପ୍ରବାଦ ପୁରୁଷ, ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା, ଅଗଣିତ ଦଳିତ, ନିଷ୍ପେଷିତ ଓ ଶୋଷିତ ମଣିଷମାନଙ୍କର ସ୍ୱରଙ୍କୁ ନିଜ ସାହିତ୍ୟରେ ପ୍ରତିନିଧିତ୍ୱ କରିଥିବା ସେହି ଦରଦୀ ଲେଖକ ପଦ୍ମଭୂଷଣ ଗୋପୀନାଥ ମହାନ୍ତିଙ୍କର ୧୧୧ତମ ଜନ୍ମ ବାର୍ଷିକୀରେ 'ଦିନଲିପି' ପକ୍ଷରୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର(ନିପ୍ର): ସାମାନ୍ୟ କଥା କଟା କଟିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ କ୍ୟାପିଟାଲ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କ୍ୟାପିଟାଲ ଥାନା ଅଶୋକନଗର ଫାଳିକିଆ ବସ୍ତିର ଡି.ରାମୁ(୩୨) । ତାଙ୍କୁ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଛି । ଏହି ଆକ୍ରମଣ ଘଟଣାରେ ଆଉ କେଉଁ କେଉଁମାନଙ୍କ ସଂପୃକ୍ତି ରହିଛି କି ନାହିଁ ତାର ଖୋଳତାଡ କରୁଛି କ୍ୟାପିଟାଲ ଥାନା ପୁଲିସ । ଅଭିଯୋଗକାରୀ ସନ୍ଦୀପ କୁମାର ପ୍ରଧାନଙ୍କ ଏତଲା ଆଧାରରେ କ୍ୟାପିଟାଲ ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକନଗର ଅଞ୍ଚଳରେ ରୁହନ୍ତି । ଗତ ତା.୦୪.୦୪.୨୦୨୫ ରିଖ ରାତିରେ ଅଭିଯୋଗକାରୀ ଜଣକ ସମ୍ପିତ ପ୍ୟାଲେସ ହୋଟେଲ ପାର୍ଶ୍ୱରେ ଦେଇ ନିକଟସ୍ଥ ପାନ ଦୋକାନକୁ ଯାଇଥିଲେ । ସେଠାରେ କୌଣସି ଏକ କଥାକୁ ନେଇ ଅଭିଯୋଗକାରୀଙ୍କର ନିମ୍ନୋକ୍ତ ଅଭିଯୁକ୍ତଙ୍କ ସହ ଯୁକ୍ତିତର୍କ ହୋଇଥିଲା । ଯୁକ୍ତିତର୍କ ଚାଲିଥିବା ବେଳେ, ଅଭିଯୁକ୍ତ ଜଣକ ଉତ୍ୟକ୍ତ ହୋଇ ନିଜର ଅନ୍ୟ ସହଯୋଗୀ ମାନଙ୍କ ସହ ମିଶି ଅଭିଯୋଗକାରୀଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲେ ।

## ଠିକ୍ ସମୟରେ ରେଳ ଚଳାଚଳ ଓ ଅନ୍ୟାନ୍ୟ ଦାବିରେ ଏସୟୁସିଆଇ ପକ୍ଷରୁ ବିକ୍ଷୋଭ




କଟକ(ନିପ୍ର): ସମସ୍ତ ଲୋକାଲ, ଏକ୍ସପ୍ରେସ, ସୁପରଫାଷ୍ଟ, ବନ୍ଦେ ଭାରତ ଓ ଶତାବ୍ଦୀ ରେଳଗାଡ଼ିର ଚଳାଚଳକୁ ସମାନୁବର୍ତ୍ତିତ କରିବା, ରେଳଗାଡ଼ିଗୁଡ଼ିକୁ ବାରମ୍ବାର ବାତିଲ ବନ୍ଦ କରିବା, ସମସ୍ତ ରେଳ ଗାଡ଼ିରେ ଆବଶ୍ୟକ ସଂଖ୍ୟାକ ସ୍ଲିପର ଓ ସାଧାରଣ ବଗି ସଂଯୋଗ କରିବା, ଚଳନ୍ତା ରେଳ ଗାଡ଼ିରେ ନିୟମିତ ଜଳ ଯୋଗାଣ କରିବା, ଷ୍ଟେସନ ମାନଙ୍କରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା କରିବା, ରେଳଗାଡ଼ିର ସୌଚାଳୟ ଓ ବଗିଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ରିହାତି ବ୍ୟବସ୍ଥା ପୁର୍ନବାର ଲାଗୁ କରିବା ଆଦି ଦାବିରେ ଆଜି ରେଳ ଷ୍ଟେସନ ସମ୍ମୁଖରେ ଏସୟୁସିଆଇ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭ ସ୍ଥଳରୁ ଦଳର ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ବସନ୍ତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି । ବିକ୍ଷୋଭ କାର୍ଯ୍ୟକ୍ରମରେ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ବବି ବଳବନ୍ତ ରାୟ, ଭାଗ୍ୟରବି ଦାସ, ଦୀପକ ଦାସ, ତରୁଣ ସେନ ନାୟକ, ଇଷାଧର, ଶିବାନୀ ସାହୁ ଓ ସିପ୍ରା ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ପୋଖରୀରେ ବୁଡ଼ି ନାବାଳକ ମୃତ

କଟକ(ନିପ୍ର): ସ୍ଥାନୀୟ କଦମ ଏ ରସୁଲ ନିକଟରେ ଥିବା ପୋଖରୀରେ ବୁଡ଼ି ଜଣେ ନାବାଳକର ମୃତ୍ୟୁ ଘଟିଛି । ମୃତ ନାବାଳକ ହେଲେ କୁଡାଖାଇ ଗଳିର ଏସକେ ସାହାନୱାଜ (୧୫) । ସୂଚନାଯୋଗ୍ୟ ଶନିବାର ମଧ୍ୟାହ୍ନ ୧୨ଟା ବେଳେ ନାବାଳକ ଜଣକ କୌଣସି କାରଣବଶତଃ ପୋଖରୀରେ ବୁଡ଼ି ଯାଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ । ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ ସର୍ଚ୍ଚ ଅପରେସନ ପରେ ପୋଖରୀରୁ ନାବାଳକ ସାହାନୱାଜର ମୃତ ଦେହ ଉଦ୍ଧାର କରାଯାଇଥିଲା। ତେବେ ପୋଖରୀ ଦୀର୍ଘ ବର୍ଷ ଧରି ସଫା ହୋଇନଥିବା ବେଳେ ଉଦ୍ଧାରକାରୀ ଦଳଙ୍କୁ ସର୍ଚ୍ଚ ଅପରେସନ ବେଳେ ଅନେକ ଅସୁବିଧାର ସାମନା କରିବାକୁ ପଡ଼ିଥିଲା । ଅପରପକ୍ଷରେ ସିଏମସି ପକ୍ଷରୁ ପୋଖରୀର କୌଣସି ରକ୍ଷଣାବେକ୍ଷଣ କରାଯାଉ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ।

## ୱାକଫ ସଂଶୋଧନ ଆଇନ ବିରୋଧରେ ସଂଖ୍ୟାଲଘୁ ସଂଗଠନ ପକ୍ଷରୁ ବିକ୍ଷୋଭ

କଟକ(ନିପ୍ର): କଟକରେ ୱାକଫ ସଂଶୋଧନ ଆଇନ ବିରୋଧରେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶନିବାର କଟକର ୪୦ଟି ମସଜିଦ କମିଟି ଓ ବିଭିନ୍ନ ମୋହଲ୍ଲା କମିଟିର ହଜାର ହଜାର ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଆରଏମଏସର ଆବାହକ ପ୍ରଫେସର ଡାକ୍ତର ସମୀ ସଲୀମଙ୍କ ଆହ୍ୱାନକ୍ରମେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ସଂଖ୍ୟାରେ ସାମାଜିକ କର୍ମୀମାନେ ଏକତ୍ରିତ ହୋଇ କଟକ ବାଖରାବାଦ ସ୍ଥିତ ଗାନ୍ଧୀ ଭବନରୁ ଏକ ପଦଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ




ଅଫିସ ନିକଟରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ଓ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା । ଭାରତୀୟ ସମ୍ବିଧାନର ମୂଳ ଡାଞ୍ଚା ଏଭଳି ଆଇନ ଦ୍ୱାରା ପ୍ରଭାବିତ ହେବ ବୋଲି ଆନ୍ଦୋଳନକାରୀ ମାନେ ମତ ଦେଇଛନ୍ତି । ଏହି ବିକ୍ଷୋଭ ପ୍ରଦର୍ଶନ ସମୟରେ ବିହାର ମୁଖ୍ୟମନ୍ତ୍ରୀ ନିତିଶ କୁମାର ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଆଂଚଳିକ ଦଳ ସଂଖ୍ୟାଲଘୁ ଭୋଟ ହାତେଇବା ପରେ ୱାକଫ ବିଲକୁ ସମର୍ଥନ ଦେଇ ସଂଖ୍ୟାଲଘୁ ବିରୋଧୀ କାମ କରିଛନ୍ତି ବୋଲି ମୁସଲିମ ବୁଦ୍ଧିଜୀବିମାନେ ମତ ଦେଇଛନ୍ତି । ଏହାଛଡ଼ା ବିଜେଡ଼ି ଦଳର ଆଭିମୁଖ୍ୟ ପ୍ରତି ମଧ୍ୟ ସଂଖ୍ୟାଲଘୁ ସଂଗଠନ ପକ୍ଷରୁ ସମାଲୋଚନା କରାଯାଇଥିଲା । ଏହି ଅବସରରେ ଆଇନ ପ୍ରତ୍ୟାହାର ଦାବିରେ ସଂଖ୍ୟାଲଘୁ ସଂଗଠନ ପକ୍ଷରୁ ରାଷ୍ଟ୍ରପତି ଓ ସର୍ବୋଚ୍ଚ ନ୍ୟାୟାଳର ବିଚାରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା ।

# ଜମିଲା ଐତିହାସିକ ୩୫ ମୌଜା ପଣାଯାତ୍ରା ମେଳଣ

କୃଷ୍ଣପ୍ରସାଦ(ନିପ୍ର): ଐତିହାସିକ ପଣାଯାତ୍ରା ମେଳଣ ଧୁମଧାମରେ ପାଳିତ ହୋଇଛି । ୩୫ ମୌଜା ପଣାଯାତ୍ରା ପରିଚାଳନା କମିଟି ତରଫରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଚଳିତ ମାସ ୧୩ ତାରିଖଠାରୁ ଠାକୁରମାନେ ପଡ଼ିଆରେ ବିରାଜମାନ କରିଥିଲେ । ଶନିବାର ସକାଳ ୬ଟାରେ ମହାମିଳନ ହୋଇଥିଲା । ପରେ ଠାକୁର ମାନେ ନିଜ ନିଜ ଗମ୍ଭୀରାକୁ ପ୍ରସ୍ଥାନ କରିଛନ୍ତି । ତିତିପ ପଞ୍ଚାୟତ ଦେଉଳପଡ଼ା ଠାରେ ପାରିକୁଦର ଆରାଧ୍ୟ ଦେବ ବାବା କମଳେଶ୍ୱରଙ୍କ ପୀଠରେ ୭୮ ତମ ପଣାଯାତ୍ରା ଅନୁଷ୍ଠିତ ହୋଇଥିଲା ।



ଅଞ୍ଚଳର ୧୭ ଠାକୁର ପିଠାଧୀଶ କମଳେଶ୍ୱରଙ୍କ ନିମନ୍ତ୍ରଣ କ୍ରମେ ପାଟ ପଟୁଆରରେ ପଡ଼ିଆରେ ବିରାଜ ମାନ କରିଥିଲେ । ୫ ଦିନ ଧରି ଚାଲିଥିବା ଏହି ପଣାଯାତ୍ରା ମହୋତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ମନୋରଞ୍ଜନ ଲାଗି ଖୋଲା ମଞ୍ଚରେ ସୂର୍ଯ୍ୟ ମନ୍ଦିର ଓ ବିଶ୍ୱ ଦରବାର ଗଣନାଟ୍ୟ ୫ ଦିନ ଯାତ୍ରା ପରିବେଷଣ କରିଥିଲେ । ଭାରତଲୀଳା, ସଂକୀର୍ତ୍ତନ, ସମରକଳା ପାଇକ ଆଖଡ଼ା ଲୋକଙ୍କୁ ବେଶ ଆକୃଷ୍ଟ କରିଥିଲା । ପଣା ଯାତ୍ରା ପଡ଼ିଆରେ ୭୦୦ରୁ ଅଧିକ ବ୍ୟବସାୟୀ ପସରା ପକାଇଥିଲେ । ଶନିବାର ସକାଳ ୬ଟାରେ କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ ଓ ସମ୍ପାଦକ ଦିଲ୍ଲୀପ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ପଣା ଯାତ୍ରା ମେଳଣ ମଣ୍ଡପରେ ହୋମ ଯଜ୍ଞ, ଘୃତାହୁତି ଦିଆଯାଇଥିଲା । ପରେ ୧୮ ଠାକୁରଙ୍କ ସେବାୟତ ଓ ନିଯୋଗୀ ମାନେ ବାଦ୍ୟ ଘଣ୍ଟଘଣ୍ଟା ନାଦରେ ଠାକୁରଙ୍କୁ ମେଳଣ ମଣ୍ଡପ ପରିକ୍ରମା କରାଇ ଅବିର ଖେଳ ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁ ଭକ୍ତଙ୍କ ହରିବୋଲ ହୁଳହୁଳି ଶବ୍ଦରେ ପଣା ପଡ଼ିଆ ପ୍ରକମ୍ପିତ ହୋଇ ଉଠିଥିଲା । ଶେଷରେ ପଣା ଯାତ୍ରା ପଡିଆକୁ ଆସିଥିବା ଠାକୁରମାନେ ପିଠାଧୀଶ କମଳେଶ୍ୱରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ପ୍ରସ୍ଥାନ କରିଥିଲେ । ୩୫ ମୌଜା କମିଟି ତରଫରୁ ସ୍ୱେଚ୍ଛାସେବୀ ସଂଗଠନ, ଭାଷ୍ୟକାର ଓ ବିମାନରେ ବିଜେ କରିଥିବା ଠାକୁରଙ୍କ ଟାହ୍ୟା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତଯୋଗୀଙ୍କୁ ମାନପତ୍ର ସହ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସଆଇ ଚନ୍ଦ୍ରଶେଖର ନାୟକ, ଏସଆଇ ସୁଜିତ କୁମାର ସାହୁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

## ନିମାପଡ଼ା ଏନ୍ଏସି ସ୍ୱତନ୍ତ୍ର ବୈଠକକୁ କାଉନସିଲରଙ୍କ ବର୍ଜନ

ନିମାପଡ଼ା(ନିପ୍ର): ନିମାପଡ଼ା ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ବୈଠକ ଶନିବାର ଡ଼କା ଯାଇଥିଲେ ହେଁ ୯ ଜଣ କାଉନସିଲର ବୈଠକକୁ ବର୍ଜନ କରିବା ସାଧାରଣରେ ଆଲୋଚନାର ବିଷୟବସ୍ତୁ ପାଲଟିଛି । ବିଜେଡ଼ି ଦଳରେ ଥାଇ ଅଧ୍ୟକ୍ଷା ସସ୍ମିତା ସାହୁ ନିର୍ବାଚିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବିଜେପିକୁ ସମର୍ଥନ କରି ଅନାସ୍ଥା ପ୍ରସ୍ତାବରେ ଜିତିଥିଲେ । ସେବେଠାରୁ ବିଜେପି ଓ ବିଜେଡ଼ି ସମର୍ଥିତ ସଭ୍ୟ/ ସଭ୍ୟାଙ୍କ ମଧ୍ୟରେ ଦୂରତା ବୃଦ୍ଧି ପାଇଥିଲା । ବିଜେଡ଼ି ସଦସ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ବେଳେ ବିଜେପି ସଦସ୍ୟଙ୍କ ସହଯୋଗରେ ସେ ଜିତିଥିଲେ । ସେବେଠାରୁ ଉଭୟ ଗୋଷ୍ଠୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା । ଯେକୌଣସି ବୈଠକ ପୂର୍ବରୁ ସଭ୍ୟ/ ସଭ୍ୟାମାନେ ଏକତ୍ରିତ ହୋଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରି ଆସୁଥିଲେ ହେଁ ଶନିବାର ବୈଠକ ନେଇ କୌଣସି ପୂର୍ବ ଆଲୋଚନା ହୋଇ ନଥିଲା ବୋଲି ଅନେକ ସଭ୍ୟ ସୂଚନା ଦେଇ ଅଧ୍ୟକ୍ଷାଙ୍କୁ ବିରୋଧ ଜାରି ରହିବ ବୋଲି ପରୋକ୍ଷରେ କହିଥିଲେ ।

# ଆରପାରିରେ ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି

## ନିରପେକ୍ଷତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ସ୍ମରଣୀୟ ରହିବେ:ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୯।୪(ନିପ୍ର):** ନିଷ୍ଠାବାନ ବ୍ୟକ୍ତିତ୍ୱ ଓ ସଚ୍ଚୋଟ ସାମ୍ବାଦିକତା ପାଇଁ ସୁପରିଚିତ ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି (୭୦)ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଗତ କିଛିବର୍ଷ ଧରି କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଚିକିତ୍ସିତ ହେଉଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ଗତ ଦୁଇଦିନ ତଳେ ତାଙ୍କୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ପ୍ରତ୍ୟୁଷରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତି ଦୀର୍ଘବର୍ଷ ଧରି ବିଭିନ୍ନ ସମ୍ବାଦପତ୍ର ଓ ଗଣମାଧ୍ୟମ ସଂସ୍ଥା ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ । ଜଣେ ସମର୍ପିତ ଓ ନିଚ୍ଛକ ସାମ୍ବାଦିକ ଭାବେ ତାଙ୍କର ଲୋକପ୍ରିୟତା ସବୁ ମହଲରେ ରହିଥିଲା। ଦୈନିକ ସମ୍ବାଦପତ୍ର 'ଦିନଲିପି'ରୁ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି ବିଭିନ୍ନ ସମୟରେ ନ୍ୟୁଜ୍ ଅଫ୍ ଦି ୱାଲର୍ଡ଼, ଦି ଏସିଆନ ଏଜ୍, ପର୍ଯ୍ୟବେକ୍ଷକ ସମ୍ବାଦପତ୍ର ସହିତ ହିନ୍ଦୁସ୍ତାନ ସମାଚାର ଭଳି ସମ୍ବାଦ ସରବରାହ ସଂସ୍ଥାରେ ମଧ୍ୟ ସାମ୍ବାଦିକ ଭାବେ ଓତପ୍ରୋତ ଭାବେ ଜଡ଼ିତ ଥିଲେ। ନବେ ଦଶକରେ ସ୍ୱର୍ଗତ ମହାନ୍ତି ପାଇଥିବା ସରକାରୀ ବାସଗୃହକୁ ସେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଫେରାଇ ଦେଇଥିଲେ ଯେଉଁଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଙ୍କୁ ଜଣେ ଆଦର୍ଶସ୍ଥାନୀୟ ସାମ୍ବାଦିକ ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ରେ ଟ୍ୱିଟ୍ କରି ଲେଖିଛନ୍ତି, ରତିଭାଇ ଭାବରେ ରାଜ୍ୟର ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେ ବେଶ୍ ଜଣାଶୁଣା ଥିଲେ। ତାଙ୍କର ଦୀର୍ଘ ସାମ୍ବାଦିକତା ଜୀବନରେ ସଚ୍ଚୋଟତା, ନିରପେକ୍ଷତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ସ୍ମରଣୀୟ ରହିବେ। ସ୍ୱର୍ଗତ ମହାନ୍ତିଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ୟୁନିଟ୍-୩ସ୍ଥିତ ଖାରବେଳ ନଗର ବାସଭବନରେ ରାଜଧାନୀର ବରିଷ୍ଠ ସାମ୍ବାଦିକମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପ୍ରଦୋଷ ପଟ୍ଟନାୟକ, ଦିଲ୍ଲୀପ ବିଶୋୟୀ, ପ୍ରଭୁ କଲ୍ୟାଣ ମହାପାତ୍ର, ସନ୍ଦୀପ ମିଶ୍ର, ଦେବୀ ପଟ୍ଟନାୟକ, କେ. ରବି, ବିରୁପାକ୍ଷ ତ୍ରିପାଠୀ, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତ ପ୍ରମୁଖ। ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, 'ଦିନଲିପି'ର ପରିଚାଳନା କର୍ତ୍ତୃପକ୍ଷ ଅମରେନ୍ଦ୍ର ଦାଶ ଓ ଅନ୍ୟମାନେ ଶେଷ ଦର୍ଶନ କରିଥିଲେ। ସଂପାଦକ 'ଦିନଲିପି' ଅନ୍ନପୂର୍ଣ୍ଣା ଦାଶ ଶୋକ ପ୍ରକଟ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇକନ୍ୟା ପୂଜା, ବନ୍ଦନା, ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଲକ୍ଷ୍ମୀସାଗରଠାରେ ରାଜ୍ୟସ୍ତରୀୟ ପୋଷଣ ପକ୍ଷ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଲୋକସେବା ଭବନରେ ସ୍ପେନର ରାଷ୍ଟ୍ରଦୂତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଚୋରି ବାଇକ ଉଦ୍ଧାର: ଜଣେ ଗିରଫ

**ନିରାକାରପୁର,୧୯/୪(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ମଞ୍ଜରିଆପାଟଣା ଗ୍ରାମର ମନୋଜ ଭୋଇଙ୍କ ଏକ ବାଇକ ଗତବର୍ଷ ମାର୍ଚ୍ଚ ୨୧ ତାରିଖରେ ଚୋରି ହୋଇଥିବା ନିରାକାରପୁର ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଥାଉ କି ମନୋଜ ନିଜର ଟେଷ୍ଟ ହାଉସ କାର୍ଯ୍ୟରେ ସାହାଯ୍ୟ କରିବାକୁ ଟାଙ୍ଗୀ ବରପାଟଣା ସାହି ଅଜୁ ଓରଫ ଶ୍ରୀକାନ୍ତ ମହାପାତ୍ର (୩୦) କୁ ରଖିଥିଲେ। ସେ ମନୋଜର ବାଇକ ଟିକୁ ନେଇ ଗତବର୍ଷ ମାର୍ଚ୍ଚରେ ନେଇ ପକାଇଥିଲା। ପରେ ବହୁ ଖୋଜାଖୋଜି କରି ଅଜୁର ଖୋଜଖବର ପାଇ ନଥିଲେ। ଏ ବିଷୟରେ ଗତବର୍ଷ ମାର୍ଚ୍ଚ ୨୧ ତାରିଖରେ ନିରାକାରପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ନିରାକାରପୁର ପୁଲିସ ଟାଙ୍ଗୀ ବରପାଟଣା ସାହିରେ ଚଢ଼ାଉ କରି ଅଜୁକୁ ଗିରଫ କରିବ ସହିତ ବାଇକ୍‌କୁ ମନୋଜକୁ ହସ୍ତାନ୍ତର କରାଯାଇଛି। ଶନିବାର ଅଭିଯୁକ୍ତ ଅଜୁକୁ କୋର୍ଟଚାଲାଣ କରାଯାଇଥିବାବେଳେ ଏସଆଇ ଦୀପଲିଶା ନାୟକ ଓ ଅନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ଡବଲ ଇଞ୍ଜିନ ସରକାର ବିଜୁଙ୍କ ଛବି ନଷ୍ଟ କରିବାକୁ ବସିଛନ୍ତି: ବଦ୍ରି ପାତ୍ର

**ଭୁବନେଶ୍ୱର,୧୯।୪(ନିପ୍ର):** ନବୀନ ପଟ୍ଟନାୟକ ହେଉଛନ୍ତି ନିର୍ବିବାଦୀୟ ନେତା । ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ର କରି ଦଳ ଗଢ଼ା ହୋଇଥିଲା । କିନ୍ତୁ ଆଜି ତଳ ସ୍ତରରୁ କିଛି କର୍ମୀ ମାନଙ୍କର ମାନସିକତା ଦୁର୍ବଳ ହୋଇ ଯାଇଛି । ତାକୁ ସଜାଡିବାର ଆବଶ୍ୟକତା ରହିଛି । ପୁଣି ଥରେ ଦଳକୁ ସଂଗଠିତ କରି ଆଗକୁ ବଢିବାକୁ ହେବ । ତଳ ସ୍ତରରେ କର୍ମୀଙ୍କୁ ସାହସ ଦେବାକୁ ହେବ । କିଛି ବ୍ୟକ୍ତିଙ୍କ ପାଇଁ ଦଳ ପରାଜିତ ହୋଇଛି ବୋଲି ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ର କହିଛନ୍ତି । ଆମେ ଦୋଷୀ। ଆମ ପାଇଁ ଏକ ମୂଲ୍ୟବାନ ଦିନ ନବମ ଥର ପାଇଁ ନବୀନଙ୍କୁ ସଭାପତି କରିବା। ଡବଲ ଇଞ୍ଜିନ ସରକାର ବିଜୁଙ୍କ ଛବି ନଷ୍ଟ କରିବାକୁ ବସିଛନ୍ତି ବୋଲି ସେ କହିଛନ୍ତି ।

## ପ୍ରତିଷ୍ଠିତ ବ୍ୟବସାୟୀ ଗୋବିନ୍ଦ ସିଂଘାନିଆ ଗିରଫ

**ଭୁବନେଶ୍ୱର,୧୯।୪(ନିପ୍ର):** ଝାରସୁଗୁଡାର ପ୍ରତିଷ୍ଠିତ ବ୍ୟବସାୟୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ସହଯୋଗୀ ବିଜେଡ଼ି ନେତା ଗୋବିନ୍ଦ ସିଂଘାନିଆ ଝାରସୁଗୁଡା ପୋଲିସ ଦ୍ୱାରା ଛତିଶଗଡ଼ ରାୟପୁରରୁ ଗିରଫ । ତିନିଦିନ ତଳେ ପୋଲିସ ରେଡ଼ କରିଥିବା ଜୁଆଖେଳରେ ୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମାଷ୍ଟର ମାଇଣ୍ଡ ଗୋବିନ୍ଦ ସିଂଘାନିଆ ଫେରାର ଥିଲା ।

## ଦଳର ଏଜେଣ୍ଡା କ୍ଲିଅର ହେବା ଦରକାର: ପ୍ରଫୁଲ୍ଲ ମଲ୍ଲିକ

**ଭୁବନେଶ୍ୱର,୧୯।୪(ନିପ୍ର):** ଦଳୀୟ ବୈଠକକୁ ଡକାଯାଇନଥିବାରୁ ପୁଣି ଥରେ କ୍ଷୋଭ ପ୍ରକାଶ କରିଛନ୍ତି ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ। ସେ କହିଛନ୍ତି ମୁଁ ରାଜ୍ୟ ପରିଷଦ ସଦସ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ଜିଲ୍ଲା ସଭାପତି ରହିଥିଲି । କିନ୍ତୁ ତା ପରେ ବି ଦଳର ଆଜିର ବୈଠକକୁ ମୋତେ ଡ଼କା ଗଲା ନାହିଁ। କାହିଁକି ଡ଼କା ଗଲାନି ଯେଉଁମାନେ ଦାୟିତ୍ୱରେ ଅଛନ୍ତି କହିପାରିବେ। ମୁଁ ମୋ ମତ କ୍ଲିଅର ଭାବେ କହିଛି ଦଳକୁ ସଂଗଠିତ କରିବାକୁ ହେଲେ ସମସ୍ତଙ୍କୁ ସାଙ୍ଗରେ ନେଇକି ଯିବାକୁ ହେବ ।ମୁଁ ଆଜି ବି କହୁଛି ଦଳର ଏଜେଣ୍ଡା କ୍ଲିଅର ହେବା ଦରକାର।

## ନୂତନ ରାସନ କାର୍ଡ଼ ପ୍ରସ୍ତୁତି ନିମନ୍ତେ ଇ-କେୱାଇସି ଯାଞ୍ଚ ନିହାତି ଜରୁରୀ

**ପୁରୀ,୧୯/୪(ନିପ୍ର):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରାଯାଉଛି । ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ଼ ପ୍ରସ୍ତୁତି ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେ.ୱାଇ.ସି ଯାଞ୍ଚ ନିହାତି ଜରୁରୀ ଅଟେ । ଏଣୁ ଜିଲ୍ଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେ.ୱାଇ.ସି ଯାଞ୍ଚ କରାଇ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

## ଜେଇଇ ମେନରେ କିସ୍‌ର ୧୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ଭୁବନେଶ୍ୱର,୧୯।୪(ନିପ୍ର):** ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଶନିବାର ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭ଜଣ ଛାତ୍ରୀ ଥିବା ବେଳେ ୫ଜଣ ଛାତ୍ର ରହିଛନ୍ତି । ଏମାନେ ଜେଇଇ ଆଡଭାନସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପାଠ ପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି । ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହ ଶ୍ରୀ ସାମନ୍ତ କହିଛନ୍ତି ପ୍ରତିବର୍ଷ କିସର ଛାତ୍ରଛାତ୍ରୀମାନେ ଜେଇଇ ପରୀକ୍ଷାରେ ସଫଳତା ହାସଲ କରିଆସୁଛନ୍ତି । କେବଳ ଜେଇଇ ନୁହେଁ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଆସୁଛନ୍ତି । ସେମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯିବା ସହ ଗୁଣାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଥିବାରୁ ସେମାନେ ଏଭଳି ସଫଳତା ହାସଲ କରିପାରୁଛନ୍ତି । ଏଥିପାଇଁ ଶ୍ରୀ ସାମନ୍ତ କିସ୍‌ର ସମସ୍ତ ଅଧାପକ ଅଧାପିକା ତଥା କର୍ମଚାରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

## ଯୁବ ଉଦ୍ୟୋଗୀମାନଙ୍କୁ ଅନୁପ୍ରାଣିତ କରିବ: ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,୧୯।୪(ନିପ୍ର):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ବଲାଙ୍ଗିରର ବରକାନି ଠାରେ 'ଓଭୋ ଫାର୍ମ୍ ଅଣ୍ଡା ପ୍ରକ୍ରିୟାକରଣ କାରଖାନା'ର ଶୁଭାରମ୍ଭ କରିବା ସହ ପରିଦର୍ଶନ କରିଛନ୍ତି । ଆକାଂକ୍ଷା ଜିଲ୍ଲାରେ ଏହି ପ୍ଲାଣ୍ଟର ସ୍ଥାପନା ଆତ୍ମବିଶ୍ୱାସ ଓ ଦୃଢ କଳ୍ପନାର ପ୍ରତିଫଳନ ତଥା ବଲାଙ୍ଗୀର ସମେତ ରାଜ୍ୟ ପାଇଁ ଏକ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜିର ପଦକ୍ଷେପ ଦ୍ୱାରା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବଲାଙ୍ଗିର ଆଉ ଗୋଟିଏ ପାଦ ଆଗକୁ ବଢିଲା । ବଡ କାମ କରିବା ପାଇଁ ହେଲେ ବଡ ଭାବିବାକୁ ପଡେ । ବଲାଙ୍ଗିର ଭଳି ଆକାଂକ୍ଷୀ ଜିଲ୍ଲାରେ ଏଭଳି ବିଶ୍ୱମାନର ପ୍ଲାଣ୍ଟର କଳ୍ପନାକୁ ପ୍ରଶଂସା କରି ସେ କହିଛନ୍ତି ବଲାଙ୍ଗୀର ଭଳି ଅଞ୍ଚଳରୁ ସ୍ଥାପନା ହୋଇଥିବା ଏହି ପ୍ଲାଣ୍ଟର ଏକ ଗ୍ଲୋବାଲ ମାର୍କେଟ୍ ଅଛି । ଏଠାରେ ଉତ୍ପାଦିତ ହେଉଥିବା ଏଗ୍ ପାଉଡର ବିଶ୍ୱବଜାରକୁ ଯିବ । ଏହି ପ୍ଲାଣ୍ଟ୍ ଦ୍ୱାରା ସ୍ଥାନୀୟ ଅର୍ଥନୀତିକୁ ବଳ ମିଳିବ। ସ୍ଥାନୀୟ ଯୁବାଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ମିଳିବ । ସବୁଠାରୁ ବଡ଼ କଥା ହେଲା, ବଲାଙ୍ଗୀରର ଆକାଂକ୍ଷୀ ଯୁବବର୍ଗଙ୍କୁ ଏଣ୍ଟ୍ରପ୍ରିନ୍ୟୁଅର ହେବା ପାଇଁ ଏହି ଶିଳ୍ପ ଉତ୍ସାହିତ କରିବ । ସ୍ଥାନୀୟ ଅର୍ଥନୀତିକୁ ମଜଭୁତ କରିବା ପାଇଁ ଉଦ୍ୟମ କରିଥିବାରୁ ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର ଏବଂ ସହଯୋଗୀ ସମରେନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନିଜ ଅଞ୍ଚଳ ପ୍ରତି ଆସକ୍ତି, ମମତା ଥିବା କାରଣରୁ ସେ ଏହି କାରଖାନାକୁ ସାକାର ରୂପ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ସାମ୍ପ୍ରତିକ ସମୟରେ କୃଷି ଉଦ୍ୟୋଗ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଫଳରେ ଉତ୍ପାଦନ ପ୍ରକ୍ରିୟା ସମ୍ପ୍ରସାରଣ ହୋଇପାରୁଛି। ଏହିଭଳି ଭାବରେ ଲୋକାର୍ପିତ 'ଏଗ୍ ପ୍ରୋସେସିଂ ପ୍ଲାଣ୍ଟ୍' ଏକ ପ୍ରଶଂସନୀୟ ପଦକ୍ଷେପ। ଏହି କାରଖାନାରେ ଉତ୍ପାଦନ ହେଉଥିବା ଅଣ୍ଡା ଓ ବିଭିନ୍ନ ଉତ୍ପାଦର ଗୁଣବତ୍ତା ଉଚ୍ଚମାନର । ବଲାଙ୍ଗିର ଯୁବକମାନେ ବାହାର ରାଜ୍ୟକୁ ରୋଜଗାର ପାଇବା ଆଶାରେ ଯାଉଥିଲେ । ତେବେ ଆଜିର ଏହି ଓଭୋ ଫାର୍ମ ବଲାଙ୍ଗିରରେ ରୋଜଗାର ଏବଂ ବିକାଶର ମୂଳଦୁଆ ପକେଇଲା । ଏହି କାରଖାନା ରାଜ୍ୟର ଯୁବ ଉଦ୍ୟୋଗୀ ତଥା ଭାରତବର୍ଷର ଦୁର୍ଗମ ଅଞ୍ଚଳର ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢାଇବା ସହ ଅନୁପ୍ରାଣିତ କରିବ।

## ଛତିଶା ନିଯୋଗ ବୈଠକ

**ପୁରୀ,୧୯/୪(ନିପ୍ର):** ଏପ୍ରିଲ ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସହ ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଆଜି ଅପରାହ୍ନରେ ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଅକ୍ଷୟ ତୃତୀୟ ଠାରୁ ଆରମ୍ଭ ହେବାକୁଥିବା ଚନ୍ଦନଯାତ୍ରା ପାଇଁ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ନୀତି ସବ୍ କମିଟିରେ ଚୁଡାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ଛତିଶାନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଏହାସହ ନୀଳାଦ୍ରି ମହୋଦୟ, ନୃସିଂହ ଜନ୍ମ,ଭଉଁରୀ ତିଥି ପାଇଁ ମଧ୍ୟ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଚୂଡାନ୍ତ ହୋଇଛି। ଭକ୍ତମାନେ କିଭଳି ସୁନ୍ଦର ଭାବେ ଦର୍ଶନ କରିପାରିବେ ସେ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି।

## ୱକଫ ବିଲ୍‌ରେ ସଂଶୋଧନ ଆବଶ୍ୟକତା ଥିଲା: ଦୁଶ୍ୟନ୍ତ ଗୌତମ

**ଭୁବନେଶ୍ୱର,୧୯।୪(ନିପ୍ର):** ଗରିବଙ୍କ ହକ୍ କେବଳ ଗରିବଙ୍କୁ ହିଁ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ "ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ"କୁ ପାଥେୟ କରି ଗରିବକଲ୍ୟାଣ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଯାଉଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରିବବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ସଂକଳ୍ପ ନେଇଛନ୍ତି । ୨୦୨୫ ମସିହା ଏପ୍ରିଲ ୨ ଏକ ବଡ ଐତିହାସିକ ଦିନ ଅଟେ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱକଫ ବିଲ୍ ପାରିତ ହୋଇଛି। ଦେଶ ଓ ଲୋକଙ୍କ ହିତ ପାଇଁ ଏହି ବିଲ୍ ପାରିତ କରାଯାଇଛି। ଏହି ଐତିହାସିକ ନିଷ୍ପତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଏହି ବିଲ୍ ପାରିତ ହେବା ଫଳରେ ୱକଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତିକୁ ରକ୍ଷା କରାଯାଇ ପାରିବ। ୱକଫ୍ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢିପାରିବେ। ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ସଂଶୋଧିତ ୱାକଫ୍ ଅଧିନିୟମକୁ ନେଇ ଅନେକ ତର୍କ ବିତର୍କ ଚାଲିଛି। ଏହି ସଂଶୋଧିତ ଅଧିନିମୟମ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ ଏବଂ ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଦୁଶ୍ୟନ୍ତ ଗୌତମ କହିଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ "ୱକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା"ରେ ଯୋଗଦେଇ ଶ୍ରୀ ଗୌତମ କହିଛନ୍ତି ଯେ, 'ୱକଫ'ର ଅର୍ଥ ହେଉଛି 'ଦାନ'। ମାତ୍ର ଦାନ ସୂତ୍ରରେ ମିଳୁଥିବା ସଂପତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁନଥିଲା। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରିବ ମା' ଓ ଭଉଣୀମାନଙ୍କୁ ବଂଚିତ ରଖାଯାଉଥିଲା । ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକଫ ବୋର୍ଡ'ର ସଂପତ୍ତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରିବ ଏବଂ ମୁସଲମାନ ସମ୍ପ୍ରଦାୟର ମା' ଓ ଭଉଣୀମାନେ କେବଳ କଷ୍ଟ ଭୋଗୁଥିଲେ । କେବଳ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ 'ୱକଫ' ସଂପତିକୁ ହଡପ କରିନେଉଥିଲେ । ଅନେକ ସ୍ଥାନରେ ୱାକଫ୍ ଜାଗାରେ ବଡ଼ ବଡ ହୋଟେଲ ଓ ମଲ୍ ଆଦି ତିଆରି ହୋଇଥିବା ନେଇ ଅନେକ ପ୍ରମାଣ ରହିଛି । 'ୱକଫ' ସଂପତିର ଦୁରୁପଯୋଗକୁ ରୋକାଯାଇ ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲ ସଂଶୋଧନ ନିହାତି ଆବଶ୍ୟକତା ଥିଲା ବୋଲି ଶ୍ରୀ ଗୌତମ କହିଛନ୍ତି । ଏହି ଅଧିନିୟମ ବଳରେ ଦୁରୁପଯୋଗ ହେଉଥିବା ସମ୍ପତିର ରକ୍ଷା କରାଯାଇପାରିବ। ଏହି ଅଧିନିୟମ ବଳରେ କୌଣସି ମସ୍‌ଜିଦ୍, ଦରଗା କିମ୍ବା ଆସ୍ଥାସ୍ଥଳକୁ ଭଙ୍ଗାଯିବ ନାହିଁ। ମୁସ୍‌ଲମାନ ମାନଙ୍କ ନାମରେ ଥିବା କୌଣସି ସମ୍ପତିକୁ ଛୁଆଁ ଯିବ ନାହିଁ। ଯେଉଁମାନଙ୍କ ନାଁରେ ଯେଉଁ ସମ୍ପତି ରହିଛି, ସେମାନେ ହିଁ ତାହାର ମାଲିକ ରହିବେ।

# ଇଡି ଅଫିସ ଘେରାଉ କଲା ପ୍ରଦେଶ ଯୁବ କଂଗ୍ରେସ




**ଭୁବନେଶ୍ୱର,୧୯/୪(ନିପ୍ର):** ଶନିବାର ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର କର୍ମୀମାନେ ଏକ ର୍‍ୟାଲିରେ ଯାଇ ଇଡି ଅଫିସ ସମ୍ମୁଖରେ ଥିବା ପୋଲିସ ବାରିକେଡ ଭାଙ୍ଗିଥିଲେ। ପୋଲିସ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରାୟ ଦୁଇଘଣ୍ଟା ଧରି ଧସ୍ତାଧସ୍ତି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ରଣଜିତ ପାତ୍ର କହିଛନ୍ତି ଯେ ଇଡି ବିଜେପିର ଏକ ଛାମୁଆ ସଂଗଠନ ଭାବେ କାର୍ଯ୍ୟକରୁଛି। ଯେଉଁ ଅଣ କଂଗ୍ରେସ ଦଳର ନେତୃତ୍ୱ ବିଜେପିର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ ବୃଦ୍ଧି, ମହିଳା ନିର୍ଯ୍ୟାତନା, ଚାଷୀ ପ୍ରସଙ୍ଗ ଓ ବେକାରୀ ସମସ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ସଂସଦ ଭିତରେ ଏବଂ ବାହାରେ ଶାଣିତ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ମୋଦି ସରକାର ଅଗଣତାନ୍ତ୍ରିକ ଭାବେ ଇଡିର କାର୍ଯ୍ୟାନୁଷ୍ଠାନ ପ୍ରୟୋଗ କରୁଛନ୍ତି। ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଜୀ, ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଜୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୁଦ୍ଧରେ ଇଡି ଯେଉଁ ଚାର୍ଜସିଟ ଦାଖଲ କରିଛି ଏହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୁନା। ନ୍ୟାସନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଅ ମାମଲା ବିଜେପିର ଏକ ଚକ୍ରାନ୍ତମୂଳକ ପ୍ରସଙ୍ଗ। ଏଥିରେ ଦୁର୍ନୀତି ବା ବା ଅର୍ଥ କାରବାରର ଚିହ୍ନବର୍ଣ୍ଣ ହିଁ ନାହିଁ। କେବଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସହି ନପାରି ପ୍ରଧାନମନ୍ତ୍ରୀ ମୋଦି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ବଦନାମ କରିବାପାଇଁ ଏଥିରେ ଷଡ଼ଯନ୍ତ୍ର ହୋଇଛି। ରାହୁଲ ଗାନ୍ଧୀଙ୍କ ଜନପ୍ରିୟତା, ଦୁର୍ନୀତି ବିରୋଧୀ ସ୍ୱର ଏବଂ ଭାରତର ଅଖଣ୍ଡତା ରକ୍ଷାକରିବା ପାଇଁ ଦୁର୍ବାର ଆନ୍ଦୋଳନ ମୋଦିଙ୍କୁ ଭୟଭୀତ କରିଛି। ତେଣୁ ସେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ରାଷ୍ଟ୍ରର ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଆଉ ନିରପେକ୍ଷ ନାହିଁ। ବିଶେଷ କରି ଇଡି ଆଉ ସିବିଆଇ ମୋଦିଙ୍କର ହତିଆର ସାଜିଛି। ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ମୁକେଶ ଦେଶମୁଖ କହିଥିଲେ ଯେ ଏ ଅନ୍ୟାୟ ବିରୁଦ୍ଧରେ ଯୁବ କଂଗ୍ରେସ ନୀରବ ରହିବ ନାହିଁ। ଯୁବ କଂଗ୍ରେସ ମୋଦି ସରକାରଙ୍କ ସେଚ୍ଛାଚାରିତା ସଂଗ୍ରାମ ଜାରି ରଖିବ। ନ୍ୟାସନାଲ ହେରାଲ୍ଡ ଯାହାକୁ ନେଇ ବିଜେପି ତୁମ୍ବିତୋଫାନ କରୁଛି ତାହା ସ୍ୱାଧୀନତା ସଂଗ୍ରାମ ସମୟରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ୱର ଭାବେ କାର୍ଯ୍ୟ କରୁଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଏହାକୁ ସ୍ଥାପନ କରିଥିଲେ। ଆଜି ଦୁର୍ନୀତିରେ ବୁଡ଼ି ଯାଇଥିବା ଏବଂ ଦେଶର ଅଖଣ୍ଡତାକୁ ଭାଙ୍ଗୁଥିବା ମୋଦି ସରକାର ନ୍ୟାସନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଆ ପ୍ରସଙ୍ଗରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି। ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କର ହିଟଲରୀ ଶାସନର ତୀବ୍ର ନିନ୍ଦା କରିଥିଲେ। ମୋଦି ଶାସନ ବ୍ରିଟିଶ ଶାସନଠାରୁ ଆହୁରି ଭୟଙ୍କର ବୋଲି କହିଥିଲେ। ମୋଦିଙ୍କ ଫାସିବାଦ ବିରୁଦ୍ଧରେ ଯୁବକମାନେ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ।

## ନବୀନଙ୍କୁ ଟାର୍ଗେଟ୍ କଲେ ମନମୋହନ

**ଭୁବନେଶ୍ୱର,୧୯।୪(ନିପ୍ର):** ବୀନ ପଟ୍ଟନାୟକ ନବମ ଥର ବିଜେଡି ସଭାପତି ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ନବୀନଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ନବୀନ ବାବୁ ସବୁ ପରିସ୍ଥିତି ପାଇଁ ପ୍ରସ୍ତୁତ ରୁହନ୍ତୁ'। ସେ ଆହୁରି କହିଛନ୍ତି ଯେ, ବିଜେପି ଯାହା ଯାହା କହିଥିଲା ସବୁ ସତ ଥିଲା। କେନ୍ଦ୍ରୀୟ ଅନୁଦାନ ଗତ ୯ ବର୍ଷ ଭିତରେ ଆସିଛି ଓ କେତେ ଖର୍ଚ୍ଚ ହୋଇଛି ବୋଲି ଆମେ ତାଙ୍କୁ ପ୍ରଶ୍ନ ପଚାରିଥିଲୁ, ମାତ୍ର ଆମ ପ୍ରଶ୍ନର ଉତ୍ତର ଏଯାଏଁ ନବୀନ ଦେଇ ପାରିନାହାନ୍ତି । ସେମାନେ କେନ୍ଦ୍ରୀୟ ଅନୁଦାନର ଅପବ୍ୟବହାର କରିଛନ୍ତି। ନବୀନ ବାବୁ ଖାଲି ଫଲ୍ସ ନ୍ୟାରେଟିଭ୍ କହିଦେଲେ ହେବ ନାହିଁ। କହୁଛନ୍ତି ଯଦି; ଏକ, ଦୁଇ କରି କୁହନ୍ତୁ। କଣ କଣ ଫଲ୍ସ ନ୍ୟାରେଟିଭ୍ । ସେ କହିଲେ ଆମେ ତାର ଉତର ନିଶ୍ଚୟ ଦେବୁ। ଆମେ କହିଥିଲୁ, ରାଜ୍ୟରେ ଗଣତାନ୍ତ୍ରିକ ବ୍ୟବସ୍ଥା ନାହିଁ । ମନ୍ତ୍ରୀ ଓ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପାରୁନଥିଲେ। ତାଙ୍କ ଦଳରେ ଗଣତନ୍ତ୍ର ନଥିବା ମଧ୍ୟ କହିଥିଲୁ ବୋଲି କହିଛନ୍ତି ମନମୋହନ। ସେମାନେ ଉତର ଦେଇପାରିଲେନି



ମାନେ ସେମାନେ ଅଯୋଗ୍ୟ । ଏଣୁ ଓଡ଼ିଶାର ଲୋକେ ବିଜେଡିକୁ ପ୍ରତ୍ୟାଖାନ କରି ବିଜେପିକୁ ସୁଯୋଗ ଦେଲେ ବୋଲି ମନମୋହନ କହିଛନ୍ତି । ଗଣତନ୍ତ୍ରରେ ବିରୋଧୀ ରହିବା ଶୁଭଙ୍କର ବୋଲି ସେ କହିଛନ୍ତି। ୨୦୨୪ ନିର୍ବାଚନରେ ବିଜେଡି କାହିଁକି ହାରିଲା ସେନେଇ ବିଜେଡି ସୁପ୍ରିମୋ କହିଥିଲେ, ଗତ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ବିଜେଡି ହାରିଛି । ଫଲ୍ସ ନ୍ୟାରେଟିଭ୍ ପାଇଁ ଅଳ୍ପ ଭୋଟ୍ ରେ ହାରିଲୁ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ

CMYK